78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

The Prajatantra

ସାପ୍ତାହିକ

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୮ବର୍ଷ ❑ ସଂଖ୍ୟା-୦୬ ● କଟକ ● ବୁଧବାର ● ୧୪ ଅଗଷ୍ଟ-୨୦୨୪ ● କର୍କଟ-୨୯ ● ସାଲ୍ ୧୪୩୧

CUTTACK ● WEDNESDAY ● 14 AUGUST-2024 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

ଏସ୍‌ସିବିରେ ମହାପାପ

ଚିକିତ୍ସା ବାହାନାରେ ୨ ରୋଗୀଙ୍କୁ ଦୁଷ୍କର୍ମ

କାର୍ଡିଓଲୋଜି ଡାକ୍ତର ଗିରଫ
କମିଟି ଗଢ଼ିଲା ସ୍ୱାସ୍ଥ୍ୟ ବିଭାଗ

କଟକ,(ପିପିଏସ୍):

କଟକ ଏସ୍‌ସିବିକୁ ବିଶ୍ୱସ୍ତରୀୟ ମେଡିକାଲ୍ କରିବା ପାଇଁ ଉଦ୍ୟମ ଜାରିରହିଛି। ହେଲେ ସେହି ମେଡିକାଲ୍ ଉପରେ ଲାଗିଛି କଳଙ୍କର ଛିଟା। ମେଡିକାଲ୍‌କୁ ଚିକିତ୍ସା ହେବାକୁ ଆସିଥିବା ୨ଜଣ ମହିଳା ରୋଗୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ କମିଶନରେଟ୍ ପୁଲିସ୍ ଅଭିଯୁକ୍ତ ଡାକ୍ତର ଠାକୁର ଦିଲବାଗ ସିଂଙ୍କୁ ଗିରଫ କରିଛି।

ଗତ ଶୁକ୍ରବାର ୨ରୋଗୀ(ମହିଳା) ଏସ୍‌ସିବିର ହୃଦୟ ରୋଗ ବିଭାଗକୁ ଆସିଥିଲେ। ବିଶେଷଜ୍ଞ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଇକୋ କରିବା ପାଇଁ ସମ୍ପୃକ୍ତ ଡାକ୍ତର ପରାମର୍ଶ ଦେଇଥିଲେ। ସେହିଦିନ ଇକୋ ହୋଇ ନପାରିବାରୁ ୨ ମହିଳା ଫେରି ଯାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ଦୁଇ ମହିଳା ରବିବାର ମେଡିକାଲ୍ ଆସିଥିଲେ। ସେଦିନ ମେଡିକାଲ୍ ଛୁଟିଥିବା ସତ୍ତ୍ୱେ ଡାକ୍ତର ଦୁଇ ମହିଳା ରୋଗୀଙ୍କୁ ଇକୋ କରିବା ବାହାନାରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏସ୍‌ସିବି ମେଡିକାଲ୍ କଲେଜରେ ଅଣ୍ଡର ଗ୍ରାଜୁଏଟ୍ ଡାକ୍ତରୀ ପାଠ ପଢୁଥିବା ପୀଡ଼ିତଙ୍କ ଦୁଇ ସମ୍ପର୍କୀୟ ଏ ସମ୍ପର୍କରେ ଜାଣିପାରି ସମ୍ପୃକ୍ତ ଡାକ୍ତରଙ୍କୁ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ଡାକ୍ତର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେହି ମେଡିକାଲ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଡାକ୍ତରଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ମଙ୍ଗଳାବାଗ ଥାନା ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଘଟଣାର ଗମ୍ଭୀରତା ଦୃଷ୍ଟିରୁ ସ୍ୱାସ୍ଥ୍ୟବିଭାଗପକ୍ଷରୁ ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ସାମିଲ ଅଛନ୍ତି ଏସ୍‌ସିବି ଅଧିକ୍ଷକ ସୁଧାଂଶୁ ମିଶ୍ର, ଡିଏମ୍‌ଇଟି ସନ୍ତୋଷ ମିଶ୍ର ଓ ଯୁଗ୍ମ ଡିଏମ୍‌ଇଟି ରୋମା ରତନ। ସେପଟେ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରିଛି ପୁଲିସ। ଉଭୟ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ରିପୋର୍ଟ ଆସିବା ପରେ ଅଭିଯୁକ୍ତ ଡାକ୍ତରଙ୍କୁ କଟକ ମଙ୍ଗଳାବାଗ ପୁଲିସ ଗିରଫ କରିଛି। ଅଭିଯୋଗ ଆଧାରରେ ୨ ପୀଡ଼ିତାଙ୍କ ୧୬୧ ଧାରାରେ ବୟାନ ରେକର୍ଡ କରାଯିବା ସହ ଆବଶ୍ୟକ ପଡ଼ିଲେ ପୀଡ଼ିତାଙ୍କ ୧୬୪ ଧାରାରେ ବୟାନ ରେକର୍ଡ କରାଯିବ ବୋଲି କଟକ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି। ବିଭିନ୍ନ ଦିଗରୁ ପୁଲିସ ତା'ର ତଦନ୍ତ ଜାରି ରଖିଛି। ଘଟଣା ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପୁଲିସ ଏନେଇ ଗଣମାଧ୍ୟମକୁ ମାପିଚୁପି ସୂଚନା ଦେଉଛି। ପୀଡ଼ିତା ଏସ୍‌ସିବିର ଜଣେ ଜୁନିୟର ଡାକ୍ତରଙ୍କ ସମ୍ପର୍କୀୟ। ଏନେଇ କଟକ ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି, ଗତ ୧୧ତାରିଖରେ ଏସ୍‌ସିବିର ଜଣେ ଡାକ୍ତର ୨ଜଣ ମହିଳାଙ୍କୁ ଅସଦାଚାରଣ କରିଥିବା ଅଭିଯୋଗ ଆସିଥିଲା। ରୋଗୀଙ୍କ ସମ୍ପର୍କୀୟ ଏନେଇ ଅଭିଯୋଗ କରିଛନ୍ତି। ମାମଲା ପଞ୍ଜୀକୃତ ହେବା ପରେ ତଦନ୍ତ ଚାଲିଛି। ୧୬୧, ୧୬୪ ଧାରାରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ପୀଡିତାଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ କରାଯାଇଛି। ସେହି ଅନୁସାରେ ତଥ୍ୟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନେବୁ। ସେପଟେ ଶୁଣିବାକୁ ମିଳୁଛି ଯେ ଡାକ୍ତରଙ୍କୁ କେହି ମାରପିଟ କରିଛନ୍ତି। ସମସ୍ତ ତଥ୍ୟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କୋଲକାତା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ଚର୍ଚ୍ଚାରେ ଏସ୍‌ସିବି ଦୁଷ୍କର୍ମ ଘଟଣା

ଗତ ୯ ତାରିଖରେ କୋଲକାତାର ଆର.ଜି କର ହସ୍ପିଟାଲ ଓ ମେଡିକାଲ କଲେଜରେ ସ୍ନାତକୋତ୍ତର ମେଡିକାଲ ଛାତ୍ରୀ ୩୧ ବର୍ଷୀୟା କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା। ୧୦ ତାରିଖ ସକାଳୁ ସେମିନାର ହଲରୁ ତାଙ୍କ ଅର୍ଦ୍ଧନଗ୍ନ, କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ଏଭଳି ଘଟଣାକୁ ନେଇ ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। 'ନୋ ସେଫ୍ଟି, ନୋ ଡ୍ୟୁଟି' ନାରାରେ ଏମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଛନ୍ତି। କେବଳ ଜରୁରୀକାଳୀନ ବିଭାଗକୁ ଛାଡିଦେଲେ ପ୍ରାୟ ଅନ୍ୟ ସମସ୍ତ ବିଭାଗରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଭିନ୍ନ ହସ୍ପିଟାଲରେ 'ଓପିଡି' ବନ୍ଦ ରହିଛି। ଏହାରି ମଧ୍ୟରେ କଟକ ବଡ ମେଡିକାଲରେ ପୁଣି ଏକ ଦୁଷ୍କର୍ମ ଅଭିଯୋଗ ଖବର ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଭୁବନେଶ୍ୱର-ପୁରୀ ରାସ୍ତା ହେବ ୬ ଲେନ୍

ନୂଆଦିଲ୍ଲୀ,(ପିପିଏସ୍):

୪ ଧାମ ଭିତରୁ ଅନ୍ୟତମ ଧାମ ହେଉଛି ଶ୍ରୀକ୍ଷେତ୍ର। ମହାପ୍ରଭୁଙ୍କ ଏହି ପୀଠକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ଗମନା ଗମନାକୁ ସୁଗମ କରିବା ପାଇଁ ୪ ଲେନ୍ ବିଶିଷ୍ଟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥକୁ ୬ ଲେନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ ଭେଟିବା ପରେ ମଙ୍ଗଳବାର ଏ ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଗମନା ଗମନା ସୁଗମ କରିବା ପାଇଁ ୪ ଲେନ୍ ବିଶିଷ୍ଟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ହେବ ୬ ଲେନ୍। ଏଥିସହ ରାସ୍ତାର ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ୍ ତିଆରି ହେବ। ଏଥିପାଇଁ ଖର୍ଚ୍ଚ ହେବ ୧୮୦୦ କୋଟି ଟଙ୍କା। ସେହିପରି ୮ ଲେନ୍ ହେବ ବଡ଼ବିଲ-ଚଣ୍ଡିଖୋଲ ଜାତୀୟ ରାଜପଥ(ଏନ୍‌ଏଚ୍)। ପ୍ରାୟ ୨୦୦ କିମି ବିଶିଷ୍ଟ ରାସ୍ତା ବଡ଼ବିଲ-ଚଣ୍ଡିଖୋଲ ହେବ ୮ ଲେନ୍। ଏଥିସହ ୨ ଲେନ୍ ସର୍ଭିସ ରୋଡ୍ ମଧ୍ୟ ରହିବ। ବର୍ତ୍ତମାନ ଚଣ୍ଡିଖୋଲ-ପାରାଦୀପ ରାସ୍ତା ନିର୍ମାଣ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଖୋର୍ଦ୍ଧା-ନୟାଗଡ଼ ଏନ୍‌ଏଚ୍ -୫୭ ହେବ ୪ ଲେନ୍। ୪ ଲେନ୍ ସହ ସର୍ଭିସ ରୋଡ୍ ମଧ୍ୟ ରହିବ। ଏଥିପାଇଁ ୧୧ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି କେସିଙ୍ଗା-ଜୁନାଗଡ଼ ଏନ୍‌ଏଚ୍ -୨୬ ହେବ ୪ ଲେନ୍।

✔ ଓଡ଼ିଶାରେ ଏନ୍‌ଏଚ୍ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୨୧ହଜାର କୋଟିର ପ୍ୟାକେଜ୍

✔ ୮ ଲେନ୍ ହେବ ବଡ଼ବିଲ-ଚଣ୍ଡିଖୋଲ ରୋଡ୍

କେସିଙ୍ଗା-ଜୁନାଗଡ଼ ୪ଲେନ୍ ରାସ୍ତା ପାଇଁ ୧ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗଡ଼କରୀଙ୍କ ସହ ମିଟିଂରେ ଆଉ କିଛି ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସାରା ଓଡ଼ିଶାକୁ ଅଣ୍ଡାକୃତିର ରିଂ-ରୋଡ୍ ପାଇଁ ମୋହନ ମାଝୀଙ୍କ ପ୍ରସ୍ତାବ ରହିଛି। ଜୟପୁରରୁ ନୂଆପଡ଼ା-ଖାରସୁଗୁଡ଼ା-ସମ୍ବଲପୁର-କେନ୍ଦୁଝର ଏବଂ କେନ୍ଦୁଝରରୁ ଜଳେଶ୍ୱର-ବାଲେଶ୍ୱର-ପୁରୀ ହୋଇ ରାମେଶ୍ୱରମ ଯିବ ଏହି ରାସ୍ତା। ମୋଟୁରୁ ତିଂପ ପର୍ଯ୍ୟନ୍ତ ୯୬୯ କିଲୋମିଟର ରାସ୍ତା, ନୂଆପଡ଼ା-ଅସ୍ତରଙ୍ଗ ଏବଂ ସମ୍ବଲପୁର-ସାତଭାୟା ରାସ୍ତା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୫୦୦୦ କୋଟି ଟଙ୍କା ମୂଲ୍ୟରେ ୪ଟି ପ୍ରକଳ୍ପ ଉପରେ ସହମତି ହୋଇଛି। ଏହି ପ୍ରକଳ୍ପଗୁଡିକ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଗଲା। ସେହି ପ୍ରକଳ୍ପ ଗୁଡ଼ିକ ହେଲା; କୋରାପୁଟ - ପୋଡୋମାରି ପ୍ରକଳ୍ପ(ଜାତୀୟ ରାଜପଥ-୩୨୬) (୨୪୬ କିମି)ର ଦୁଇ ଲେନିଂ ପାଇଁ ୨୫୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି ଅଧୀନରେ ଚଳିତ ବର୍ଷ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ପାଇଁ ସେତୁ ବନ୍ଧନ ଯୋଜନା ଅଧୀନରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତି ପାଇଁ ୩୪୦୦ କୋଟି ଟଙ୍କାର ଡିପିଆର୍ ଦାଖଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାରୁ ପ୍ରକାଶ, ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ ଭେଟିଥିଲେ। ରାଜ୍ୟରେ ୫୧ଟି ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଭାଗୀୟ ଅଧିକାରୀମାନେ ଯାଇଥିଲେ। ଓଡ଼ିଶାର ଗମନାଗମନ କ୍ଷେତ୍ରର ଉନ୍ନତି ପାଇଁ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ପାଇଁ ଗଡ଼କରୀ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଣିକି ମାଦକ ଦ୍ରବ୍ୟରେ ଗଣାହେବ 'ଭାଙ୍ଗ'

ଭୁବନେଶ୍ୱର,(ପିପିଏସ୍): ଏଣିକି 'ଭାଙ୍ଗ'କୁ ସାମିଲ କରାଯାଇଛି ମାଦକ ଦ୍ରବ୍ୟରେ। ଏନେଇ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁଥିରେ ଦର୍ଶାଯାଇଛି ଯେ ଓଡ଼ିଶା ଅବକାରୀ ଆଇନ ୨୦୦୮ ତଥା ୨୦୧୩ର ଓଡିଶା ଆଇନ ଦଶର ଧାରା ୨-ଟି ଦ୍ୱାରା ଏହା ଏକ ମାଦକ ଦ୍ରବ୍ୟ। ଭାଙ୍ଗକୁ ଖାଦ୍ୟ ଓ ପାନୀୟରେ ମିଶେଇ ଏକ ମନଉତ୍ତେଜକ ଦ୍ରବ୍ୟ ଭାବେ ବ୍ୟବହାର କରାଯାଏ। ଫଳରେ ଏହା ବିଶୃଙ୍ଖଳା, ଶତ୍ରୁତା, ବିକୃତି, ମତିଭ୍ରମ ଏବଂ ଚିନ୍ତା ଶକ୍ତି ହରାଇବାର କାରଣ ହୋଇଥାଏ। ତେଣୁ ଆଇନରେ ଥିବା ପ୍ରାବଧାନ ଏବଂ କ୍ଷମତାକୁ ବ୍ୟବହାର କରି ରାଜ୍ୟ ସରକାର ଭାଙ୍ଗକୁ ମାଦକ ଦ୍ରବ୍ୟ ଭାବେ ଘୋଷଣା କରିଛନ୍ତି।

ନବ ଦାସ ହତ୍ୟା ମାମଲା ପୁଣି ଖୋଲିବେ ସରକାର

ଭୁବନେଶ୍ୱର,(ପିପିଏସ୍): ପୁଣି ଥରେ ଖୋଲିବ ନବ ଦାସ ହତ୍ୟା ମାମଲା। ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାର କେସ୍ ରିଓପନ କରିବ ବିଜେପି ସରକାର। ଏ ନେଇ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ବେଳେ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ନବ ଦାସ ଜଣେ ବିଜେଡି ନେତା ହେଲେ ମଧ୍ୟ ସେ ଜଣେ ମନ୍ତ୍ରୀ ଥିଲେ। ଆଉ ସ୍ୱଷ୍ଟ ଦିବାଲୋକରେ ଜଣେ ମନ୍ତ୍ରୀଙ୍କ ହତ୍ୟାକୁ କେବେ ବି ହାଲକା ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ଗତ ୨୦୨୩ ଜାନୁଆରୀ ୨୯ ତାରିଖରେ ସ୍ୱଷ୍ଟ ଦିବାଲୋକରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରାଯାଇଥିଲା। ତାଙ୍କ ପିଏସଓ ଗୋପାଳ ଦାସ ଅତି ନିକଟରୁ ତାଙ୍କୁ ଗୁଳିକରି ହତ୍ୟା କରିଥିଲା। ଏହି ମାମଲାରେ ପିଏସଓ ଗୋପାଳ ଦାସଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ହତ୍ୟାକାଣ୍ଡର କାରଣ ଉପରୁ ଏଯାଏଁ ପରଦା ହଟିନାହିଁ। ସେହିଭଳି ଖାଲି ନବ ଦାସ ହତ୍ୟା ମାମଲା ନୁହେଁ, ଅନେକ ପୁରୁଣା କେସ୍‌ର ରିଓପନ କରାଯିବ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୦୮ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ଏବଂ ୨୦୨୨ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ମଧ୍ୟ ରିଓପନ ହେବ ବୋଲି ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି।

ମାଟି ତଳୁ ମିଳିଲା ୩୮ ଲକ୍ଷ ଟଙ୍କା

ମାଲକାନଗିରି,(ପିପିଏସ୍): ମାଟି ତଳେ ପୋତା ଯାଇଥିଲା ୩୮ ଲକ୍ଷ ଟଙ୍କା। ଗାତ ଖୋଳି ସେହି ଟଙ୍କାକୁ ଜବତ କରିଛନ୍ତି ସିଆର୍‌ପିଏଫ୍ ଯବାନ ଓ ଛତିଶଗଡ଼ ପୁଲିସ୍। ଏଥିସହ ବିପୁଳ ପରିମାଣରେ ମାରଣାସ୍ତ୍ର ଜବତ କରାଯାଇଛି। ନକ୍ସଲମାନେ ସେହି ଟଙ୍କା ଓ ମାରଣାସ୍ତ୍ର ପୋତି ରଖିଥିବା ଜଣାପଡ଼ିଛି। ଛତିଶଗଡ଼ର ଗୋବରା ଓ ପେଣ୍ଡ୍ରା ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ଥିଲା। ଏ ସମ୍ପର୍କରେ ଜାଣିପାରି ସିଆର୍‌ପିଏଫ୍ ଯବାନ୍ ଓ ଛତିଶଗଡ଼ ପୁଲିସ୍ ମିଳିତ ଭାବେ ସର୍ଚ୍ଚ ଅପରେସନ୍ କରିଥିଲେ। ସେହି ସମୟରେ ମେଟାଲ୍ ଡିଟେକ୍ଟରରେ ସିଗ୍‌ନାଲ୍ ଦେଖାଇଥିଲା। ତା'ପରେ ସେଠାରେ ଆରମ୍ଭ ହୋଇଥିଲା ଖୋଳା ଖୋଳି। ପ୍ରାୟ ୧୦ ଫୁଟ୍ ଗାତ ଖୋଳିବା ପରେ ମିଳିଥିଲା ପ୍ରାୟ ୩୮ ଲକ୍ଷ ଟଙ୍କା ଓ ମାରଣାସ୍ତ୍ର। ଟଙ୍କା ଓ ମାରଣାସ୍ତ୍ର ଗୁଡ଼ିକୁ ଜରିରେ ଗୋଡ଼ାଯାଇ ପୋତା ଯାଇଥିଲା। ନଷ୍ଟ ନହେବା ପାଇଁ ନକ୍ସଲମାନେ ଜରି ଗୋଡ଼ାଇ ପୋତିଥିଲେ। ଜବତ ହୋଇଥିବା ଟଙ୍କା ଧନନ୍ତରୀ-ଗରିଆବନ୍ଦ-ନୂଆପଡା ଡିଭିଜନର ଓଡ଼ିଶା ରାଜ୍ୟ କମିଟିର ନକ୍ସଲମାନେ ଲୁଚାଇ ରଖିଥିବା ଜଣାପଡ଼ିଛି। ଯେଉଁଥିରେ ରହିଛି ୬ ବଣ୍ଡଲ୍ ୨୦୦୦ ଟଙ୍କିଆ ପୁରୁଣା ନୋଟ, ୫୨ଟି ନୂଆ ୫୦୦ ଟଙ୍କିଆ ନୋଟ ବଣ୍ଡଲ ରହିଛି। ଏଥିସହ ୨୩ଟି ବିଜିଏଲ୍, ୨ଟି ଟିଫିନ୍ ବୋମା, ୧୩ଟି ଡିଟୋନେଟର, ଗୋଟିଏ ବଣ୍ଡଲ ଫୁଜ୍ ତାର, ଦୁଇ କିଲୋ ଖୋଲା ବାରୁଦ, ସେନ୍‌ସର ରିମୋଟ, ବିଦ୍ୟୁତ ତାର, ନକ୍ସଲ ପୋଷାକ, କଳା ପୋଷାକ ସହ ବୋମା ତିଆରି ସାମଗ୍ରୀ ଜବତ କରାଯାଇଛି। ଜବତ ଟଙ୍କା ନକ୍ସଲମାନେ ଧମକଚମକ ଦେଇ ଆଦାୟ କରିଥିଲେ। ପରବର୍ତ୍ତୀ ସମୟରେ ନିଜ ସଙ୍ଗଠନ ପାଇଁ ସେହି ଟଙ୍କା ଖର୍ଚ୍ଚ କରିବାକୁ ମାଟି ତଳେ ପୋତି ରଖିଥିବା ଚର୍ଚ୍ଚାହେଉଛି।

ସମ୍ପାଦକୀୟ

ଶିଳ୍ପପତିଙ୍କ ଭୂମିକା

ବାଟେଘାଟେ

ଚବିଶ ବରଷ
ଭିଜିଲାନ୍ସ୍‌ଲା
କେଉଁଠାରେ ଥିଲେ ବସି
ଏବେ କୋଟି ପତି
କୁବେର ବାବୁଙ୍କୁ
ଜାଲରେ ଧରନ୍ତି କଷି
କୋଟି କୋଟି ଅର୍ଥ ରାଶି
ହୀରା ନୀଳ। ସୁନା
ଦାମୀ ଦାମୀ ପ୍ଲଟ
କେଉଁଠୁ ଆସିଲା ଭାସି
କେବେ ଧରା ହେ
ରିଂ ମାଷ୍ଟର
ନାମ ଯାର ପର ଦେଶୀ

-ରାହୀ

ବଦଳିବ ୟୁନିଭର୍ସିଟି ଆଇନ-୨୦୨୦

ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,(ପିପିଏସ୍):

ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ ୨୦୨୦କୁ ନେଇ ତେଜିଲା ରାଜନୀତି। ଆଇନରେ ସଂଶୋଧନ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିରେ ଦର୍ଶାଯାଇଛି, ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ସରକାର ଏହି ଆଇନ ଆଣିଥିଲେ। ଯେଉଁଥିଲାଗି ବିଶ୍ୱବିଦ୍ୟାଳୟ ତା'ର ସ୍ୱତନ୍ତ୍ରତା ହରାଇଛି। ଖାଲି ସେତିକି ନୁହେଁ, ଏହା ୟୁଜିସି ଗାଇଡ୍ ଲାଇନର ପରିପନ୍ଥୀ। ଏଥିରେ ଆବଶ୍ୟକ ସଂଶୋଧନ ଅଣାଯିବା ଉଚିତ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଏହି ଚିଠି ପରେ ଘନେଇଛି ରାଜ୍ୟ ରାଜନୀତି। ବିଜେଡି ସାମ୍ବାଦିକ ସମ୍ମିଳନୀ କରି କହିଛି, ନବୀନ ସରକାର ବିଶ୍ୱବିଦ୍ୟାଳୟ ସ୍ତରରେ ନିଯୁକ୍ତି ଓ ପାଣ୍ଠି ଖର୍ଚ୍ଚରେ ସ୍ୱଚ୍ଛତା ଆଣିବାକୁ ଏହି ସଂଶୋଧିତ ଆଇନ ଆଣିଥିଲେ। ଆଉ ଏଥିରେ ପରିବର୍ତ୍ତନ କରିବାକୁ ଚିନ୍ତା କରୁଥିବା ବିଜେପି ଅନ୍ୟ ରାଜ୍ୟ ଭଳି ଶିକ୍ଷା ଦୁର୍ନୀତିକୁ ଆମନ୍ତ୍ରଣ କରୁଛି। ସେପଟେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ବିରୋଧୀଦଳରେ ଥିବା ସମୟରୁ ହିଁ ଏହାକୁ ଆମେ ବିରୋଧ କରୁଥିଲୁ। ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ପାଇଁ ସଂଶୋଧନର ଆବଶ୍ୟକତା ରହିଛି। ୨୦୨୦ ସେପ୍ଟେମ୍ବର ୨ରେ

ସଂଶୋଧନ ପ୍ରସ୍ତାବକୁ ବହୁ କୁଳପତିଙ୍କ ସ୍ୱାଗତ

ସେତେବେଳର ବିଜେଡି ସରକାର ୧୯୮୯ ବିଶ୍ୱବିଦ୍ୟାଳୟ ଆଇନରେ ପରିବର୍ତ୍ତନ ଆଣି କ୍ୟାବିନେଟ୍‌ରେ ଅଧ୍ୟାଦେଶକୁ ପାରିତ କରାଇଥିଲେ। ଯେଉଁଥିରେ ଉଲ୍ଲେଖ ରହି

ସମୀକ୍ଷକ ଯତୀନ୍ଦ୍ର ମୋହନ ମହାନ୍ତି



୩ ଅଗଷ୍ଟ ୧୯୩୨ ମସିହାରେ କେନ୍ଦ୍ରପଡା ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଓଡିଶାର ଖ୍ୟାତିନାମା ଅଧ୍ୟାପକ, ସାହିତ୍ୟିକ ଏବଂ ସମୀକ୍ଷକ ଯତୀନ୍ଦ୍ର ମୋହନ ମହାନ୍ତି । ପିତାଙ୍କ ନାମ ଜଗମୋହନ ମହାନ୍ତି ଓ ମାତାଙ୍କ ନାମ ଶ୍ରଦ୍ଧାରାଣୀ ଦେବୀ । କଟକର ପ୍ୟାରୀମୋହନ ଏକାଡେମୀରୁ ବିଦ୍ୟାଳୟ ଶିକ୍ଷା ସମାପ୍ତ କରିବା ପରେ, ରେଭେନ୍ସ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ସେ ନିଜର କର୍ମଜୀବନ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ବିଜେବି କଲେଜ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ ଓ ପୂର୍ବାଞ୍ଚଳ ଭାଷା ସଂସ୍ଥାନ, ଭୁବନେଶ୍ୱରର ଅଧ୍ୟକ୍ଷ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ । ସେ ଓଡିଆ ଏବଂ ଇରାଜୀରେ ୨୦ ରୁ ଉର୍ଦ୍ଧ ପୁସ୍ତକ ଏବଂ ୨୫୦ରୁ ଅଧିକ ପ୍ରବନ୍ଧ ରଚନା କରିଥିଲେ । ୨୦୦୩ ମସିହାରେ ତାଙ୍କ ରଚନା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କରିଥିଲେ । ୨୦୧୨ ମସିହା ଆଜିର ଦିନରେ ଯତୀନ୍ଦ୍ରଙ୍କର ଦେହାନ୍ତ ହୋଇଥିଲା ।

କଦଳୀପତ୍ର ସୋରିଷ ପନିର

ଆବଶ୍ୟକ ସାମଗ୍ରୀ: ପନିର, କଦଳୀପତ୍ର, ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ, ଲୁଣ, ତେଲ ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ କିଛି ପନିର ଆଣନ୍ତୁ । ତାଙ୍କୁ ଲମ୍ବା ଲମ୍ବା କରି କାଟି ରଖନ୍ତୁ । ପରେ କଦଳୀ ପତ୍ର ଆଣି ତାକୁ ନିଆଁରେ ସେକି ରଖନ୍ତୁ । ତା'ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ କଟା ପନିରକୁ ଛାଣନ୍ତୁ । ଏହା ଛାଣି ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହା ପରେ ପନିରରେ ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ । ପରେ ସେକା କଦଳୀ ପତ୍ରରେ ମସଲା ଗୋଳା ପନିରକୁ ଗୋଡ଼ାଇ ରଖନ୍ତୁ । ତା'ପରେ ତାୱାରେ ଅଳ୍ପ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବାପରେ କଦଳୀପତ୍ର ଗୋଡ଼ା ପନିରକୁ ସେଥିରେ ପକାନ୍ତୁ । କିଛି ସମୟ ପରେ ତାକୁ ଓଲଟାଇ ଦିଅନ୍ତୁ । ଦୁଇ ପାଖ ହୋଇଯିବା ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଦଳୀପତ୍ର ସୋରିଷ ପନିର ।

ଆଜିର ରାଶିଫଳ

ମେଷ — ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ କିଛି ଅଘଟଣ ଘଟାଇବାର ସୂଚନାକୁ ଏଡ଼ାଇପାରିବେ ନାହିଁ । କେତେକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ପ୍ରଶାସନିକ, ସାମ୍ବାଦିକତା ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ ।

ବୃଷ — ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇ ଖୁସି ହେବେ । ଦୂରଯାତ୍ରା କରିପାରନ୍ତି । କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି ।

ମିଥୁନ — କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କାମ କଲେ ଅପେକ୍ଷାକୃତ ଅଧିକ ସଫଳତା ପାଇପାରନ୍ତି । ଉଚ୍ଚସମ୍ମାନିତ ହେବେ । ବନ୍ଧୁଙ୍କ ସହ ଅଯଥା ଅଯଥା ଯୁକ୍ତିତର୍କରୁ ଦୂରେଇ ରହିବା ଭଲ । ଶାରୀରିକ ଅସୁସ୍ଥତା ଭୋଗିବେ । ଲୋଭ ହେତୁ ଅସୁବିଧାରେ ପଡ଼ିପାରନ୍ତି ।

କର୍କଟ — ରବି ଶୁକ୍ରଙ୍କ ପ୍ରଭାବରୁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ । ଶନି ଓ ବୁଧଙ୍କ ସଂଯୋଗଜନିତ ଖଳବ୍ୟକ୍ତିଙ୍କର ପ୍ରବଳ ବିରୋଧର ସମ୍ମୁଖୀନ ହେବେ । ବ୍ୟବସାୟରେ ଅନ୍ୟ ମନସ୍କତା ବର୍ଜନୀୟ ।

ସିଂହ — ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ପୁନର୍ବିଚାର କଲେ ଭଲ ହେବ । ଅଶାନ୍ତିର ବାତାବରଣ ପୂର୍ବପରି ରହିବ । ମହିଳାମାନେ ଦୂରଯାତ୍ରା କରି ଖୁସି ରହିବେ । ମଘାନକ୍ଷତ୍ର ଅନୁଯାୟୀ ଦୂରଯାତ୍ରା ଓ ବନ୍ଧୁମିଳନ ଘଟିବ । ଗୃହରେ ସମ୍ପତ୍ତିଗତ ଗଣ୍ଡଗୋଳ ବଢ଼ିବ ।

କନ୍ୟା — ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି । ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ହେବ । ମହିଳାମାନେ ଗୃହକାର୍ଯ୍ୟରେ ଲାଗିରହିବେ ।

ତୁଳା — ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଆସିଲେ ମଧ୍ୟ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ । ଗାଡ଼ି ମୋଟର କ୍ରୟ କରିବା ପାଇଁ ଯୋଜନା କରିବେ । ମହିଳାମାନେ ଅନ୍ୟକୁ ସାହାଯ୍ୟ କରିବେ

ବିଛା — ନୂତନ ବନ୍ଧୁମିଳନର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଅର୍ଥ ବ୍ୟୟ ହେବ । ମହିଳାମାନେ ଗୃହକାର୍ଯ୍ୟ କରି ବହୁତ ବଡ଼ ଝାମେଲା ତୁଲାଇପାରିବେ । କାର୍ଯ୍ୟ ସଫଳ ହେବ । ବ୍ୟବସାୟରେ ଲାଭ ହୋଇପାରେ । ଆର୍ଥିକ ଲାଭ ହେବ ।

ଧନୁ — କୌଣସି କ୍ଷେତ୍ରରେ ତରବରିଆ କାମ ଓ ଭାବପ୍ରବଣତା ଓଲଟା ଫଳ ପ୍ରଦାନ କରିବ । ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାର ଯୋଗ ରହିଛି । କର୍ମକ୍ଷେତ୍ରରେ ସହକର୍ମୀମାନେ ଆବଶ୍ୟକ ।

ମକର — ବ୍ୟବସାୟରେ ନିଜର ଆୟ ଓ ବ୍ୟୟ ସମାନ ରହିବ । କାର୍ଯ୍ୟରେ ସମ୍ମାନ ପାଇବେ । ଅର୍ଥ ଦେୟ ହେବ । କ୍ରୀଡ଼ା, କଳା ଏବଂ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟରେ ଆଜି ବହୁତ ଲାଭ ପାଇପାରନ୍ତି । ନୂତନ କର୍ମରେ ଯୋଗ ଦେଇପାରନ୍ତ

କୁମ୍ଭ — ଚାକିରି କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ବହୁତଦିନର ଅଶାନ୍ତି ଦୂରୀଭୂତ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ମହିଳାମାନେ ଦୂରଯାତ୍ରା କରିବାକୁ ଯାଇପାରନ୍ତି ।

ମୀନ — ବହୁତଦିନର ଆଶା ଆଜି ପୂର୍ଣ୍ଣ ହେବ । ଉଚ୍ଚସମ୍ମାନ ଲାଭ କରିପାରନ୍ତି । ଦେହ ଭଲ ରହିବ । କାର୍ଯ୍ୟରେ ମନୋବଳ ବହୁତ ବଢ଼ିଯିବ । ଦୂରଯାତ୍ରା କରିବାର ସୁଯୋଗ ପାଇବେ । ଶିବପୂଜା କରିବାକୁ ଯାଇପାରନ୍ତି ।

ଗାଁରେ ପ୍ରସବ ବାରଣ !

ଭୋପାଳଠାରୁ ପ୍ରାୟ ୭୦ କିମି ଦୂର ଗଲେ ପଡ଼େ ସାଙ୍କା ଜାହାଙ୍ଗୀର ଗାଁ । ୧୨୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ଅଧିକାଂଶ ଗୁର୍ଜର୍ ସମାଜର । ତେବେ ଗାଁଟି ଏକ ଖାସ୍ ମାନ୍ୟତା ପାଇଁ ପୁରା ଭାରତରେ ପ୍ରସିଦ୍ଧ । ଶୁଣିବାକୁ ମିଳେ, ଆଜକୁ ପ୍ରାୟ ୫୦ ବର୍ଷ ହେବ ଏଠାରେ କୌଣସି ମହିଳାଙ୍କ ପ୍ରସବ ହୋଇନାହିଁ । ପିଲା ଜନ୍ମ ସମୟରେ ମହିଳାଙ୍କୁ ଗାଁ ବାହାରକୁ ଯିବାକୁ ପଡ଼ିଥାଏ । ନଚେତ୍ ବାପଘର କି ମ୍ୟା ହସ୍ପିଟାଲ୍ । ମାନ୍ୟତା ରହିଛି ଯଦି କୌଣସି ମହିଳାଙ୍କର ଗାଁ ଭିତରେ ପ୍ରସବ ହୁଏ, ତେବେ ଶିଶୁ ବିକଳାଙ୍ଗ ହୋଇ ଜନ୍ମନେବ । ଗ୍ରାମବାସୀଙ୍କ ଅନୁସାରେ, ଗାଁରେ ଶ୍ୟାମାଜୀ ମାତାଙ୍କ ପବିତ୍ରତା ପ୍ରସବ ଦ୍ୱାରା ନଷ୍ଟ ହେବ । ଯଦି କୌଣସି ମହିଳାଙ୍କ ପ୍ରସବ ଗାଁରେ ହୁଏ, ତେବେ ମା' ଅଭିଶାପ ଦେବେ । ଏଣୁ ଏଭଳି ନିଷେଧାଦେଶ ବର୍ଷ ବର୍ଷ ଧରି ପାଳନ କରାଯାଇ ଆସୁଛି । ସେମାନଙ୍କ ପୂର୍ବପୁରୁଷମାନେ ଏହି ବ୍ୟବସ୍ଥା କରିଥିଲେ । ଯାହାକୁ ଏବେ ବି ପିଢ଼ି ପରେ ପିଢ଼ି ପାଳନ କରିଆସୁଛନ୍ତି । ପ୍ରସବର ମାସକ ପୂର୍ବରୁ ଡାକ୍ତରଙ୍କଠାରୁ ତାରିଖ ଶୁଣିବା ପରେ ମହିଳାଙ୍କୁ ଗାଁ ଛାଡ଼ିବାକୁ ପଡ଼େ । ଏହା ପଛରେ କେତେ ସତ୍ୟତା ଅଛି କି ଏହା ଏକ ଅନ୍ଧବିଶ୍ୱାସ ତାହା କାହାରିକୁ ଜଣା ନାହିଁ । ତେବେ ଯୁବ ବଦଳିବା ସହ ଭାବାନରେ ମଧ୍ୟ ପରିବର୍ତ୍ତନ ଆସିଛି । ଗାଁର ମୁଖିଆଙ୍କ ପୁଅ ଏବେ ଏହି ନିୟମ ଭାଙ୍ଗିବାକୁ ଅଣ୍ଟା ଭିଡ଼ିଛନ୍ତି । ତାଙ୍କୁ ଗାଁର କିଛି ବୁଦ୍ଧିଜୀବୀ ସହଯୋଗ ମଧ୍ୟ କରିଛନ୍ତି । ମୁଖିଆଙ୍କ ପୁଅ କହିଛନ୍ତି, ବର୍ତ୍ତମାନର ଆଧୁନିକ ସମୟରେ ଏଭଳି ଅନ୍ଧବିଶ୍ୱାସକୁ ଭାଙ୍ଗି ମହିଳାଙ୍କ ପ୍ରସବ ଗାଁରେ କରାଯିବାର ସମସ୍ତ ବ୍ୟବସ୍ଥା ସେ ନିଶ୍ଚୟ କରିବେ ।

ବ୍ରିଟେନ୍‌ବାସୀଙ୍କ ଭୟ ମ୍ୟାଗ୍‌ପି ଚଢ଼େଇ

ଅନେକ ଦେଶରେ ଏମିତି କିଛି ନିୟମ ଅଛି, ଯାହାକୁ ଆଜିର ଆଧୁନିକ ଯୁଗରେ ପାଦ ଥାପିଥିବା ମଣିଷ ବି ମାନିବାକୁ ପଛାଉ ନାହିଁ । ଏଇ ଯେମିତି କୌଣସି ଶୁଭ କାମରେ ବାହାରୁଥିବା ବେଳେ ବିରାଡ଼ି ରାସ୍ତା କାଟିବା କି ମ୍ୟା କଳି ଲାଗିବା, ଶରୀରରେ ଝିଟିପିଟି ପଡ଼ିବା ଇତ୍ୟାଦି । ଏସବୁ ଦ୍ୱାରା କୁଆଡ଼େ କାମ ଖରାପ ହୋଇଥାଏ କି ମ୍ୟା ଦଶା ଖରାପ ପଡ଼େ ବୋଲି ବିଶ୍ୱାସ ରହିଛି । ଜାଣି ଆଶ୍ଚର୍ଯ୍ୟ ହେବେ, ଏଭଳି ଏକ ନିୟମ ବ୍ରିଟେନ୍‌ରେ ମଧ୍ୟ ପାଳନ କରାଯାଏ । ଏଠାକାର ବାସିନ୍ଦା ମ୍ୟାଗ୍‌ପି ନାମକ ଚଢ଼େଇକୁ ଖୁବ୍ ଭୟ କରନ୍ତି । ବ୍ରିଟେନ୍‌ବାସୀଙ୍କ ଅନୁସାରେ, ଯଦି ମ୍ୟାଗ୍‌ପି ଚଢ଼େଇକୁ ସେମାନେ କୌଣସି ସ୍ଥାନରେ ଏକୁଟିଆ ଦେଖିଦିଅନ୍ତି, ତେବେ ବହୁତ ଅଶୁଭ ହୋଇଥାଏ । ଯଦି କୌଣସି ଶୁଭ କାମ କରିବାକୁ ବାହାରିଥାନ୍ତି, ତେବେ ତାକୁ ବନ୍ଦ କରିଦିଅନ୍ତି । କାରଣ ବିଶ୍ୱାସ ରହିଛି, କୁଆଡ଼େ ମ୍ୟାଗ୍‌ପି ସବୁବେଳେ ଦଳବଦ୍ଧ ହୋଇ ରହିଥାନ୍ତି । ହେଲେ ଦଳରେ ଯଦି କାହାରି ଜଣଙ୍କର ମୃତ୍ୟୁ ହୁଏ, ତେବେ ଏମାନେ ଏକାକୀ ବୁଲନ୍ତି । ଏଭଳି ସମୟରେ ସେମାନେ ଅତ୍ୟନ୍ତ ଦୁଃଖ ଏବଂ ଯନ୍ତ୍ରଣା ସମୟ ଦେଇ ଗତି କରୁଥାନ୍ତି । ତେଣୁ ଏକୁଟିଆ ଅବସ୍ଥାରେ ଏହି ଚଢ଼େଇକୁ ଦେଖିବାର ଅର୍ଥ, ତା'ର ସମସ୍ତ ସମସ୍ୟା ମଣିଷ ଉପରକୁ ଚାଲିଯାଏ । ଯଦି ଏମାନଙ୍କ ଦଳବଦ୍ଧ ଦେଖାଯାଏ, ତେବେ ନହେଉଥିବା କାମ ବି ପୂରା ହୋଇଯାଏ ।

ସ୍ୱାସ୍ଥ୍ୟ ସହ ଓଜନ ନିୟନ୍ତ୍ରଣ ରଖିବ ଗ୍ରୀନ୍ କଫି

ବର୍ତ୍ତମାନ ସମୟରେ ମେଦବହୁଳତା ବ୍ୟକ୍ତିତ୍ୱ ବିଗାଡ଼ିବା ସହ ଶରୀରରେ ବିଭିନ୍ନ ପ୍ରକାର ଗମ୍ଭୀର ରୋଗ ସୃଷ୍ଟି କରିବାରେ ଲାଗିଛି । ଅଧିକାଂଶ ଲୋକ ମୋଟାପଣ ଦୂର କରିବାକୁ ଘଣ୍ଟା ଘଣ୍ଟା ଜିମ୍‌ରେ ବିତାଇ ଦେଉଛନ୍ତି । ଏମିତିକି ପ୍ରିୟ ଖାଦ୍ୟଠୁ ବି ଦୂରେଇ ରହୁଛନ୍ତି । ମହଙ୍ଗା ଔଷଧ ସେବନ କରିବାକୁ ମଧ୍ୟ ପଛାଉ ନାହାନ୍ତି । ଏହାଦ୍ୱାରା ଅନେକ ସମୟରେ ଓଲଟା ପ୍ରଭାବ ଶରୀର ଉପରେ ପଡ଼ିଥାଏ । ତେଣୁ ଚିନ୍ତା ନ କରି ଆଜିଠାରୁ ଗ୍ରୀନ୍ କଫିର ସେବନ କରନ୍ତୁ । ମିନେରାଲ୍ସ ଏବଂ ଭିଟାମିନ୍‌ରେ ଭରପୂର୍ ଗ୍ରୀନ୍ କଫି ଆମ ଶରୀରରେ ପୋଷକ ତତ୍ତ୍ୱର ଅଭାବକୁ ପୂରଣ କରିଥାଏ । ଏହାସହ ଓଜନ ନିୟନ୍ତ୍ରଣ କରିଥାଏ । ରକ୍ତରେ ଶର୍କରା ପରିମାଣ କମ୍ କରିବାକୁ ମଧ୍ୟ ଗ୍ରୀନ୍ କଫିର ସେବନ କରିପାରିବେ । ଗ୍ରୀନ୍ କଫି ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ । ଗ୍ରୀନ୍ କଫି ବିନ୍ସରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହା ଶରୀରକୁ ସମସ୍ତ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ସବୁଠୁ ଭଲ କଥା ହେଉଛି, ଅନ୍ୟ କଫିକୁ ଦିନକୁ ଥରକରୁ ଅଧିକ ପିଇଲେ ଖରାପ ପ୍ରଭାବ ପଡୁଥିବା ବେଳେ ଗ୍ରୀନ୍ କଫିକୁ ଦିନରେ ଯେତେ ଇଚ୍ଛା ସେତେ ପିଇଲେ କୌଣସି ଅସୁବିଧା ନାହିଁ ।



ରକ୍ତଚାପ ନିୟନ୍ତ୍ରଣ କରେ ନୀଳ ରଶ୍ମି

ଏକ ଗବେଷଣାରୁ ଜଣାପଡ଼ିଛି ନୀଳ ରଶ୍ମି ସଂସ୍ପର୍ଶରେ ରହିଲେ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ହୃଦ୍‌ରୋଗ ଭୟ କମ୍ ହୋଇଥାଏ । ୟୁରୋପିଆନ୍ ଜର୍ଣ୍ଣାଲ୍ ଅଫ୍ ପ୍ରିଭେଣ୍ଟିଟିଭ୍ କାର୍ଡିଓଲଜିରେ ପ୍ରକାଶିତ ଗବେଷଣାରେ ଏହା ବିସ୍ତୃତ ଭାବେ ଆଲୋଚନା ହୋଇଛି । ଗବେଷଣାରେ ସାମିଲ ପ୍ରତିଭାଗୀଙ୍କ ପୂରା ଶରୀର ୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୪୫୦ ନାନୋମିଟରର ନୀଳ ରଶ୍ମି ସଂସ୍ପର୍ଶରେ ରହିଥିଲା, ଯାହା ଦିନରେ ମିଳୁଥିବା ସୌରରଶ୍ମି ସହ ସମାନ । ଏ ସମୟରେ ପ୍ରକାଶର ବିକିରଣ ପ୍ରଭାବର ଆକଳନ କରାଯାଇଥିଲା ଏବଂ ପ୍ରତିଭାଗୀଙ୍କ ରକ୍ତଚାପ, ଧମନୀର ଗତିବିଧି, ରକ୍ତବାହିକାର ପ୍ରବାହ ଏବଂ ରକ୍ତ ପ୍ଲାଜ୍‌ମା ସ୍ତର ମପାଯାଇଥିଲା । ପାରାବାଇଗଣୀ ରଶ୍ମିର ବିପରୀତ ନୀଳ ରଶ୍ମି କ୍ୟାନସର୍ ଭୟ ମଧ୍ୟ ହ୍ରାସ କରିଥାଏ । ବ୍ରିଟେନ୍‌ର ସରେ ବିଶ୍ୱବିଦ୍ୟାଳୟ ଏବଂ ଜର୍ମାନୀର ହେନେରିକ୍ ହେନି ବିଶ୍ୱବିଦ୍ୟାଳୟରେ ଏହି ଗବେଷଣା ହୋଇଥିଲା । ଗବେଷଣା ମାଧ୍ୟମରେ ଗବେଷକମାନେ ଜାଣିବାକୁ ପାଇଲେ, ନୀଳ ରଶ୍ମିର ପ୍ରକାଶରେ ରକ୍ତଚାପ ନିୟନ୍ତ୍ରଣରେ ସେଭଳି ଭାବେ ରହିଥାଏ, ଯେପରି ଔଷଧ ଜରିଆରେ । ଯେତେବେଳେ ରକ୍ତଚାପ ଅସ୍ୱାସ୍ଥକର ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଇଥାଏ, ସେତେବେଳେ ଏହା ଉଚ୍ଚରକ୍ତଚାପର କାରଣ ସାଜିଥାଏ । ହୃଦ୍‌ସ୍ପନ୍ଦନ ଗତି ମଧ୍ୟ ବଢ଼ିଯାଏ । ହାର୍ଟଆଟାକ୍ ଆଶଙ୍କା ବଢ଼ିବା କାରଣରୁ ଅକାଳ ମୃତ୍ୟୁ ମୁଖକୁ ମଣିଷ ଚାଲିଯାଏ । ଏଣୁ ଏ ସମୟରେ ନୀଳ ରଶ୍ମି ବିଶେଷ ସହାୟକ ହୋଇଥାଏ ।

ସ୍ମୃତିରେ ସମ୍ମି କପୁର

ପଚାଶ ଓ ଷାଠିଏ ଦଶକର ଜଣାଶୁଣା ଅଭିନେତା ସମ୍ମି କପୁର (୧୪ ଅଗଷ୍ଟ ୨୦୨୧)ରେ ୭୯ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ । ୧୯୩୧ ଅକ୍ଟୋବର ୨୧ରେ ଜନ୍ମଗ୍ରହଣ କରିଥିବା ସମ୍ମୁ କପୁର । ୧୯୫୩ ରେ ଜୀବନ ଜ୍ୟୋତି ଓ ରୋଲ କା ଡବା ଆଦି ରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । ଏହାପରେ ସେ ୧୯୫୪ରେ ଚୋର୍ ବଜାର ରେ ଅଭିନୟ କରିଥିଲେ, ଯାହା ତାଙ୍କୁ ଅଜସ୍ର ସଫଳତା ଆଣି ଦେଇଥିଲା ଏହା ସହିତ ୧୯୬୧ରେ ରିଲିଜ୍ ହୋଇଥିବା ସୁପର ହିଟ୍ ଫିଲ୍ମ ଜଙ୍ଗଲୀ ତାଙ୍କୁ ଲୋକପ୍ରିୟ କରାଇଥିଲା , ଯେଉଁଥିରେ ସେ ଚମତ୍କାର ଅଭିନୟ କରି ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୧୯୬୮ରେ ଫିଲ୍ମ ବ୍ରହ୍ମଚାରୀ ପାଇଁ ସର୍ବଶ୍ରେଷ୍ଠ ଅଭିନେତା ଆୱାର୍ଡ ଲାଭ କରିଥିଲେ ।

ଫିଲ୍ମ ଟକ୍

ମୁଁ କୋହଲିଙ୍କୁ ପାଗଳ ପରି ଭଲ ପାଏ: ମୃଣାଳ

ବଲିଉଡ ଅଭିନେତ୍ରୀ ମୃଣାଳ ଠାକୁର ଆଜିକାଲି ବିରାଟ କୋହଲିଙ୍କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଅଛନ୍ତି । ମୃଣାଳଙ୍କର ଏକ ପୁରୁଣା ସାକ୍ଷାତକାର ଗତ କିଛି ଦିନ ହେବ ଭାଇରାଲ ହେଉଛି । ଏଥିରେ ସେ ବିରାଟଙ୍କ ପ୍ରତି ତାଙ୍କର ପ୍ରେମ ବ୍ୟକ୍ତ କରିଥିଲେ । ଏହି ସାକ୍ଷାତକାରରେ ଅଭିନେତ୍ରୀ କହିଥିଲେ, ଏକ ସମୟରେ ବିରାଟ କୋହଲି ତାଙ୍କ କ୍ରସ ଥିଲେ । ମୃଣାଳଙ୍କ ଏହି ପୁରୁଣା ବିବୃତ୍ତି ଏକ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଦ୍ୱାରା ଶେୟାର କରାଯାଇଥିଲା, ଯାହା ପରେ ପୋଷ୍ଟ ସବୁଆଡେ ଭାଇରାଲ ହେବାରେ ଲାଗିଲା । ଏହି ପୋଷ୍ଟକୁ ନେଇ ମୃଣାଳ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ମୃଣାଳଙ୍କ ଏହି ପୁରୁଣା ବକ୍ତବ୍ୟ ଇନଷ୍ଟାଣ୍ଟ ବଲିଉଡ ଦ୍ୱାରା ପୋଷ୍ଟ କରାଯାଇଥିଲା । ଏଥିରେ ମୃଣାଳ ଏବଂ ବିରାଟ କୋହଲିଙ୍କ ଫଟୋ କଟଆଉଟ ହୋଇଥିଲା ଏବଂ ଏଥିରେ ଲେଖାଥିଲା – ମୁଁ ବିରାଟ କୋହଲିଙ୍କୁ ପାଗଳ ପରି ଭଲ ପାଏ ।' ମୃଣାଳ ଏହି ପୋଷ୍ଟରେ କମେଣ୍ଟ ଦେଇ ନିଜର କ୍ରୋଧ ପ୍ରକାଶ କରିଛନ୍ତି । ଏହା ଉପରେ ସେ ଲେଖିଛନ୍ତି, ଏହାକୁ ବନ୍ଦ କର,ଓକେ । ମୃଣାଳ ପୁଣି ଥରେ ପ୍ରଭାସଙ୍କ ସହ 'କଲ୍କି ୨୮୯୮ ଏଡି'ରେ ନଜର ଆସିବେ । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ହନୁ ରାଘବପଦୀ । ସେପ୍ଟେମ୍ବର ୨୦୨୪ ସୁଦ୍ଧା ଫିଲ୍ମ ଫ୍ଲୋରକୁ ଆସିବ । ଆଜିକାଲି ମୃଣାଳ 'ସନ ଅଫ ସର୍ଦ୍ଦାର ୨'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ।

୧୪-୮-୨୦୨୪
ପୃଷ୍ଠା:୩

ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ବ୍ରହ୍ମପୁର(ବ୍ୟୁରୋ): ମହାନଗର ବିଜେପି ଓ ଜିଲ୍ଲା ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅବସରରେ ଏକ ବିଶାଳ ଜନଜାଗରଣ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଘରେ ଘରେ ତ୍ରିରଙ୍ଗା ସହ ରାଷ୍ଟ୍ରଭକ୍ତିର ଜାଗରଣ ନିମନ୍ତେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେ.ରବି ରାଓଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବାଇକ୍ ରାଲିରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ବିଜେପି ନେତା କାହ୍ନୁଚରଣ ପତି, ଜିଲ୍ଲା ସଭାପତି ଡ.ସୁବାଷ ସାହୁ, ସରୋଜ ସାବତ, ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ ପ୍ରମୁଖ ଗାନ୍ଧୀନଗର ଛକ ଠାରେ ମହାତ୍ମା ଗାନ୍ଧୀ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ତ୍ରିରଙ୍ଗା ଯାତ୍ରା ଆରମ୍ଭ କରିଥିଲେ । ସେହିପରି ସହରର ବିଭିନ୍ନ ସାହି ଛକ ବୁଲି ଏହି ଜନଜାଗରଣ ଯାତ୍ରାରେ ଶତାଧିକ ଯୁବକ ସାମିଲ୍ ହୋଇଥିଲେ । ସକାଳେ ବିଧାୟକ କେ.ଅନୀଲ କୁମାରଙ୍କ ନେତୃତ୍ୱରେ ଅନ୍ନପୂର୍ଣ୍ଣା ମାର୍କେଟ ଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ଓ ଦଳୀୟ କର୍ମୀମାନେ ସହରର ବିଭିନ୍ନ ସ୍ଥାନ ବୁଲିବା ପରେ ଖଲ୍ଲିକୋଟ କଲେଜରେ ପହଞ୍ଚି ତ୍ରିରଙ୍ଗା ପତାକା ବଣ୍ଟନ କରିଥିଲେ । ଏହାସହ ମହାନଗର ନିଗମ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଉଭୟ ସାଂସଦ, ବିଧାୟକଙ୍କ ସମେତ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି, କମିଶନର ଭବାନୀ ମିଶ୍ର, ସୁନୀଲ ସାହୁ, ମଦନମୋହନ ପାତ୍ର, ପ୍ରଭାତ କିରଣ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ସବିତା ସାହୁ, ବରିଷ୍ଠ ନେତା ତଥା ଆଇନ୍‌ଜୀବୀ ପୀତବାସ ପଣ୍ଡା, ଅଶୋକ ଶୁକ୍ଳ, ଟି.ଗୋପୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏବେ ବଡ଼ମାଛଙ୍କୁ ଧରୁଛି ଭିଜିଲାନ୍ସ

ଭୁବନେଶ୍ୱର, ଯାଜପୁର,(ପିପିଏସ୍):

▸▸ ନବୀନ ସରକାର ସମୟରେ ଅଫିସରଙ୍କ ଘର ଥିଲା ମିନି ରତ୍ନଭଣ୍ଡାର

▸▸ ମାମୁ ଭଣଜା ଘାଇ କେଳେଙ୍କାରୀର ମୁଖ୍ୟନାୟକ ତାରା

ଆର୍ ଆଣ୍ଡ୍ ବି ର ଅବସରପ୍ରାପ୍ତ ମୁଖ୍ୟମନ୍ତ୍ରୀ ତାରାପ୍ରସାଦ ମିଶ୍ର ଗିରଫ ହେବା ପରେ ଏବେ ତାଙ୍କର ଯାଜପୁର କନେକ୍ସନକୁ ନେଇ ଚର୍ଚ୍ଚା ଆରମ୍ଭହୋଇଛି । ସେ କାଳେ ମାମୁଁ ଭଣଜା ଘାଇର ମହାନାୟକ । ଯାଜପୁର ବ୍ଲକ୍ ବାଲି ଲୁଟ୍ ଘଟଣା ପଛରେ ରହିଥିଲା ତାଙ୍କର ହାତ । ଦୀର୍ଘ ୭ବର୍ଷ ଧରି ଯାଜପୁର ପାଣିକୋଇଲି ଠାରେ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ ତାରା । ସେତେବେଳର ବିଜେଡିର ପାୱାରଫୁଲ ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଏବଂ ପାଣ୍ଡିଆନ୍‌ଙ୍କ ଛତ୍ରଛାୟା ତଳେ ରହି ଚଳାଇଥିଲେ କଳା ସାମ୍ରାଜ୍ୟ । ଆଉ ବିଜେଡି ପାଣ୍ଡିକୁ ଦେଉଥିଲେ କୋଟିକୋଟି ଟଙ୍କାର ପିସି । ଆଉ ପିସି ବଦଳରେ ତାରାଙ୍କ ସାମ୍ରାଜ୍ୟଙ୍କୁ ସୁରକ୍ଷା ଦେଇଥିଲେ ବବି ଓ ପାଣ୍ଡିଆନ୍ । ଚର୍ଚ୍ଚା ବବି ଓ ପାଣ୍ଡିଆନ୍‌ଙ୍କ ଶକ୍ତିରେ ଶକ୍ତିମାନ ହୋଇ ସାରା ରାଜ୍ୟକୁ ନିୟନ୍ତ୍ରଣ କରୁଥିଲେ ତାରା । ଆଉ ମୋହନ ସରକାର ସମୟରେ ଭିଜିଲାନ୍ସ ଜାଲରେ ତାରା ପଡିବା ପରେ ଏବେ ଆଖି ତରାଟି ଦେବାଭଳି ସମ୍ପତ୍ତି ପଦାକୁ ବାହାରିବାରେ ଲାଗିଛି । ସେପଟେ ଏହି ଘଟଣାରେ ଆହୁରି ବଡ଼ ମାଛ ମାନଙ୍କର ସମ୍ପୃକ୍ତି ଥିବାର ଅଭିଯୋଗ ଆଣିଛନ୍ତି ଯାଜପୁର ସାଂସଦ ରବି ନାରାୟଣ ବେହେରା । ସେ କହିଛନ୍ତି ଯାଜପୁର ହେଉଛି ବିଜେଡି ସରକାରଙ୍କ ଥିଲା ଦୁର୍ନୀତିର ଏନ୍ତୁଡି ଶାଳ । ପୂର୍ବ ସରକାରଙ୍କ ଦୁର୍ନୀତିର ଡେଷ୍ଟିନେସନ ମଧ୍ୟ ଯାଜପୁର ଜିଲ୍ଲା । ପୂର୍ବ ସରକାର ସମୟରେ ଯେଉଁ ଅଧିକାରୀ ମାନେ ଯାଜପୁର ଲିଙ୍କ୍‌ରେ ଥିଲେ ସମସ୍ତେ ଜଣେ ଜଣେ ଦୁର୍ନୀତି ଖୋର ଅଧିକାରୀ । ଆଉ ଏବେ ସମୟ ଆସିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ । ୨୦୨୧ରେ ପାଣିକୋଇଲି ଆର୍ ଆଣ୍ଡ୍ ବି ଡିଭିଜନର ଏକଜ୍ୟୁକିଟିଭ୍ ଇଞ୍ଜିନିୟର ଥିବାବେଳେ ସାମ୍ନାକୁ ଆସିଥିଲା ତାରାଙ୍କର ଏ ବଡ଼ କେଳେଙ୍କାରୀ । ଧର୍ମଶାଳାର ବ୍ରାହ୍ମଣୀ ଶାଖା କେଲୁଅ ନଦୀରେ ମାମୁଁ ଭଣଜା ଘାଇ କରାଗଲା । କ୍ୟାପିଟାଲ ଏମ୍ବାଙ୍କ୍‌ମେଣ୍ଟ ଗୋକର୍ଣ୍ଣେଶ୍ୱରଠାରୁ ମଝିପଡ଼ା ପର୍ଯ୍ୟନ୍ତ ୨୦.୪ କିମି ରାସ୍ତା ନିର୍ମାଣରେ ବଡ଼ ଘୋଟାଲା ହୋଇଥିବା ଅଭିଯୋଗ କରିଥିଲେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା । ଭିଜିଲାନ୍ସ ତଦନ୍ତ ହେଲା । କିନ୍ତୁ ବବି ଦାସଙ୍କ ପାୱାର ବଳରେ ରଫା ଦଫା ହୋଇଗଲା ମାମଲା । କୁହାଯାଉଛି, ବବି ଓ ପାଣ୍ଡିଆନ୍‌ଙ୍କର ମୁଣ୍ଡ ଉପରେ ହାତ ଥିବା କାରଣରୁ କୁବେର ପାଲଟିଗଲେ ଏହି ଯନ୍ତ୍ରୀ ।

କେବଳ ଧର୍ମଶାଳା ନୁହେଁ, ଯାଜପୁର ଜିଲ୍ଲାରେ ହୋଇଥିବା ଅନେକ ବେନିୟମ କାରବାର ତାଙ୍କ ସମୟରେ ହୋଇଥିବାର ଆସିଛି ସଙ୍ଗୀନ ଅଭିଯୋଗ । ଆଉ ଏହାର ତଦନ୍ତ ହେଲେ ଏକାଧିକ ସରକାରୀ ବାବୁ ଫସିବେ ବୋଲି କହିଛନ୍ତି ଯାଜପୁର ଜିଲ୍ଲାବାସୀ ।

ଅନ୍ୟପକ୍ଷରେ ରାଜ୍ୟରେ ଲଗାତାର ଚାଲିଥିବା ଭିଜିଲାନ୍ସ ରେଡ୍‌କୁ ନେଇ ପୂର୍ବ ବିଜେଡି ସରକାର ଉପରେ ବର୍ଷିଛି ବିଜେପି । ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି, ବିଜେଡି ସରକାର ସମୟରେ ଚାଲିଥିଲା ଖୁଲ-ମଖୁଲା ଦୁର୍ନୀତି । ଯାହାର ପ୍ରମାଣ ଭିଜିଲାନ୍ସ ଚଢ଼ଉ ବେଳେ ମିଳୁଛି । ନବୀନ ସରକାର ସମୟରେ ଅଫିସର ମାନଙ୍କ ଘରେ ଥିଲା ମିନି ରତ୍ନଭଣ୍ଡାର । ୨୪ବର୍ଷ ଧରି ଦୁର୍ନୀତିକୁ ନୀତି କରିଥିଲେ ନବୀନ ସରକାର । ପୂର୍ବ ସରକାର ସମୟରେ ଚିଫ୍ ଇଞ୍ଜିନିୟର, ଆଡିସିନାଲ ଚିଫ ଇଞ୍ଜିନୟର, ଓଏଏସ ଅଫିସର ମାନଙ୍କୁ ଧରୁନଥିଲା ଭିଜିଲାନ୍ସ । କେବଳ କିରାଣୀ ଓ ପିଅନ ଭଳି ଛୋଟ ମାଛଙ୍କୁ ଧରୁଥିଲା ଭିଜିଲାନ୍ସ । କିନ୍ତୁ ଏବେ ବିଜେପି ସରକାର ସମୟରେ ପୋଲିସ ଆଇଆଇସି, ଚିଫ୍‌ଇଞ୍ଜିନିୟର ଭଳି ବଡ଼ ମାଛଙ୍କୁ ଧରୁଛି ଭିଜିଲାନ୍ସ । ମଙ୍ଗଳବାର ଆର୍ ଆଣ୍ଡ୍ ବିର ପୂର୍ବତନ ମୁଖ୍ୟଯନ୍ତ୍ରୀ, କୁବେର ବାବୁ ତାରା ପ୍ରସାଦ ମିଶ୍ର ଗିରଫ ହୋଇଛନ୍ତି । ତାରାପ୍ରସାଦ ମିଶ୍ରଙ୍କ ଅଚଳାଚଳ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ । ୩୭୦ ଗ୍ରାମର ହୀରା, ଅଢ଼େଇ କେଜି ସୁନା ଅଳଙ୍କାର, ୬ ଲକ୍ଷ ନଗଦ ଟଙ୍କା, ୭ଫ୍ଲାଟ୍, ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ୧୦ଟି ଦାମୀ ଫ୍ଲାଟ୍, ୨କୋଟି ଟଙ୍କାର ବ୍ୟାଙ୍କ୍ ଡିପୋଜିଟ୍ । ୭ଟି ଦେଶ- ୟୁଏଇ, ଭିଏତନାମ, ଆମେରିକା, ସିଙ୍ଗାପୁର, ମାଲେସିଆ, କାନାଡ଼ା ଓ ଥାଇଲାଣ୍ଡ ବୁଲିଛନ୍ତି ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରା ପ୍ରସାଦ ମିଶ୍ର । ଯାହାର ଲିଷ୍ଟ୍ ଭିଜିଲାନ୍ସ ହାତରେ ଲାଗିଛି । ଏମିତି ଅନେକ ଅଫିସର ଅଛନ୍ତି ଯେଉଁମାନେ ଭି.କେ. ପାଣ୍ଡିଆନ ଇକୋ ସିଷ୍ଟମରେ କାମ କରୁଥିଲେ, ସେମାନେ ଏମିତି କୋଟି କୋଟି ଟଙ୍କା ଲୋକଙ୍କ ଅର୍ଥ ଲୁଟ୍ କରୁଥିଲେ ବୋଲି ବିଜେପି କହିଛି ।

ଯୁବ ଓ ଛାତ୍ର ବିଜେଡିର ସାଙ୍ଗଠନିକ ବୈଠକ

ବ୍ରହ୍ମପୁର(ପିପିଏସ୍):

ଏକତା ଦୀର୍ଘବର୍ଷଧରି ବିଜେଡିର ଗଡ ଭାବେ ପରିଚିତ ଗଞ୍ଜାମ ଜିଲ୍ଲାରେ ଦଳ ଗତ ସାଧାରଣ ନିର୍ବାଚନରେ ଦଳର ବିପର୍ଯ୍ୟୟ ପରେ ଦଳର ସଙ୍ଗଠନକୁ ସଜାଡିବା ପାଇଁ ପ୍ରୟାଶ ଆରମ୍ଭ କରିଛି ବିଜେଡି । ବିରୋଧି ଦଳ ଭାବେ ସ୍ୱରକୁ ଶାଣିତ କରିବା ସହ ଆଭିମୁଖ୍ୟକୁ ଅଧିକ ସ୍ପଷ୍ଟ କରିଛି ଦଳ । ଏହି କ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଏକ ସାଙ୍ଗଠନିକ ବୈଠକ ଜିଲ୍ଲା ଛାତ୍ର ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଯୁବ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ୍ ରାୟ ପ୍ରମୁଖ ଯୋଗଦେଇ ଯୁବ ଓ ଛାତ୍ର କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିବା ସହ ବିଜେପିକୁ କଟାକ୍ଷ କରିଥିଲେ । ଦୀର୍ଘ ୬ବର୍ଷପରେ ବିଭିନ୍ନ କଲେଜରେ ଅନୁଷ୍ଠିତ ହେବା ପାଇଁ ସଜବାଜ ହେଉଥିବା ଛାତ୍ର ସଂସଦ ନିର୍ବାଚନରେ ଗଞ୍ଜାମ ଜିଲ୍ଲା କିପରି ପୂର୍ବଭଳି ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀମାନେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟକୁ ନିଜ ଅକ୍ତିଆରକୁ ନେବେ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ । ତେଣୁ ଜିଲ୍ଲାର ଛାତ୍ର ସଂସଦ ନିର୍ବାଚନକୁ କିପରି ସୁଚାରୁ ରୂପେ ପାଳନ କରାଯିବ ତାହାର ତଦାରଖ ପାଇଁ ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ଯୁବନେତା ବିକ୍ରମ କୁମାର ପଣ୍ଡାଙ୍କୁ ଏହାର ତଦାରଖ ପାଇଁ ୨ ନେତା ଅନୁରୋଧ କରିଥିଲେ । ତେଣୁ ଆମେ ବିରୋଧି ଦଳର ଭୂମିକାର ନେତୃତ୍ୱ ନେବାସହ ଆମେ ଓଡ଼ିଶାବାସୀଙ୍କ ଜାଗ୍ରତ ପ୍ରହରୀ ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି ୨ ନେତା ମତବ୍ୟକ୍ତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲ୍ଲା ବିଜେଡି ସଭାପତି ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି, ସୁବାଷ ମହାରଣା, ଜୋନ୍ ଯୁବ ସଭାପତି ନଚିକେତା ସ୍ୱାଇଁ, ଛାତ୍ର ସଭାପତି ଜ୍ୟୋତିରଞ୍ଜନ ସାହୁ, ଯୁବ ସଭାପତି ଭବାନୀକାନ୍ତ ସାହୁ, ମହାନଗର ଯୁବ ସଭାପତି ଅଜିତ୍ ପଣ୍ଡା, ଛାତ୍ର ସଭାପତି ଶୋଭନ ନାୟକ, ମହିଳା ନେତ୍ରୀ ମମତା ବିଷୋୟୀଙ୍କ ସମେତ ଜିଲ୍ଲାର ବହୁ ଛାତ୍ର, ଯୁବ ବିଜେଡି କର୍ମୀଙ୍କ ସହ ବ୍ରହ୍ମପୁର ନିଗମର ବହୁ କର୍ପୋରେଟର ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ

ସୁଭଦ୍ରା ଯୋଜନା ପାଇଁ ଏସ୍‌ଓପି ପ୍ରସ୍ତୁତ

ସାଧାରଣ ଲୋକଙ୍କ ମତାମତ ପରେ ସାର୍ବଜନୀନ ହେବ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିପିଏସ୍):

ସୁଭଦ୍ରା ଯୋଜନା ଏସଓପି ନେଇ ମୁହଁ ଖୋଲିଲେ ଉପମୁଖ୍ୟମନ୍ତ୍ରୀ । ସାଧାରଣ ଲୋକଙ୍କ ମତାମତ ପରେ ସୁଭଦ୍ରା ଏସଓପି ସାର୍ବଜନୀନ ହେବ । ଯୋଜନାରେ କିଏ ଉପକୃତ ହେବେ ଓ କିଏ ପାଇବେନି ତାର ସ୍ପଷ୍ଟ ଚିତ୍ର ରହିବ । ତେବେ ଆସନ୍ତା ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନା ରାଜ୍ୟରେ ଲାଗୁହେବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ସୁଭଦ୍ରା ଯୋଜନା ନେଇ ଲୋକଙ୍କ ମଧ୍ୟରେ ନାହିଁ ନଥିବା ଉତ୍କଣ୍ଠା ରହିଛି । ତେବେ ସାଧାରଣ ଲୋକଙ୍କ ମତାମତ ପରେ ସୁଭଦ୍ରା ଏସଓପି ସାର୍ବଜନୀନ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ତାରିଖରେ ହୋଇଥିବାରୁ ସେହିଦିନ ହିଁ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାକୁ କାର୍ଯ୍ୟକାରୀ କରିବେ । ତେଣୁ ମହିଳାଙ୍କୁ ଭ୍ରମିତ ନହେବାକୁ ଅପିଲ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ଏହା ପ୍ରଦାନ କରାଯିବ । ସୁଭଦ୍ରା ଯୋଜନା ପାଇଁ ଏସ୍‌ଓପି ପ୍ରସ୍ତୁତ ସରିଛି, ଲୋକଙ୍କ ମତାମତକୁ ଅପେକ୍ଷା କରାଯାଇଛି । ସାରା ରାଜ୍ୟରେ ୧୦ଟି କ୍ଲଷ୍ଟର୍‌ରେ ଲୋକମାନଙ୍କଠାରୁ ମତାମତ ନିଆଯାଉଛି । ଲୋକମାନେ ଯାହା ମତାମତ ଦେବେ, ସେହି ହିସାବରେ ସଂଶୋଧନ ହେବ ବୋଲି ସେ କହିଛନ୍ତି । ତେବେ ଅଗଷ୍ଟ ୧୪ତାରିଖ ସୁଦ୍ଧା ଜିଲ୍ଲାପାଳମାନଙ୍କ ଠାରୁ ଫିଡବ୍ୟାକ୍ ରିପୋର୍ଟ ଆସିବ । ଲୋକଙ୍କ ମତ ପରେ ଏସ୍‌ଓପିରେ ସଂଶୋଧନ ହୋଇ ସାର୍ବଜନୀନ ହେବ । ସୂଚନଯୋଗ୍ୟ, ବିଜେପି ସରକାର ରାଜ୍ୟରେ ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ଦୁଇବର୍ଷ ପାଇଁ ୫୦ହଜାର ଟଙ୍କାର ଭାଉଚର ଯୋଗାଇ ଦେବେ । ଯାହାକୁ ମହିଳାମାନେ ନିଜର ଇଚ୍ଛା ଓ ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିପାରିବେ । ସେପ୍ଟେମ୍ବର ୧୭ରେ ୫ଲକ୍ଷ ମହିଳାଙ୍କୁ ଏହି ଯୋଜନାର ଭାଉଚର ଯୋଗାଇ ଦିଆଯିବ ।

ଦେବୀ ମିଶ୍ର କମିଟିକୁ ଫୁ'କରିଦେଲେ ପାଣ୍ଡିଆନ୍

ଭୁବନେଶ୍ୱର,(ପିପିଏସ୍):

▸ ଦୁଇମାସର ସରକାର ବିରୋଧରେ ଜନଜାଗରଣ ଅଭିଯାନକୁ ସମର୍ଥନ କରୁନାହାନ୍ତି ଅଧିକାଂଶ ନେତା

▸ ଅମଙ୍ଗ ନେତାଙ୍କ ଉପରେ ପାଣ୍ଡିଆନ୍ ପକାଉଛନ୍ତି ଚାପ

▸ ସବୁ ଜାଣି ନବୀନ ନୀରବ

ବିଜେଡି ବିପର୍ଯ୍ୟୟର ଖଳନାୟକ ଭିକେ ପାଣ୍ଡିଆନ୍ ପୁଣି ସକ୍ରିୟ ହୋଇଉଠିଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସହାୟତା ଓ ବାଧ୍ୟବାଧକତାର ଫାଇଦା ଉଠାଇ ପାଣ୍ଡିଆନ୍ ପୁଣିଥରେ ବିଜେଡି ସଂଗଠନକୁ ନିଜ ମର୍ଜିରେ ପରିଚାଳନା ଆରମ୍ଭ କରିଛନ୍ତି । ଆଉ ଦଳର ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ପାଇଁ ନବୀନ ସପ୍ତାହକ ତଳେ ବରିଷ୍ଠ ନେତା ଦେବୀ ମିଶ୍ରଙ୍କ ନେତୃତ୍ୱରେ ଘୋଷଣା କରିଥିବା ୧୫ଜଣିଆ ସମନ୍ୱୟ କମିଟିକୁ ମଧ୍ୟ ପାଣ୍ଡିଆନ୍ ଏବେ ଫୁ' କରିଦେଇଛନ୍ତି । ଦଳରେ ତଳଠୁ ଉପରପର୍ଯ୍ୟନ୍ତ ରହିଥିବା ଅସନ୍ତୋଷକୁ ଚପାଇବା ଓ ନିଜର ଗ୍ରହଣୀୟତା ବଢ଼ାଇବା ଉଦ୍ଦେଶ୍ୟରେ ନବୀନଙ୍କୁ ପ୍ରଭାବିତ କରି ପାଣ୍ଡିଆନ୍ ହିଁ ଅଗଷ୍ଟ ୧୬ରୁ ବିଜେପି ସରକାର ବିରୁଦ୍ଧରେ ସବୁ ପଂଚାୟତରେ 'ଜନଜାଗରଣ ଅଭିଯାନ'ର ପରିକଳ୍ପନା କରିଥିବା ଜଣାପଡ଼ିଛି । ତେବେ ମାତ୍ର ଦୁଇମାସର ବିଜେପି ସରକାର ବିରୁଦ୍ଧରେ ପଂଚାୟତରେ ଜନଜାଗରଣ ଅଭିଯାନ କରାଯିବାକୁ ବିଜେଡିର ଅଧିକାଂଶ ବରିଷ୍ଠ ନେତା ନାପସନ୍ଦ କରିଥିଲେ ମଧ୍ୟ ପାଣ୍ଡିଆନ୍ ଜିଦ୍ ଧରି ଏହି କାର୍ଯ୍ୟକ୍ରମ କରିବାକୁ ଦଳୀୟ ନେତାମାନଙ୍କ ଉପରେ ଚାପ ପକାଉଥିବା ଚର୍ଚ୍ଚା ହେଉଛି ।

ସୂଚନା ଅନୁସାରେ, ନବୀନଙ୍କ ମାତ୍ରାଧିକ ନିର୍ଭରଶୀଳତା ଓ ନିରବତା ମଧ୍ୟରେ ପାଣ୍ଡିଆନ୍‌ଙ୍କ ରାଜନୀତିକ ମହତ୍ୱାକାଂକ୍ଷା ଯୋଗୁ ବିଜେଡି ତଳିତଳାନ୍ତ ହେବାରେ ଲାଗିଛି । ପାଣ୍ଡିଆନଙ୍କ ତ୍ରୁଟିପୂର୍ଣ୍ଣ ରଣନୀତି ଯୋଗୁ ରାଜ୍ୟରେ ବିଜେଡି ସରକାରର ପତନ ହୋଇଛି ଓ ସଂଗଠନ ମଧ୍ୟ ତୃଣ-ମୂଳସ୍ତରରେ ଭୁଶୁଡ଼ିବାରେ ଲାଗିଲାଣି । କର୍ମୀ ଓ ନେତାମାନେ ବି ଧୀରେଧୀରେ ଦଳଠୁ ମୁହଁ ଫେରାଇବା ଆରମ୍ଭ କଲେଣି । ତଥାପି ନବୀନ ପଟ୍ଟନାୟକଙ୍କ ଚେତା ପଶିନି । ସମସ୍ତଙ୍କ ବିରୋଧ ସତ୍ତ୍ୱେ ନବୀନ ଏବେ ବି ପାଣ୍ଡିଆନ୍‌ଙ୍କୁ କୋଳେଇ ଧରିଛନ୍ତି ଆଉ ପରୋକ୍ଷରେ ନିଜେ ଗଢ଼ିଥିବା ବିଜେଡିକୁ ଧ୍ୱଂସ କରିବାରେ ଲାଗିପଡ଼ିଥିବା ଚର୍ଚ୍ଚା ହେଉଛି । ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ କାହିଁକି ହେଲା ଓ କିଏ ଦାୟୀ ତା'ର କାରଣ ଖୋଜିବାକୁ ନବୀନ ୨ମାସ ପରେ ବି ଆଗ୍ରହ ଦେଖାଉ ନାହାନ୍ତି । ଅବଶ୍ୟ ଦଳୀୟ ନେତାମାନେ ବାରମ୍ବାର ପାଣ୍ଡିଆନ୍ ଓ ତାଙ୍କ ଟିମ୍‌କୁ ଦାୟୀ କରିବା ପରେ ନବୀନ ସମସ୍ତଙ୍କ ନଜର ଏଡ଼ାଇବା ପାଇଁ ବରିଷ୍ଠ ନେତା ଦେବୀ ମିଶ୍ରଙ୍କ ନେତୃତ୍ୱରେ ଅଗଷ୍ଟ ୫ତାରିଖରେ ୧୫ଜଣିଆ ସମନ୍ୱୟ କମିଟି ଗଠନ କଲେ । ଆଉ ବରିଷ୍ଠ ନେତାମାନଙ୍କୁ ନେଇ ଗଠିତ ଏହି କମିଟି ଦଳର ସମସ୍ତ ସାଂଗଠନିକ କାର୍ଯ୍ୟକ୍ରମର ତଦାରଖ ଓ ସମନ୍ୱୟ କରିବ ବୋଲି ଘୋଷଣା କଲେ । କମିଟି ବି ଅଗଷ୍ଟ ୮ତାରିଖରେ ନିଜର ପ୍ରଥମ ବୈଠକ କରି ଦଳକୁ ସକ୍ରିୟ କରିବା ନିମନ୍ତେ ନିଜର ପ୍ରସ୍ତାବଗୁଡ଼ିକ ଲିଖିତ ଆକାରରେ ନବୀନଙ୍କୁ ଦେଲେ । ଦଳକୁ ଅନ୍ୟକେହି(ପାଣ୍ଡିଆନ୍ କି ବବି) ନୁହେଁ ବରଂ ନବୀନ ନିଜେ ବୁଝନ୍ତୁ ବୋଲି ଏହି ବରିଷ୍ଠ ନେତାମାନେ ଖୋଲାଖୋଲି ପରାମର୍ଶ ଦେଲେ । ଅନ୍ୟପକ୍ଷରେ ଦେବୀ ମିଶ୍ର କମିଟିର ଏଭଳି ଲିଖିତ ପ୍ରସ୍ତାବକୁ ପାଣ୍ଡିଆନ୍ ନିଜର ଅପମାନ ଭାବି ଗୋଟିଚାଳନା ଆରମ୍ଭ କରିଥିବା ଜଣାପଡ଼ିଛି । ଅଗଷ୍ଟ ୧୬ତାରିଖରେ ଦଳ ପ୍ରତି ପଂଚାୟତରେ ବିଜେପି ସରକାର ବିରୁଦ୍ଧରେ ଜନଜାଗରଣ ଅଭିଯାନ କରିବ ବୋଲି ଅଚାନକ ଗତକାଲି(ଅଗଷ୍ଟ ୧୨) ଘୋଷଣା କରାଗଲା । ନବୀନ ନିଜର ସୋସିଆଲ ମିଡିଆରେ ଏହି ସୂଚନା ଦେବା ସହ ଦଳର ମିଡିଆ ସଂଯୋଜକ ଲେନିନ୍ ମହାନ୍ତିଙ୍କ ମାଧ୍ୟମରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଗଲା । କିନ୍ତୁ ଏହି 'ଜନଜାଗରଣ ଅଭିଯାନ'କୁ ନେଇ ଦେବୀ ମିଶ୍ର କମିଟି ସହ କୌଣସି ପ୍ରକାରର ବିଚାରବିମର୍ଶ କରାଯାଇନଥିବା ଜଣାପଡ଼ିଛି । ଏପରିକି ୫ବର୍

ନୂଆପଡ଼ା-ବରଗଡ଼ ରେଳଲାଇନ୍ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ସାଂସଦ ପ୍ରଦୀପ ପୁରୋହିତ

ଭୁବନେଶ୍ୱର: ନୂଆପଡ଼ା-ବରଗଡ଼ ରେଳଲାଇନ୍ ପାଇଁ ପୁଣି ଥରେ ଦାବି ଦୋହରାଇଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଏହି ପ୍ରକଳ୍ପ ଲାଗି ଦାବିପତ୍ର ପ୍ରଦାନ କରିଛନ୍ତି । ସାଂସଦ ପ୍ରଦୀପ ପୁରୋହିତ ଏହି ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ପଶ୍ଚିମ ଓଡ଼ିଶାରେ ଏହି ଅଞ୍ଚଳର ଆର୍ଥିକ,ବ୍ୟାବସାୟିକ ତଥା ବାଣିଜ୍ୟିକ ବିକାଶ ପାଇଁ ଏହି ରେଳଲାଇନ୍ ଲାଇଫଲାଇନ୍ ସାବ୍ୟସ୍ତ ହେବ । ପୂର୍ବରୁ ମଧ୍ୟ ସେ ରେଳମନ୍ତ୍ରୀଙ୍କ ନିକଟରେ ସମାନ ଦାବି ରଖିଥିବା ବେଳେ ଏହା କେନ୍ଦ୍ର କ୍ୟାବିନେଟ୍ ଓ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇଥିବା କୁହାଯାଇଥିଲା । ତେବେ ଚଳିତ ବର୍ଷର ରେଲ ବଜେଟରେ ଓଡ଼ିଶାର ଅନ୍ୟ ୬ଟି ପ୍ରକଳ୍ପ ସ୍ଥାନ ପାଇଥିଲେ ବି ନୂଆପଡ଼-ବରଗଡ଼ ରେଳ ଲାଇନକୁ ନଜରଅନ୍ଦାଜ କରାଯାଇଛି । ସେହିପରି ପଦ୍ମପୁର ଉପନିର୍ବାଚନ ତଥା ଗତ ସାଧାରଣ ନିର୍ବାଚନରେ ଏହି ରେଳ ପ୍ରକଳ୍ପ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ତେବେ ଏହି ପ୍ରତିଶ୍ରୁତି ମୁତାବକ ପ୍ରକଳ୍ପ ଘୋଷଣା ହୋଇନାହିଁ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାକୁ ନଜରରେ ରଖି ନୂଆପଡ଼ା-ବରଗଡ଼ ରେଳ ଲାଇନର ପୁନର୍ବିଚାର କରିବାକୁ ସାଂସଦ ପ୍ରଦୀପ ପୁରୋହିତ ରେଳମନ୍ତ୍ରୀଙ୍କୁ ଭେଟି ଏ ସଂପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି ।

ସରକାରୀ ଜମିରୁ କାଟିନେଲେ ବହୁ ମୂଲ୍ୟବାନ ଗଛ

ଧର୍ମଶାଳା, (ହି.ସ.)- 'ଏକ ପେଡ ମା କେ ନାମ' ଚାରାରୋପଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାରା ଦେଇଥିଲେ । ଏହି ନାରାକୁ ନେଇ ରାଜ୍ୟ ସରକାର ପ୍ରତ୍ୟକ ଲୋକଟିକୁ ଗଛଟିଏ । ତେଣୁ ସାଢେ ଚାରି କୋଟି ଓଡିଶାବାସୀଙ୍କ ପାଇଁ ପାଂଚ କୋଟି ଚାରାଗଛ ସରକାର ଲଗାଇବା ପାଇଁ ସ୍ଥିର କରିଛନ୍ତି । ଏପଟେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେପଟେ ଗଛ କଟା ଯାଉଥିବା ଦେଖିବାକୁ ମିଳିଛି । ଯାଜପୁର ତହସିଲ ବ୍ରହ୍ମବରଦା ଥାନା ଝାଲପଡା ପଂଚାୟତ କାକୁଡିକୁଦ ଗ୍ରାମର ନଣ୍ଡା ମାଧବ ପଡିଆରେ ଥିବା ସରକାରୀ ଜମିରୁ ୮ ଗୋଟି ମୂଲ୍ୟବାନ ଗଛକୁ ସ୍ଥାନୀୟ ଲୋକେ କାଟି ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ରବିବାର ସକାଳ ସମୟରେ କାକୁଡିକୁଦ ରାଜସ୍ୱ ଗ୍ରାମର ନଣ୍ଡା ମାଧବ ସରକାରୀ ଜମିରେ ଥିବା ବହୁ ମୂଲ୍ୟବାନ ଶାଗୁଆନ, ପଟାସ୍ ଓ ଆକାଶୀ ଗଛକୁ ଗ୍ରାମର ପରମେଶ୍ୱର ଜେନା ଓ ତାଙ୍କ ୨ ପୁଅ ପ୍ରଭଞ୍ଜନ ଓ ପ୍ରିୟ ରଞ୍ଜନ କଟର ମେସିନ ଲଗାଇ ଗଛ ଗଛଗୁଡିକୁ କାଟି ଅତି ଚତୁରତାର ସହ ଟ୍ରାକ୍ଟରରେ ଲଦି ନେଇ ଯାଉଥିବା ସମୟରେ ଗ୍ରାମର କ୍ଷେତ୍ରବାସୀ ସାହୁଙ୍କ ପୁଅ ବଳାରାମ ଓ ସ୍ଥାନୀୟ ଲୋକେ ସରକାରୀ ଜମିରୁ କାହିଁକି ଗଛ କାଟି ନେଲ ବୋଲି ପଚାରିବାରୁ ପରମେଶ୍ୱର ଏବଂ ତାଙ୍କ ୨ ପୁଅ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୋରଜବରଦସ୍ତ ଘଟଣାସ୍ଥଳରୁ ଟ୍ରାକ୍ଟର ନେଇ ପଳାଇଥିଲେ । ଏନେଇ ବଳରାମ ଓ ସ୍ଥାନୀୟ ଗ୍ରାମବାସୀ କାକୁଡିକୁଦ ରାଜସ୍ୱ ନିରୀକ୍ଷକ, ଯାଜପୁର ତହସିଲଦାର ଓ ଡାଳିଯୋଡା ବନବିଭାଗକୁ ଖବର ଦେବା ସହିତ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ଲୋକ ପ୍ରତିନିଧି ଚାରାରୋପଣ କରିବା ପାଇଁ ଲୋକମାନଙ୍କୁ କହୁଥିବା ବେଳେ ଅନ୍ୟ ପଟେ ଗଛ କାଟିବାକୁ ପ୍ରୋତ୍ସାହନ ଦେଉଥିବା ଗ୍ରାମବାସୀ କହିଛନ୍ତି । ଗଛ କାଟିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି ।

ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,(ହି.ସ.) - ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତ ନୂଆକୂଳସ୍ଥ ମଙ୍ଗଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ବିଦାୟକଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ଉତ୍ସବରେ ବାଙ୍କସାହି କ୍ଲଷ୍ଟରର ପୂର୍ବତନ ସିଆରସିସି ବ୍ରଜ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ଓ ମୁଖ୍ୟବକ୍ତାଭାବେ ଧର୍ମଶାଳା ମଣ୍ଡଳର ପ୍ରାକ୍ତନ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକକଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ପଦ୍ମଜା ଶରଣ ମଂଚ ପରିଚାଳନା କରିଥିଲେ । ଛାତ୍ରମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ , ବାଙ୍କସାହି କ୍ଲଷ୍ଟର,ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା,ପୁରତନଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ବାଙ୍କସାହି କ୍ଲଷ୍ଟର ସିଆରସିସି ପରିକ୍ଷିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଶ୍ରୀ ପ୍ରଧାନଙ୍କୁ ଏକ ଖୋଲା ଗାଡିରେ ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇ ତାଙ୍କ ବାସଭବନକୁ ପାଛୋଟି ନେଇଥିଲେ ।

ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ

ଧର୍ମଶାଳା,(ହି.ସ.) - ଯାଜପୁର ଜିଲା ବଡଚଣା ବ୍ଲକ ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ସୟଂ ଶାସିତ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉଚ୍ଚ ଶିକ୍ଷା ଓ କ୍ରୀଡା ଯୁବ ବ୍ୟାପର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥିଭାବେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ବଡଚଣାକ ବିଧାୟକ ଅମର ନାୟକ ଓ ପୂର୍ବତନ କୂଳପତି ଡ. କୁମାରବର ଦାସ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ଶିକ୍ଷା ପଦ୍ଧତି ଓ ପୁସ୍ତକର ଶିକ୍ଷା ପଦ୍ଧତି ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଶୈଳଜା'ଙ୍କୁ ଅତିଥିମାନେ ଲୋକାର୍ପିତ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଏହି ମହାବିଦ୍ୟାଳୟର ଭିତି ଭୂମିର ବିକାଶ ଦିଗରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ । ଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଏହି ମହାବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀ ଓ ସେଚ୍ଛାସେବୀମାନେ ସହଯୋଗ କରିଥିଲେ ।

କେନ୍ଦ୍ରାପଡ଼ା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା,(ହି.ସ.) – ଏହି ବ୍ଲକ୍ ଅନ୍ତର୍ଗତ କୁତରଙ୍ଗସ୍ଥିତ ମଦନମୋହନ ଜ୍ଞାନପୀଠ ଠାରେ କେନ୍ଦ୍ରାପଡ଼ା ବ୍ଲକ୍‌ର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ରବିବାର ଦିନ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପସଭାପତି ରାଜକିଶୋର ନାୟକଙ୍କ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରୈଲୋକ୍ୟ ଚରଣ ସାଇଁ, ତପନ କୁମାର ସିଂହ, ନିର୍ମଳ କୁମାର ନାୟକ, ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ଜିଲ୍ଲା ଉପସଭାପତି ପ୍ରମୋଦ କୁମାର ବେହେରା, ଜିଲ୍ଲା ଉପସଭାପତି ଅଶୋକ କୁମାର ପରିଡ଼ା, କେନ୍ଦ୍ରାପଡ଼ା ବ୍ଲକ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି, ଡେରାବିଶ ବ୍ଲକ ସମ୍ପାଦକ ଗଗନବିହାରୀ ସୂତାର, ରାଜକନିକା ସମ୍ପାଦକ ଅରବିନ୍ଦ ନାୟକ, ପଟ୍ଟାମୁଣ୍ଡାଇ ସମ୍ପାଦକ ବାବାଜୀ ଚରଣ ଦାସ, ମଦନମୋହନ ଜ୍ଞାନପୀଠର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ସରୋଜିନୀ ସାଇଁ, ଗୋବରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ର, ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ, ଦୁତିଆଳ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଇନ୍ଦୁପୁର ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣି, ସୁରେଶ ଚନ୍ଦ୍ର ସାଇଁ, କ୍ରୀଡ଼ା ଶିକ୍ଷକ, ପୁରୁଷୋତମପୁର ପଂଚାୟତ ଉଚ୍ଚ ବିଦ୍ୟାଳୟର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ଶେଷରେ ଆଗାମୀ ତିନି ବର୍ଷ ପାଇଁ କର୍ମକର୍ତା ଚୟନ କରାଯାଇଥିଲା । କର୍ମକର୍ତା ହେବେ ସଂପ୍ରତି ସଭାପତି ତପନ କୁମାର ଦାଶ, ଉପସଭାପତି କନକ ଓଝା, ଉପସଭାପତି ରାଜକିଶୋର ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ କଲ୍ୟାଣୀ ସାଇଁ, ଯୁଗ୍ମ ସମ୍ପାଦକ ପଙ୍କଜ କୁମାର ବେହୁରା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଭାବେ ସଞ୍ଜୟ କୁମାର ଶର୍ମା, ସୁରେଶ ଚନ୍ଦ୍ର ସାଇଁ, ତୁଷାରକାନ୍ତ ସାମନ୍ତରାୟ, ପ୍ରଭାକର ଆଚାର୍ଯ୍ୟ, ରବିନ୍ଦ୍ର କୁମାର ସାଇଁ ଓ ରାଜ୍ୟ ପରିଷଦ ସଭ୍ୟ ଭାବେ ପ୍ରକାଶ ଚନ୍ଦ୍ର ପାଣି, ପ୍ରିୟରଞ୍ଜନ ବିଶ୍ୱାଳ, ନିରାକାର ସାମଲ ପ୍ରମୁଖ ମନୋନୀତ ହୋଇଥିଲେ । ସଭାକାର୍ଯ୍ୟକୁ ମଦନମୋହନ ଜ୍ଞାନପୀଠର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ନେତା ତଥା ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ମହାନ୍ତି ପ୍ରାରମ୍ଭରେ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଗତ ବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ । ଶିକ୍ଷକ କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ଯୁଗ୍ମ ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ପଣ୍ଡ

ଧର୍ମଶାଳା,(ହି.ସ.) - ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ-କାଏମା ପଂଚାୟତସ୍ଥ ପାହାଡ ତଳି ନିକଟରୁ ରବିବାର ରାତିରେ କେହି ଦୁବୃତ ଏସ୍‌ବିଆଇ ଏଟିଏମ୍ କାଉଁଟର ଭିତରେ ପଶି ମେସିନକୁ କଟର ଦ୍ୱାରା ଭାଙ୍ଗି ଦେଇଥିବା ଜଣାପଡିଛି । ମେସିନ୍ ଭିତରେ ଥିବା ଆବଶ୍ୟକୀୟ କାଗଜ ପତ୍ର ଓ ଲାଗି ଥିବା ସିସି କ୍ୟାମେରାକୁ ଦୁବୃତମାନେ ଭାଙ୍ଗି ଦେଇଥିବା ଜଣାପଡିଛି । ତେବେ ସକାଳେ ଗ୍ରାହକମାନେ ଟଙ୍କା ଉଠାଣ କରିବାକୁ ଆସି ଏଟିଏମ୍ ମେସିନ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଏନେଇ ଧର୍ମଶାଳା ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି । ତେବେ ଏହି କାଉଁଟରରୁ ଟଙ୍କା ଲୁଟ ହୋଇଛି କି ନାହିଁ ତାହା ବିଭାଗୀୟ ଯନ୍ତ୍ରୀ ତଦନ୍ତ କଲେ ଜଣାପଡିବ ବୋଲି ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

ଗୃହ ନିର୍ମାଣ ବୋର୍ଡ କାର୍ଯ୍ୟ ସମୀକ୍ଷାକଲେ ମନ୍ତ୍ରୀ

ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ସହିତ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର: ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ସମୀକ୍ଷା କରିଛନ୍ତି । ଖାରବେଳ ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ବୋର୍ଡର ବର୍ତମାନର ସ୍ଥିତି, ଆଗାମୀ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟର ୨୧ଟି ଜିଲ୍ଲାରେ ବୋର୍ଡର ଉପସ୍ଥିତି ଥିବାବେଳେ ରାଉରକେଲା ଓ ଭୁବନେଶ୍ୱର ଆଦି ସ୍ଥାନରେ ବହୁଳ ଭାବେ କାର୍ଯ୍ୟ ଜାରି ରହିଛି । ବୋର୍ଡ ତରଫରୁ ବର୍ତମାନ ସୁଦ୍ଧା ୩୨,୩୪୩ଟି ବାସଗୃହ ଓ ପ୍ଲଟ ବିକଶିତ କରାଯାଇଥିବା ଜଣାଯାଇଛି । ଭୁବନେଶ୍ୱରର ପଟିଆ, କାନନବିହାର, ଚନ୍ଦ୍ରଶେଖର, ଭିଏସଏସନଗର, ସତ୍ୟନଗର, ଲୁଇସରୋଡ, ଭିମଟାଙ୍ଗୀ, ବରମୁଣ୍ଡା, ମୈତ୍ରୀବିହାର ଓ ଶୈଳଶ୍ରୀବିହାର ଆଦିରେ ପ୍ରାୟ ୨୦ହଜାର ବାସଗୃହ ନିର୍ମାଣ କରାଯାଇଛି । ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଏବେ ଋଣ ମୁକ୍ତ ସଂସ୍ଥା ହୋଇପାରିଛି । ବର୍ତମାନ ବୋର୍ଡ ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱରରେ ଖାରବେଳ ଏନକ୍ଲେଭ, ସୁବାସ ଏନକ୍ଲେଭ, ଅନୁଗୁଳରେ ଅନୁଗୁଳ ଏନକ୍ଲେଭର ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଭୁବନେଶ୍ୱରର ଜଗନ୍ନାଥ ପ୍ରସାଦ ଠାରେ ପ୍ଲଟିଂ ସ୍କିମ୍ କାର୍ଯ୍ୟକାରୀ କରାଯାଉଛି । ଆଗାମୀ ଦିନରେ ରାଜ୍ୟର ସହରାଂଚଳରେ ସମସ୍ତ ପାଇଁ ଘର ଯୋଜନାରେ ୫୦,୦୦୦ ପ୍ଲଟ ଓ ଘର ଯୋଗାଇଦେବାର ଲକ୍ଷ୍ୟ ରହିଛି । ରାଜ୍ୟର ସମସ୍ତ ଜିଲ୍ଲା ସହାଂଚଳରେ ପ୍ରାୟ ଏକ ହଜାର ଘର ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି । ସେହିଭଳି ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, ଜଗତ୍ ?ସିଂହପୁର, କଟକ ଆଦି ଜିଲ୍ଲାରେ ପ୍ରାୟ ୫୨୦ ଏକର ଜମି ଅଧିଗ୍ରହଣ ପାଇଁ ଲକ୍ଷ୍ୟ ରଖାଯାଇଛି । ବୋର୍ଡର ପ୍ରକଳ୍ପ ଅଂଚଳରେ ଜବରଦଖଲ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ତାହାକୁ ତୁରନ୍ତ ମୁକୁଳାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବୋର୍ଡର ଏମଡି ସାଗରିକା ପଟ୍ଟନାୟକ, ସଚିବ ରଶ୍ମିତାରାଣୀ ତରାସିଆ, ମୁଖ୍ୟଯନ୍ତ୍ରୀ ଏଲ ପି ମହାପାତ୍ର ଏବଂ ଅର୍ଥ ପରମର୍ଶଦାତା ମିନତି ପତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଟ୍ରକ୍ ପଛରେ ଧକ୍କାଦେଲା କାର୍ : ୨ ଗୁରୁତର

ଧର୍ମଶାଳା, (ହି.ସ.)- ୧୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା । ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛ ପଟକୁ ଟାଟା ଇଲେକ୍ଟ୍ରି କାର ଧକ୍କା ଦେଇଥିଲା । ଫଳରେ କାରରେ ଥିବା ୨ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ, ଆଜି ଅପରାହ୍ନରେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡରେ ପୂର୍ବରୁ ଏକ ଟ୍ରକ ନମ୍ବର (ଓଡି୦୫ଏଜି୯୩୩୪) ଛିଡା ହୋଇଥିଲା । ତେବେ କଟକ ଅଭିମୁଖେ ଯାଉଥିବା ଏକ ଇଲେକ୍ଟ୍ରୀ ଟାଟା କାର ନମ୍ବର(ଓଡି୦୫ବିଏସ୍ ?-୪୯୭୦) ଭାରସାମ୍ୟ ହରାଇ ଟ୍ରକ ପଛ ପଟକୁ ଧକ୍କା ଦେଇଥିଲା । ଫଳରେ କାର ଭିତରରେ ଥିବା ୨ ଜଣ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଧର୍ମଶାଳା ପୋଲିସ ଓ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପଂହଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ । ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ତେବେ ସେମାନଙ୍କ ପରିଚୟ ମିଳି ପାରିନାହିଁ । ଏହି ଦୁର୍ଘଟଣାରେ କାରଟି ଚୁରମାର ହୋଇଯାଇଥିବା ବେଳେ ପୋଲିସ ୨ଟି ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି ।

ପାରିବାରିକ କଳହ ନେଇ ବିଷ ପିଇଲେ ବୃଦ୍ଧ ଦମ୍ପତି

ଯାଜପୁର: ପାରିବାରିକ କଳହକୁ ନେଇ ବୃଦ୍ଧ ଦମ୍ପତି ବିଷ ପିଇବା ଭଳି ଘଟଣା ଘଟିଛି । ବିଷପିଇ ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତି ହୋଇଛନ୍ତି । ଏଭଳି ଘଟଣା ଘଟିଛି ଯାଜପୁର ଜିଲ୍ଲା କୋରେଇ ଥାନା ରାଉତପଡା ଗ୍ରାମରେ । ଗତକାଲି ବିଳମ୍ବିତ ରାତିରେ ପାରିବାରିକ କଳହକୁ ନେଇ ଗ୍ରାମର ଉମାମଣି ବେହେରା ଏବଂ ସ୍ୱାମୀ ବାବାଜୀ ବେହେରା ବିଷ ପିଇ ଦେଇଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଉମାମଣିଙ୍କୁ ମୃତ ଘୋଷଣା କରିଥିଲେ

ଟଙ୍କା ପାଇଁ ବନ୍ଧା ପଡ଼ିଥିଲା ସାର୍ଟିଫିକେଟ୍ ଥାନାରେ ଅଭିଯୋଗକଲେ ଛାତ୍ରୀ

ବରଗଡ଼ : ଟଙ୍କା ପାଇଁ ବନ୍ଧା ପଡ଼ିଥିଲା ଛାତ୍ରୀଙ୍କ ପ୍ରମାଣପତ୍ର । ଦୀର୍ଘ ଦିନ ଧରି ସାର୍ଟିଫିକେଟ ବନ୍ଧା ପଡିଥିବା ନେଇ ଛାତ୍ରୀ ଅଭିଯୋଗ କରିଛନ୍ତି । ବାରମ୍ବାର ସାର୍ଟିଫିକେଟ ମାଗିବା ପରେ ମଧ୍ୟ କେହି କିଛି ଶୁଣିନଥିବା ନେଇ ଛାତ୍ରୀ ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗକାରିଣୀ ହେଉଛନ୍ତି ବରଗଡ ସଦର ବ୍ଲକ ପ୍ରଧାନପାଲି ଗାଁର ରୁବି ମହାନନ୍ଦ । ଏଏନଏମ ତାଲିମ ପାଇଁ ବରଗଡ଼ ମହାବୀର ଏଏନଏମ ଅନୁଷ୍ଠାନରେ ନାମ ଲେଖାଇଥିଲେ । ନାମଲେଖା ସମୟରେ ୧୦ ହଜାର ଟଙ୍କା ଦେଇ ନାମ ଲେଖାଇଲେ ସ୍କଲାରସିପ ପାଇଁ ଆଉ ଟଙ୍କା ଦେବାକୁ ପଡିବନି କୁହାଗଲା । ହେଲେ ଏବେ ତାଙ୍କୁ ଏକ ଲକ୍ଷ ଟଙ୍କା ମଗାଯିବାରୁ ସେ ଥାନାକୁ ଯାଇ ଏତଲା ଦେଇଛନ୍ତି । ଆଉ ଏତଲା ଦେବା ପରେ ସେ କହିଛନ୍ତି, କଲେଜରେ ପ୍ରଥମ ବର୍ଷ ପାଠ ପଢିଥିଲେ । ହେଲେ କଲେଜରେ ଭଲ ପାଠପଢା ଯାଉନଥିଲା । ଦ୍ୱିତୀୟ ବର୍ଷ ବାପା,ମାଙ୍କ ଦେହାନ୍ତରୁ ସେ କଲେଜକୁ ଆସିନଥିଲେ । ହେଲେ ସେ ଦାଖଲ କରିଥିବା ଅସଲି ମ୍ୟାଟ୍ରିକ, ଯୁକ୍ତ ଦୁଇ ପ୍ରମାଣପତ୍ର ମାଗିବାରୁ ଏକ ଲକ୍ଷ ଟଙ୍କା ତାଙ୍କୁ ମଗାଯାଉଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ଏ ଅଭିଯୋଗ ପରେ ପୋଲିସ କଲେଜ କର୍ତ୍ତୃପକ୍ଷଙ୍କୁ ପଚରାଉଚୁରା ଆରମ୍ଭ କରିଛି ।

ସାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ

ଜୟପୁର, (ହି.ସ.) - ଜୟପୁର ଉପଖଣ୍ଡ ସ୍ତରିୟ ସାଧୁନତା ଦିବସ ପାଳନ ନେଇ ପ୍ୟାରେଡ ଅଭ୍ୟାସ କରାଯାଇଛି । ସୋମବାର ଜୟପୁର ଦଶହରା ପଡିଆରେ ଅଭ୍ୟାସ କରାଯାଇଥିବା ବେଳେ ମଙ୍ଗଳବାର ମଧ୍ୟ ଅଭ୍ୟାସ କରାଯିବ । ଏହି ପ୍ୟାରେଡ ଅଭ୍ୟାସରେ ଜୟପୁର ସହରରେ ଥିବା ସ୍କୁଲ କଲେଜର ଏନସସି, ସ୍କାଉଟ, ଗାଇଡ,ରେଡକ୍ରସ, ସାଧା ପୋଷାକଧାରୀ , ଘୋଷବାଦ୍ୟ ଭଳି ୪୫ଟି ଗ୍ରୁପ ଅଭ୍ୟାସ କରିଥିଲେ । ଉପଖଣ୍ଡ ପ୍ରଶାସନ ତରଫରୁ ସବୁ ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ଚିକିତ୍ସା ପାଇ ମୋବାଇଲ ଭ୍ୟାନ, ପାନୀୟ ଜଳର ବ୍ୟବସ୍ଥା ଆଦି କରାଯାଇଥିଲା ।

ଧରଣୀଧର ମେଡିକାଲ କଲେଜରେ ସମୂହ ସ୍ୱାସ୍ଥ୍ୟ ଟିକାକରଣ କାର୍ଯ୍ୟକ୍ରମ

କେନ୍ଦୁଝର,(ପିପିଏସ୍) : କେନ୍ଦୁଝର ଉପକଣ୍ଠ କବିତ୍ରା ସ୍ଥିତ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ସ୍ୱାସ୍ଥ୍ୟ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୫ତାରିଖ ପର୍ଯ୍ୟନ୍ତ ଜାରୀ ରହିବ । ସମସ୍ତ ବର୍ଗର ଅଧିକାରୀ ଏବଂ କର୍ମଚାରୀ ଯେପରିକି ଡାକ୍ତର,ପ୍ରଶାସନିକ କର୍ମଚାରୀ, ନର୍ସିଂ ଅଧିକାରୀ, ଫାର୍ମାସୀ ଅଧିକାରୀ, ଲ୍ୟାବ ଟେକ୍ନିସିଆନ, ହାଉସ କିପିଙ୍ଗ, ସୁରକ୍ଷା କର୍ମଚାରୀ ଏବଂ ଡିଡିଏମ୍‌ସିଏଚ୍ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏବଂ ଛାତ୍ର/ଛାତ୍ରୀଙ୍କୁ ଟୀକାକରଣ(ହେପାଟାଇଟିସ ଏବଂ ଟିଟାନସ) ଦିଆଯାଉଛି । ଏହି କାର୍ଯ୍ୟକ୍ରମକୁ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧ୍ୟକ୍ଷକ ପ୍ରଫେସର ଡାକ୍ତର ମହେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଏହି ଟିକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଯେ କୌଣସି ପ୍ରକାର ବୃତ୍ତିଗତ ବିପଦରୁ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ । ଏଥିରେ ୧ସମସ୍ତଙ୍କ ସହଯୋଗ ଲୋଡିବା ସହ ଡିଡିଏମ୍‌ସିଏଚ୍ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇ ଟିକା ନେବାକୁ ଶ୍ରୀ ନାୟକ ନିବେଦନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ଜେନା,ହସ୍ପିଟାଲ ମ୍ୟାଜେନର କିର୍ତ୍ତିମାନ ମହାନ୍ତ,ରାଜା ପ୍ରଧାନ,ଚେତାଳି ମିଶ୍ର,ସୁନିଲ ସିଂ,ସଂକ୍ରମଣ ନିୟନ୍ତ୍ରଣ ବିଭାଗର ନର୍ସ ଦେବସ୍ମିତା ରାଉତ,ନର୍ସିଂ ଅଫିସର ଜ୍ଞାନରଞ୍ଜନ ଶତପଥି,ସ୍ୱଦେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଦୁର୍ଘଟଣାରେ ଯୁବକ ମୃତ

ବଲାଙ୍ଗୀର(ହି.ସ) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଂଜି ଥାନା ଅନ୍ତର୍ଗତ କୁର୍ଲି ଗାଁ ନକଟରେ ଏକ ଅଘଟଣ ଘଟିଯାଇଛି । ଜଣେ ସାଇକେଲ ଆରୋହୀଙ୍କ ଉପରେ ଏକ ବସ ମାଡିଯାଇଛି । ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଜଣଙ୍କ କୀର୍ତ୍ତନ ରଣା ବୋଲି ଜଣାପଡିଛି । ସୂଚନା ଅନୁସାରେ କୀର୍ତ୍ତନ ସକାଳେ ସାଇକେଲରେ କୋଣସି ଏକ କାମରେ ବଜାରକୁ ଯାଇଥିଲେ । କାମ ସାରି ଘରକୁ ଫେରୁଥିବା ସମୟରେ କୁର୍ଲି ଗାଁର ମୁଖ୍ୟ ରାସ୍ତାରେ ବିଜୟଲକ୍ଷ୍ମୀ ନାମକ ଏକ ବସ ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ କୀର୍ତ୍ତନଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ଘରେ ଘରେ ତ୍ରିରଙ୍ଗା ଅଭିଯାନ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦୁଝର(ପିପିଏସ୍): ୭୮ତମ ସାଧୀନତା ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି ଓ ସାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମଗ୍ର ଭାରତର ନାଗରିକଙ୍କୁ ସାମିଲ କରି ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଉକ୍ତ ଶୋଭାଯାତ୍ରାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଶାଲ ସିଂହ ଯୋଗ ଦେଇ କାନଭାସରେ ଜୟ ହିନ୍ଦ, ଘରେ ଘରେ ତ୍ରିରଙ୍ଗା ଲେଖିବା ସହ ସେଲଫି ନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟକି, କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ପ୍ରଶାସନ ତରଫରୁ ଆଗାମୀ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରି ଲୋକଙ୍କୁ ସଚେତନ କରାଯିବ । ଜିଲ୍ଲାପାଳ ପ୍ରଶାସନ ତରଫରୁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ସହ ତ୍ରିରଙ୍ଗା ପତାକା ସହ ସେଲଫି ଫୋଟୋ ୱେବ୍ସାଇଟରେ ଅପଲୋଡ କରି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ କେନ୍ଦୁଝର ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ରବୀନ୍ଦ୍ର କୁମାର ମଲ୍ଲିକ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ନିଶା ମୁକ୍ତି ଅଭିଯାନ

ଜୟପୁର, (ହି.ସ.) - ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ନିଶାମୁକ୍ତ ଅଭିଯାନ କାଯ୍ୟକ୍ରମ ପାଳନ କରାଯାଇଛି । ଏଥିରେ ଜୟପୁର ବଜୟପୁର ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ଜିପିଓ ଭାଗିରିଥି ନାୟକ, ସିଡିପିଓ ସୁଚିତା ପଣ୍ଡା, ବିଇଓ ଚନ୍ଦନ କୁମାର ନାୟକ, ବିଦ୍ୟାାଳୟର ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର, ଜୟପୁର ଅବକାରି ଓଆଇସି ନିଳାଦ୍ରି ବିହାରି ମିଶ୍ର, ବିଶ୍ୱଜିତ ଓଝା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ଶପଥ ପାଠ କାଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ବୈଷୟିକ ଶିକ୍ଷା ଓ ଗବେଷଣାରେ ଏନ୍‌ଆଇଟି ରାଜ୍ୟରେ ଶ୍ରେଷ୍ଠ

ସୁନ୍ଦରଗଡ଼ : ସର୍ବଭାରତୀୟ ସ୍ତରରେ ପୁଣି ଚମକିଛି ରାଉରକେଲାସ୍ଥ ଜାତୀୟ ପ୍ରଯୁକ୍ତି

ପ୍ରତିଷ୍ଠାନ(ଏନ୍‌ଆଇଟି) । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପ୍ରକାଶିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁସନାଲ ରାଙ୍କିଂ ଫ୍ରେମ୍‌ୱାର୍କ୍(ଏନ୍‌ଆଇଆରଏଫ୍) ତାଲିକାରେ ଉତ୍କୃଷ୍ଟ ସ୍ଥାନରେ ରହିଛି । ଅନୁଷ୍ଠାନ ସମଗ୍ର ଦେଶରେ ସାମଗ୍ରିକ ବର୍ଗରେ ୩୪ତମ ସ୍ଥାନରେ ରହିଛି । ଏହି ବର୍ଗରେ ଏନ୍‌ଆଇଟି ଉପରକୁ କେବଳ ଶିକ୍ଷା ଓ ଅନୁଷ୍ଠାନ ଏବଂ କିଟ୍(ଭୁବନେଶ୍ୱର) ରହିଛି । ବୈଷୟିକ ଶିକ୍ଷାନୁଷ୍ଠାନ ବର୍ଗରେ ଏନ୍‌ଆଇଟି ସମଗ୍ର ଦେଶରେ ୧୯ତମ ସ୍ଥାନରେ ରହିଛି ।ଓଡ଼ିଶାର ଅନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ତାଲିକାରେ ଏନ୍‌ଆଇଟି ରାଉରକେଲା ଶୀର୍ଷ ସ୍ଥାନ ଦଖଲ କରିଛି । ଏହାସହ ସ୍ଥାପତ୍ୟ ଓ ଯୋଜନା ବର୍ଗରେ ୯ମ ଓ ଗବେଷଣା ବର୍ଗରେ ୩୦ ତମ ସ୍ଥାନରେ ରହିଛି । ଏହି ଦୁଇ ବର୍ଗରେ ମଧ୍ୟ ଏନ୍‌ଆଇଟି ରାଜ୍ୟର ଅନ୍ୟ ଅନୁଷ୍ଠାନ ତୁଳନାରେ ଢ଼େର ଆଗରେ ରହିଛି । ଉଲ୍ଲେଖଯୋଗ୍ୟ, ଗବେଷଣା ବର୍ଗରେ କିଟ୍(ଭୁବନେଶ୍ୱର) ୪୬ ଓ ଶିକ୍ଷା ଓ ଅନୁସନ୍ଧାନ(ଭୁବନେଶ୍ୱର) ୫୦ତମ ସ୍ଥାନରେ ରହିଛି ।

ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା

ଘଟଗାଁ,(ହି.ସ.)- ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଘଷିପୁରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା । ଘଷିପୁରା ବ୍ଲକ୍ ଅନ୍ତର୍ଗତ ବଳରାମପୁର ପଂଚାୟତର ନୂଆପଡ଼ାର ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ ମାନେ ନେଇଛନ୍ତି ଏହି ଗୁରୁ ଦାୟିତ୍ୱ । ଘରେ ଘରେ ତ୍ରିରଙ୍ଗା ଅଭିଯାନ ସଫଳ କରିବା ପାଇଁ ଜାତୀୟ ପତାକା ତିଆରୀ କରୁଛନ୍ତି । ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି । କେନ୍ଦୁଝର ଜିଲ୍ଲାରେ ୨ ଲକ୍ଷ ତ୍ରିରଙ୍ଗା ପତାକା ବାଂଟିବାକୁ ଥିବାବେଳେ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ ମାନେ ୪୦୦୦ ତ୍ରିରଙ୍ଗା ଜାତୀୟ ପତାକା ନିର୍ମାଣରେ ଲାଗିଛନ୍ତି । ଏଭଳି ଏକ ଗୁରୁ ଦାୟୀତ୍ୱର ସୁଯୋଗ ମିଳିଥିବାରୁ ସେମାନେ ଘର କାମ ସହିତ ରାଷ୍ଟ୍ର କାମରେ ନିଜକୁ ନିୟୋଜିତ କରୁଥିବାରୁ ନିଜକୁ ଗର୍ବିତ ମନେ କରୁଛନ୍ତି । ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନତା ମଧ୍ୟରେ ଏକତାର ବାର୍ତା ଦେବା ସହ ମିଶନ ଶକ୍ତି ସଦସ୍ୟଙ୍କୁ ରୋଜଗାର ଯୋଗାଇବା ଭଳି ମହତ ଉଦେଶ୍ୟକୁ ପୂରଣ କରିଛି । 'ବିଭିନ୍ନତା ମଧ୍ୟରେ ଏକତାର' ବାର୍ତା ଦେବା ପାଇଁ ସମସ୍ତ ଜିଲ୍ଲା, ବ୍ଲକ ଏବଂ ପଂଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା ଓ ଶପଥପାଠ କାର୍ଯ୍ୟକ୍ରମ ଅୟୋଜନ କରାଯିବ ଓ ଏଥିପାଇଁ ଆବଶ୍ୟକୀୟ ସଂଖ୍ୟକ ଜାତୀୟ ପତାକା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଘସିପୁରା ବ୍ଲକ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ନୂଆପଡ଼ାର ସଭାନେତ୍ରୀ ବନିତା ମଲିକ,ତପସ୍ୱିନି ଜେନା, ସବିତା ମଲିକ, ବାସନ୍ତୀ ମହାରଣା, କୋଇଲି ମଲିକ, ଉଷାରାଣୀ ମହାରଣା, ମନୋରମା ଚକ୍ର, ମାଳତୀ ମହାରଣା ପ୍ରମୁଖ ସହଯୋଗ କରିଥିବା ବେଳେ ଆସନ୍ତା ୧୩ ତାରିଖ ସୁଦ୍ଧା ଏହା ବ୍ଲକରେ ପ୍ରଦାନ କରାଯିବାକୁ ଥିବା ବେଳେ ରୋଜଗାର କଥା ନୁହେଁ ସରକାର ସେମାନଙ୍କୁ ରାଷ୍ଟ୍ର କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥିବାରୁ ସେମାନେ ଖୁବ୍ ଗର୍ବିତ ବୋଲି କହିଛନ୍ତି ।

ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, (ହି.ସ.) - ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ଜିପିଓ ଭାଗିରିଥି ନାୟକ, ସିଡିପିଓ ସୁଚିତା ପଣ୍ଡା, ବିଇଓ ଚନ୍ଦନ କୁମାର ନାୟକ, ସରପଂଚ ବଳିଭଦ୍ର ଗାଦବା , ସମିତି ସଭ୍ୟା ମଞ୍ଜୁଳା ଭୁମିଆ . ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ , ହଟିକଲଚର,କୃଷି ବିଭାଗ,ଯୋଗାଣ ସହାୟକ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୂତନ ରାସ୍ତା, ରାସ୍ତା ମରାମତି, ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣ, ଡ୍ରେନ ନିର୍ମାଣ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏହା ସହ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ଉପସ୍ଥିତ ରହି ସଚେତନ କରିଥିଲେ । ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫୁର ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା ।

ହର ଘର ତ୍ରିରଙ୍ଗା ଉପଲକ୍ଷେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ରୁ ମାରାଥନ୍ ଦୌଡ

ବୌଦ୍ଧ : ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ଠାରୁ ଏକ ମାରାଥନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ମାରାଥନରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ,ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ଶ୍ରୀପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତ ବର୍ଗର ବ୍ୟକ୍ତି ବିଶେଷ ହର ଘର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା, ଜୟହିନ୍ଦ ଲେଖି ଏକ କାଗଜରେ ନିଜର ଦସ୍ତଖତ ଦେଇଥିଲେ । ଏହି ଗଣଦୌଡ ଜିଲ୍ଲା ଷ୍ଟାଡିୟମରୁ

ଆରମ୍ଭ ହେଇ ୱାରଲେସ ଛକ, ପୋଡକ୍ଷପଡ଼ା ଛକ, ଜଗନ୍ନାଥ ମନ୍ଦିର, ଭୈରବୀ ଛକ, ବାଘ୍ ଗୁଡା ଛକ ଦେଇ ପୁନଶ୍ଚ ଷ୍ଟାଡିୟମ୍ ପଡ଼ିଆରେ ସାମପିତ ହୋଇଥଲା । ସବୁଠାରୁ ଖୁସି ଓ ଆନନ୍ଦର ବିଷୟ ଏହା ଯେ ବୌଦ୍ଧ ଜିଲ୍ଲାର ନୂତନ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଦୀର୍ଘ ସାଢ଼େ ତିନି କିଲୋମିଟରର ଏହି ଗଣଦୌଡ଼କୁ ପୁରା କରିଥିଲେ । ଏହାସହିତ ଜିଲ୍ଲାପାଳ ଆରକ୍ଷୀ ଅଧିକ୍ଷକ ଏବଂ ଅନ୍ୟ ସମସ୍ତେ ଦେଶର ଗର୍ବ ଓ ଗୌରବର ପ୍ରତୀକ ତ୍ରିରଙ୍ଗା ସହିତ ସେଲ୍ଫି ମଧ୍ୟ ନେଇଥିଲେ ।

ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆରମ୍ଭ

ଦାରିଙ୍ଗବାଡି : କନ୍ଧମାଳ ଜିଲା ଦାରିଙ୍ଗବାଡି ଜାତୀୟ ଦିବସ ପାଳନ କମିଟି ତଥା ବ୍ଲକ ପ୍ରଶାସନ ପକ୍ଷରୁ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଜାତୀୟ ଦିବସ ପାଳନ କମିଟିର ଅଧକ୍ଷ ତଥା ବିଡ଼ିଓ ଗଦାଧର ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର କୃଷ୍ଣ ଚନ୍ଦ୍ର ନାୟକ, ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ସୁରେଶ ପଣ୍ଡା, ଭୀମରାଓ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରତାପ ବେହେରା, ଏପିଓ କେଦାର ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ହେଲିପ୍ୟାଡ଼ ପଡିଆ ଠାରୁ ବିରାଟ ଶୋଭାଯାତ୍ରା ରେ ବାହାରି ଜାଗୃତି କାର୍ଯ୍ୟାଳୟ ଦେଇ ବଜାର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମରେ ଦାରିଙ୍ଗବାଡିର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଆଶା କର୍ମୀ, ଅଙ୍ଗନାୱାଡି କର୍ମୀ ପୋଲିସ, ତହସିଲ ପ୍ରଶାସନ ଯୋଗଦେଇ ଲୋକଙ୍କୁ ଘର ଘର ତ

ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।

(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୪।୦୮ । ୨୦୨୪ ■ ବୁଧବାର

ଶିଳ୍ପପତିଙ୍କ ଭୂମିକା

ଭାରତୀୟ ଉଦ୍ୟୋଗ ସଂଘ ବା ସିଆଇଆଇର ଏକ ସମ୍ମିଳନୀକୁ ସମ୍ବୋଧନ କରି ଇତିମଧ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶକୁ ବିକଶିତ କରିବାପାଇଁ ଉଦ୍ୟୋଗପତିମାନଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଏକଥା ନେଇ କେହି ଅସହମତ ହୋଇପାରିବେ ନାହିଁ, କାରଣ ଅଧିକାଂଶ ଉନ୍ନତ ଦେଶର ଉଦାହରଣ ଏହାହିଁ ଦର୍ଶାଇ ଆସୁଛି । ଯେଉଁ ଦୋରେ ଶିଳ୍ପ ଅଧିକ, ସେ ଦେଶର ପ୍ରଗତି ସେତେ ତ୍ୱରାନ୍ୱିତ ହୋଇପାରିଛି । ବଜେଟ ପରିପ୍ରେକ୍ଷୀରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶିଳ୍ପ ଜଗତକୁ ଭରସା ଦେଇ କହିଛନ୍ତି ଯେ ତାଙ୍କ ସରକାରର ରାଜନୈତିକ ଇଚ୍ଛାଶକ୍ତି କିଛି କମ୍ ନାହିଁ । ବାସ୍ତବରେ ତାଙ୍କ ସରକାର, ଉଭୟ ଆର୍ଥିକ ଓ ରାଜନୈତିକ ବିଷୟରେ ଅନେକ ଥର ଦୃଢ଼ ଇଚ୍ଛାଶକ୍ତିର ପରିଚୟ ଦେଇଛନ୍ତି । ସେଇ କାରଣରୁ ଗତ ୧୦ ବର୍ଷରେ ଦେଶର ଆର୍ଥିକ ଦୃଶ୍ୟପଟରେ ପରିବର୍ତ୍ତନ ଘଟିଛି । ସିଏ ଏହି ପରିବର୍ତ୍ତିତ ଦୃଶ୍ୟପଟକୁ ବିସ୍ତାର ଭାବରେ ରେଖାଙ୍କିତ କରି କହିଛନ୍ତି ଯେ ଗୋଟିଏ ସମୟ ଥିଲା ଯେବେ ଭାରତକୁ ବିଶ୍ୱର ସବୁଠାରୁ ପାଞ୍ଚଟି ଦୁର୍ବଳ ଅର୍ଥବ୍ୟବସ୍ଥା ଥିବା ଦେଶ ଭାବେ ପରିଗଣିତ ହୋଇଛି ଏବଂ ତୃତୀୟ ବୃହତ୍ତ ଅର୍ଥବ୍ୟବସ୍ଥା ହେବା ଦିଗରେ ତାହା ଅଗ୍ରସର ହେଉଛି ।

ଏହା ସତ୍ତ୍ୱେ ମଧ୍ୟ ଭାରତୀୟ ଉଦ୍ୟୋଗ ଜଗତକୁ ବିକଶିତ ହେବା ଲାଗି ସେପ୍ରକାର ଇଚ୍ଛାଶକ୍ତିର ପ୍ରଦର୍ଶନ କରାଯାଉ ନାହିଁ, ଯାହାର ନିହାତି ଆବଶ୍ୟକ ଅଛି । ତାହା ନିହାତି ଅନିବାର୍ଯ୍ୟ ମଧ୍ୟ । ଏପରି କାହିଁକି ଘଟୁଛି, ତା'ର କାରଣ ସବୁକୁ ଚିହ୍ନଟ କରି ପ୍ରାଥମିକତା ଭିତ୍ତିରେ ସେ ସବୁର ନିବାରଣ କରାଯିବା ଦରକାର । ଦେଶରେ ଅଧିକା ପରିମାଣରେ ପ୍ରାଇଭେଟ୍ ପୁଞ୍ଜି ନିବେଶ କରାଯାଉ ନାହିଁ, ଯେତେ ଆଶା କରାଯାଏ । ଏ ତଥ୍ୟକୁ ଆଦୌ ଅଣଦେଖା କରାଯାଇ ପାରିବ ନାହିଁ । ଯାହାବି ହେଉଛି, ତାହା ଦକ୍ଷିଣ ଓ ପଶ୍ଚିମ ରାଜ୍ୟମାନଙ୍କରେ ସୀମିତ, ଆଉ ଏକ ବଡ଼ ସମସ୍ୟା ହେଉଛି ଭାରତୀୟ ଉଦ୍ୟୋଗ ଜଗତ ଚୀନ ଶିଳ୍ପର ମୁକାବିଲା ନ କରି ତା' ଉପରେ ନିର୍ଭର ନ କରିବା ପାଇଁ କୌଣସି ବିଶେଷ ଉପାୟ ମଧ୍ୟ ଖୋଜିବାକୁ ପ୍ରୟାସ କରୁନାହିଁ । କୋଡ଼ିଏ ବର୍ଷ ତଳେ ଚୀନ ଶିଳ୍ପ ଉପରେ ଭାରତୀୟ ଉଦ୍ୟୋଗ ନିର୍ଭରଶୀଳ ହୋଇଯାଇଥିଲା । ସେ ସ୍ଥିତିରୁ ନିଜକୁ ଉଦ୍ଧାର କରିବା ପାଇଁ କୌଣସି ଉଦ୍ୟମ ନ କରାଯିବା ପରିତାପର ବିଷୟ । ଏବେ ଚୀନ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ସହ ଚୀନ ଶିଳ୍ପ ସହ ପ୍ରତିଦ୍ୱନ୍ଦିତା କରିବା ପାଇଁ ଭାରତୀୟ ଉଦ୍ୟୋଗ ଗୁଡ଼ିକ ଉଦ୍ୟମ କରିବା ଦରକାର । ଭାରତର ମାର୍କେଟରେ ଭାରତୀୟ ଦ୍ରବ୍ୟ ବିକ୍ରୟ ହେବ, ଚୀନର ନୁହେଁ, ଏହା କେବଳ କହିଲେ ଚଳିବ ନାହିଁ, ପ୍ରତ୍ୟକ୍ଷଭାବେ ତାହାକୁ କରି ଦେଖାଇବାକୁ ହେବ ।

ଉଦ୍ୟୋଗ-ଧନ୍ଦାର ବିକାଶ କେବଳ ଆବଶ୍ୟକ ନୁହେଁ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ, ତାହା ମଧ୍ୟ ଆଶ୍ୟକ ଚୀନର ପ୍ରଭାବକୁ କମ୍ କରିବା ପାଇଁ ଓ ଆମ ଦେଶରେ ରୋଜଗାର ଅଧିକ ସୃଷ୍ଟି କରିବା ପାଇଁ । ଯୁବକଙ୍କୁ ଅଧିକ କୁଶଳୀ ଓ ଅଭିଜ୍ଞ କରିବା ପାଇଁ ଇଣ୍ଟର୍ଣ୍ଣସିପ ଯୋଜନା ସଂପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, କିନ୍ତୁ ଏ ଯୋଜନା ରୋଜଗାର ଲାଗି ସ୍ଥାୟୀ ସୁଯୋଗ ସୃଷ୍ଟି କରିବାକୁ ସମର୍ଥ ହେଉଛି କି ନା ତାହା ମଧ୍ୟ ଦେଖିବାକୁ ହେବ । ଶିଳ୍ପଜଗତ ଏଯାଏ ଏ ଯୋଜନା ପ୍ରତି ସେପରି ଉତ୍ସାହ ଦେଖାଇ ନାହାନ୍ତି । ଏମଏସ୍‌ଏମକି କ୍ଷେତ୍ରକୁ ସଶକ୍ତ କରିବା ନେଇ ପ୍ରଧାନମନ୍ତ୍ରୀ ନିଜର ଦୃଷ୍ଟିକୋଣକୁ ପ୍ରକାଶ କରି କହିଛନ୍ତି ତାଙ୍କ ସରକାର ଏକ୍ଷେତ୍ରର ଉଦ୍ୟୋଗ ଗୁଡ଼ିକ ସାମ୍ନାରେ ଥିବା ଚାଲେଞ୍ଜର ସମାଧାନ କରିଛନ୍ତି ଓ ଆବଶ୍ୟକ ସୁବିଧା ପ୍ରଦାନ କରିଛନ୍ତି । ଅବଶ୍ୟ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆବଶ୍ୟକ କାର୍ଯ୍ୟଶୀଳ ପୁଞ୍ଜି ଓ ଋଣ ମିଳିବାର ବ୍ୟବସ୍ଥା କରାଯାଇଛି, କିନ୍ତୁ ଏତିକିରେ ଅଭିଷ୍ଟ ପୂରଣ ହେଲା ଭଳି ଲାଗୁ ନାହିଁ । ଏମଏସଏମଇ କ୍ଷେତ୍ର ନା ବିସ୍ତାର କରିପାରୁଛି, ନା ଅଧିକ ରୋଜଗାର ସୃଷ୍ଟିରେ ସହାୟକ ହୋଇପାରୁଛି । ଏ ଦିଗରେ ଏକ ବଡ଼ ଅନ୍ତରାୟ ହେଉଛି ମାର୍କେଟରେ ଶସ୍ତା ଚୀନ ଦ୍ରବ୍ୟ ବିକ୍ରୀ, କଷ୍ଟମ ଡିଉଟି ଚୀନ ଦ୍ରବ୍ୟ ଉପରେ ଚଢ଼ା ନଗଲେ ଭାରତର ଏମ୍‌ଏସଏମ୍‌ଇ କ୍ଷେତ୍ରର ଉନ୍ନତି ସେପରି ହୋଇପାରିବ ନାହିଁ କି ବିଶ୍ୱ ବଜାରରେ ଭାରତୀୟ ସାମଗ୍ରୀର ମାର୍କେଟ ସୃଷ୍ଟି ହେବ ନାହିଁ । ❑❑

କର୍ମାନୁସାରେ ଫଳ

ରାସ୍ତାରେ ଯିବା ବେଳେ ଦୁର୍ଘଟଣା ଘଟିଲା, ଆମ ପାଟିରୁ ବାହାରିଯିବ ଯେ ମୁଁ ଠିକ୍ ରାସ୍ତାରେ ଥାଇ ଏପରି ଦୁଃସ୍ଥିତିରେ ପଡ଼ିଲି କାହିଁକି । ଦୁଃଖକଷ୍ଟ ଆସିଲେ ଜଣେ କହେ ମୋ ଜାଣତାରେ କେବେ କାହାର କିଛି କ୍ଷତି ନକରି ଆଜି ଏତେ କଷ୍ଟ ଭୋଗୁଛି କାହିଁକି ? ହୋଇପାରେ ବର୍ତ୍ତମାନ କିଛି ଭୁଲ କରିନାହିଁ ବା ଅନ୍ୟର କ୍ଷତି କରିନାହିଁ । କିନ୍ତୁ ଏହାର ତୁମ କର୍ମର ଫଳ । ନିକଟ ଅତୀତ ହେଉ କିମ୍ବା ପୂର୍ବଜନ୍ମ ହେଉ, କିଛି ନା କିଛି ଅସୁବିଧା ତ କରିଛ, ଏ ଜନ୍ମରେ କର୍ମଫଳ ଭୋଗିବ । କର୍ମ କେବଳ ଆମ ହାତ ଓ ଗୋଡ଼ ସାହାଯ୍ୟରେ କରାଯାଉଥିବା କାର୍ଯ୍ୟ ନୁହେଁ । ଆମର ଚିନ୍ତାଧାରା ବି କର୍ମ । ଯଦି ପୂର୍ବ କର୍ମର ପ୍ରତିଫଳ ଆଜିକଷ୍ଟ ଦେଉଛି ତେବେ ଭବିଷ୍ୟତ ପାଇଁ ଏବେ ଠାରୁ ସାବଧାନ ହେବା, ଶପଥ ନେବା କାହାର କିଛି କ୍ଷତି କରିବାନି । ତା ଅର୍ଥ ନୁହେଁ ଯେ ସବୁବେଳେ ନିଜକୁ ନିନ୍ଦା କରିବା । ଭଗବାନ କେବେ କାହାକୁ କଷ୍ଟ ଦିଅନ୍ତି ନାହିଁ । ବରଂ କୃପା ବୃଷ୍ଟି କରନ୍ତି । କେବଳ ନିଜର କର୍ମ ଅନୁସାରେ କୃପାର ମାତ୍ରା ଆମ ପାଖକୁ ଆସେ । ଭଗବାନଙ୍କ ନିକଟତର ହେବାକୁ ଗୋଟିଏ ପାଦ ଆଗେଇଲେ ଭଗବାନ ଦଶ ପାଦ ଆଗେଇ ଆସି ଆଶୀର୍ବାଦ ବର୍ଷା କରନ୍ତି । ଭଲ କାମ କଲେ ଏହି ଐଶ୍ୱରିକ କୃପା ଲାଭ ନିଶ୍ଚୟ ହେବ । ଆତ୍ମ ଉପଲବ୍ଧି ବା ଆତ୍ମ ଜାଗରଣ ପ୍ରକ୍ରିୟା ସର୍ବଦା ରହସ୍ୟମୟ । ଯେତେବେଳେ ମୁଁ 'ମୋର' ଶବ୍ଦକୁ ଆମେ ତ୍ୟାଗ କରିପାରିବା ତାହେଲେ ମନ ଭିତରୁ ସମସ୍ତ ପ୍ରକାର ଦୁଷ୍ଟ ଶକ୍ତିର ବିନାଶ ହେବ । ଅବଶ୍ୟ ବାସ୍ତବ କ୍ଷେତ୍ରରେ ଏହା ଏତେ ଶୀଘ୍ର ସମ୍ଭବ ହୁଏନି । ବିଷୟବାସନାର ଚକ୍ରବ୍ୟୁହରୁ ବାହାରିବା କଷ୍ଟକର ହୋଇପଡ଼େ । ଯେଉଁଥିପାଇଁ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଆବଶ୍ୟକ ପଡ଼େ ଜଣେ ମାର୍ଗଦର୍ଶକ ବା ସଦ୍‌ଗୁରୁଙ୍କର । ଐଶ୍ୱରିକ ଚେତନାର ଉପଲବ୍ଧିର ପ୍ରକୃତ ଚାବି ହେଉଛି ବିଶ୍ୱାସ, ଭକ୍ତି ଓ ସମର୍ପଣ । ଅବଶ୍ୟ ନିୟମିତ ପ୍ରବଚନ ଶୁଣିବା ଏବଂ ଧ୍ୟାନ ଧାରଣା ମଧ୍ୟ ଏଥିଲାଗି ଏକ ପ୍ରକ୍ରିୟା । ତେବେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ କରିବା । ଶିରିଡ଼ି ସାଇବାବା କହନ୍ତି, 'ଯଦି ଇଚ୍ଛା ନାହିଁ ଭିକାରୀକୁ ଭିକ୍ଷା ନଦିଅ, କିନ୍ତୁ ତାକୁ ଗାଳି ଦିଅ ନାହିଁ କିମ୍ବା ତାର ଏ ପରିସ୍ଥିତି ଦେଖି ଉପହାସ କରନାହିଁ ।' ଭିକାରୀ ହେବାଟା ହୁଏତ କାହାର କର୍ମଫଳ ହୋଇପାରେ, କିନ୍ତୁ ଆମର କର୍ମ ହେଉଛି ସେମାନଙ୍କୁ ସାହାଯ୍ୟ କରିବା । ତାହେଲେ ନିଜ ଭିତରେ ହିଁ ଆମେ ଐଶ୍ୱରିକ ଉପଲବ୍ଧି ପାଇପାରିବା ।

ହେମନ୍ତ କୁମାର ସାହୁ
ସିଡିଏ, କଟକ

ମାନବ ଇତିହାସରେ ଦୁଃଖଦ ଅଧ୍ୟାୟ

ଅସିତ ମହାନ୍ତି

ଆଣବିକ ଅସ୍ତ୍ର ବିଶେଷ କରି ପରମାଣୁ ବୋମାର ସମ୍ଭାବ୍ୟ ଭୟଙ୍କର ପ୍ରଭାବ ବିଷୟରେ ବିଶ୍ୱକୁ ସଚେତନ କରିବାରେ ଜଣାଶୁଣା ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରମାଣୁ ବୋମା ବିକାଶରେ ତାଙ୍କର ଯୋଗଦାନ ତାଙ୍କୁ ପରମାଣୁ ନିରସ୍ତ୍ରୀକରଣ ପାଇଁ ଓକିଲାତି କରିଥିଲା ଏବଂ ଏହି ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ରର ବିପର୍ଯ୍ୟୟ ପରିଣାମ ବିଷୟରେ ଗଭୀର ଚିନ୍ତା ପ୍ରକଟ କରିଥିଲା । ଆଇନଷ୍ଟାଇନ ପ୍ରସିଦ୍ଧ ଭାବରେ କହିଥିଲେ ଯେ 'ପରମାଣୁର ଉନ୍ମୁକ୍ତ ଶକ୍ତି ଆମର ଚିନ୍ତାଧାରାକୁ ବଞ୍ଚାଇ ଦେଇଛି ଏବଂ ଏହିପରି ଭାବରେ ଆମେ ଅନନ୍ୟ ବିପର୍ଯ୍ୟୟ ଆଡକୁ ଗତି କରିଛୁ ।' ପରମାଣୁ ବୋମା ବ୍ୟବହାରକୁ ରୋକିବା ଏବଂ ଆଣବିକ ଯୁଦ୍ଧର ବିପଦରୁ ମୁକ୍ତ ବିଶ୍ୱ ଆଡକୁ କାର୍ଯ୍ୟ କରିବା ପାଇଁ ଏହି ଜରୁରୀ ଆବଶ୍ୟକତା ଉପରେ ଏହି ଉଦ୍ଧୃତି ପ୍ରତିଫଳିତ ହୋଇଛି । ଆଣବିକ ଅସ୍ତ୍ରର ବିନାଶକାରୀ ପ୍ରକୃତି ବିଷୟରେ ଆଇନଷ୍ଟାଇନଙ୍କ ଚେତାବନୀ ଆଜି ମଧ୍ୟ ଜାରି ରହିଛି, ଏହିପରି ବିନାଶକୁ ରୋକିବାରେ ଶାନ୍ତି, ସହଯୋଗ ଏବଂ କୂଟନୀତିର ମହତ୍ତ୍ୱର ସ୍ମାରକ ଭାବରେ କାର୍ଯ୍ୟ କରୁଛି ।

୧୯୪୫ ମସିହାରେ, ବିଶ୍ୱ ଏକ ଘଟଣାର ସାକ୍ଷୀ ରହିଲା ଯାହାକୁ କେହି କେବେ ଦେଖି ପାରିବେ ନାହିଁ । ଯେତେବେଳେ ଆମେରିକା ଜାପାନର ଦୁଇଟି ସହର - ହିରୋସିମା ଏବଂ ନାଗାସାକି ଉପରେ ଦୁଇଟି ପରମାଣୁ ବୋମା ବିସ୍ଫୋରଣ କରିଥିଲା । ସେହି ଦୁଇଟି ପରମାଣୁ ବମ'ର ନାମ ଥିଲା - ଲିଟିଲ ବୟ ଏବଂ ଫ୍ୟାଟ ମ୍ୟାନ ଥିଲେ । ଏହି ଘଟଣା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା ଏବଂ ତୀବ୍ରତା ଏତେ ଅଧିକ ଥିଲା ଯେ ବିକିରଣ ସେଠାରେ ରହୁଥିବା ଲୋକଙ୍କୁ ପ୍ରଭାବିତ କରିଥିଲା । ଅଗଷ୍ଟ ୬ ରେ ପାଳନ କରାଯାଉଥିବା ହିରୋସିମା ଦିବସ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସିମା ଏବଂ ନାଗାସାକିର ପରମାଣୁ ବିସ୍ଫୋରଣର ବିପର୍ଯ୍ୟୟର ପ୍ରଭାବକୁ ସ୍ମରଣୀୟ ଭାବରେ କାର୍ଯ୍ୟ କରିଥାଏ । ୧୯୪୫ ମସିହାରେ ଆମେରିକା ଏହି ସହରଗୁଡ଼ିକ ଉପରେ ପରମାଣୁ ବୋମା ପକାଇବା ଦ୍ୱାରା ଅଦୃଶ୍ୟ ସ୍ତରର ବିନାଶ, ଜୀବନ ହାନି ଏବଂ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ପ୍ରଭାବ ପଡିଥିଲା । ପରମାଣୁ ବୋମା ଦ୍ୱାରା ସୃଷ୍ଟି ହୋଇଥିବା ବିନାଶ ବିପୁଳ ଥିଲା, ଯାହା ଦ୍ୱାରା ୨ ଲକ୍ଷ ଲୋକ ତୁରନ୍ତ ଏବଂ ବର୍ଷକ ମଧ୍ୟରେ ବିକିରଣ ଏକ୍ସପୋଜର ଏବଂ ଆନୁସଙ୍ଗିକ ରୋଗ ହେତୁ ମୃତ୍ୟୁ ଘଟିଥିଲା । ସହରଗୁଡ଼ିକ ଧ୍ୱଂସାବଶେଷରେ ପରିଣତ ହେଲା, ଏବଂ ବଞ୍ଚିଥିବା ଲୋକମାନେ କଳ୍ପନା ଜଳ୍ପନାର ସମ୍ମୁଖୀନ ହୋଇଥିଲେ, ଯେପରିକି ଭୟଙ୍କର ପୋଡାଜଳା, ବିକିରଣ ରୋଗ ଏବଂ ମାନସିକ ଆଘାତ । ହିରୋସିମା ଏବଂ ନାଗାସାକିରେ ହୋଇଥିବା ବିସ୍ଫୋରଣରେ ଯୁଦ୍ଧରେ ଆଣବିକ ଅସ୍ତ୍ରର ପ୍ରଥମ ତଥା ଏକମାତ୍ର ବ୍ୟବହାର ଚିହ୍ନିତ ହୋଇଥିଲା ଏବଂ ଏହି ଅସ୍ତ୍ରଶସ୍ତ୍ର ଦ୍ୱାରା ବ୍ୟାପକ ଧ୍ୱଂସ ଏବଂ ଜୀବନ ହାନି ହେବାର ଭୟଙ୍କର ସମ୍ଭାବନାକୁ ଦର୍ଶାଇଥିଲା । ପରମାଣୁ ବୋମା ବିସ୍ଫୋରଣରେ ବ୍ୟାପକ ବିନାଶ ଏବଂ ମାନବୀୟ ଦୁଃଖ ପରମାଣୁ ଅସ୍ତ୍ରଶସ୍ତ୍ରର ବ୍ୟବହାରକୁ ରୋକିବା ଏବଂ ଶାନ୍ତି ଏବଂ ନିରସ୍ତ୍ରୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଆନ୍ତର୍ଜାତୀୟ ପ୍ରୟାସର ଜରୁରୀ ଆବଶ୍ୟକତାକୁ ଦର୍ଶାଏ । ହିରୋସିମା ଏବଂ ନାଗାସାକି ଉପରେ ପରମାଣୁ ବୋମା ପକାଇବାର ନିଷ୍ପତ୍ତି ଏକ ଜଟିଳ ଏବଂ ବିବାଦୀୟ ଥିଲା । ଏହି ବୋମା ବିସ୍ଫୋରଣ ପାଇଁ ଆମେରିକା ଦର୍ଶାଇଥିବା ପ୍ରାଥମିକ କାରଣଗୁଡ଼ିକ ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଶୀଘ୍ର ଏବଂ ନିର୍ଣ୍ଣାୟକ ଭାବରେ ସମାପ୍ତ କରିବା, ଯାହାଫଳରେ ଜାପାନର ଦୀର୍ଘ ଆକ୍ରମଣରେ ହଜିଯାଇଥିବା ଆମେରିକାର ଜୀବନ ରକ୍ଷା ପାଇବ । ଏହି ବିସ୍ଫୋରଣରେ ଜାପାନର ଆତ୍ମସମର୍ପଣକୁ ବାଧ୍ୟ କରିବାର ଏକ ମାଧ୍ୟମ ଭାବରେ ଦେଖାଯାଇଥିଲା, କାରଣ ପ୍ରଶାନ୍ତ ମହାସାଗରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ବିଜୟ ସତ୍ତ୍ୱେ ଦେଶ ହାର ମାନିବାର କୌଣସି ସୂଚନା ଦେଇ ନଥିଲା । ଏହା ସହିତ, ବୋମା ବିସ୍ଫୋରଣକୁ ଏକ ରଣନୀତିକ ଲେନ୍ସ ମାଧ୍ୟମରେ ଦେଖାଯାଇଥିଲା, ଯେଉଁଥିରେ ଆମେରିକା ଏହାର ସାମରିକ ଶକ୍ତି ପ୍ରଦର୍ଶନ କରିବା ଏବଂ ଯୁଦ୍ଧ ପରବର୍ତ୍ତୀ ବିଶ୍ୱ କ୍ରମରେ ଆଧିପତ୍ୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିଲା । ସୋଭିଏତ୍ ୟୁନିଅନରେ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଏବଂ ଜାପାନର ଭବିଷ୍ୟତ ଗଠନରେ ନିଜର କର୍ତ୍ତୃତ୍ୱ ପ୍ରଦର୍ଶନ କରିବାକୁ ଆମେରିକା ଚେଷ୍ଟା କରୁଥିବା ବେଳେ ସେଠାରେ ମଧ୍ୟ ରରାଜନୈତିକ ବିଚାର କରାଯାଇଥିଲା । ସମାଲୋଚକମାନେ ଯୁକ୍ତି ବାଢ଼ିଥିଲେ ଯେ ଏହି ବିସ୍ଫୋରଣ ଅନାବଶ୍ୟକ ଥିଲା କାରଣ ଜାପାନ ପୂର୍ବରୁ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ଥିଲା । କାରଣ ଯାପନକୁ ଜଣାଥିଲା ଯେ , ଯୁଦ୍ଧରେ ସୋଭିଏତ୍ ୟୁନିଅନର ପ୍ରବେଶ ହେତୁ ତାହାର ବ୍ୟାପକ କ୍ଷୟକ୍ଷତି ହୋଇଛି । ସାଧାରଣ ନାଗରିକଙ୍କ ଉପରେ ଘାତକ ପ୍ରଭାବ ଏବଂ ବିକିରଣ ଏକ୍ସପୋଜରର ଦୀର୍ଘମିଆଦି ପରିଣାମ ପରମାଣୁ ଅସ୍ତ୍ର ବ୍ୟବହାର କରିବାର ନୈତିକତା ଏବଂ ଆବଶ୍ୟକତା ଉପରେ ବିତର୍କ ସୃଷ୍ଟି କରିଛି । ମୋଟ ଉପରେ, ହିରୋସିମା ଏବଂ ନାଗାସାକିର ବିସ୍ଫୋରଣ ମାନବ ଇତିହାସରେ ଏକ ବିବାଦୀୟ ତଥା ଗଭୀର ଦୁଃଖଦ ଅଧ୍ୟାୟ ହୋଇ ରହିଛି, ଯାହା ପରମାଣୁ ଅସ୍ତ୍ରର ବିନାଶକାରୀ ଶକ୍ତି ଏବଂ ଯୁଦ୍ଧର ଭୟଙ୍କର ପରିଣାମକୁ ଦର୍ଶାଉଛି । ଜାପାନର ଗ୍ରେଟର ଏସିଆ ଗଠନ କରିବାର ସ୍ୱପ୍ନ , ଯେଉଁଥିପାଇଁ ପୁରା ଏସିଆରେ ନିଜର ଆଧିପତ୍ୟ ବିସ୍ତାର ପାଇଁ ଚେଷ୍ଟା ଯାହା ନିଜର ସାମ୍ରାଜ୍ୟବାଦୀ ଚରିତ୍ରକୁ ବିଶ୍ୱ ସମ୍ମୁଖରେ ତୋଳି ଧରିଥିଲା । ଠିକ ସେହିପରି ଆମେରିକା ସାମ୍ରାଜ୍ୟବାଦ ମଧ୍ୟ ପୁରା ବିଶ୍ୱରେ ନିଜକୁ ଅସ୍ତ୍ର ଶସ୍ତ୍ର ଏବଂ ପରମାଣୁ ବମର ଅଧିକାର ଦୃଷ୍ଟିରୁ ପୁରା ବିଶ୍ୱରେ ନିଜକୁ ନମ୍ବର ଏକ ବୋଲି ପ୍ରତିପାଦିତ କରିବାକୁ ଚାହିଁଥିଲା । ଜାପାନ ଏସିଆରେ ଶକ୍ତିଶାଳୀ ହେବାକୁ ଚାହୁଁଥିବା ବେଳେ , ଆମେରିକା ପୁରା ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହିଁଥିଲା ଯାହା ସେ ଏହି ଯୁଦ୍ଧ ମାଧ୍ୟମରେ ହାସଲ କଲା । ଏଥିରୁ ସ୍ପଷ୍ଟ ଯେ , ପୁଞ୍ଜିବାଦର ଅନ୍ତିମ ସ୍ତର ହେଉଛି ସାମ୍ରାଜ୍ୟବାଦ ଯାହା ଯୁଦ୍ଧକୁ ଜନ୍ମ ଦିଏ । ଏହା ଆଜି ସତ୍ୟ ପ୍ରମାଣିତ ହୋଇଛି । ବର୍ତ୍ତମାନ ମଧ୍ୟ ପୁରା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯେଉଁ ଯୁଦ୍ଧର ବିଭୀଷିକା ଚାଲିଛି , ଏହା ମଧ୍ୟ ସାମ୍ରାଜ୍ୟବାଦୀ ଆମେରିକା ଏବଂ ତାହାର ସହଯୋଗୀ ମାନଙ୍କର ନେତୃତ୍ୱରେ ଚାଲିଛି ।

କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ କାହାଣୀ କ'ଣ ? ଆମେରିକା ଏବଂ ଜାପାନ ମଧ୍ୟରେ କାହିଁକି ପ୍ରତିଦ୍ୱନ୍ଦ୍ୱିତା ହେଲା ? ବାସ୍ତବରେ କାହାଣୀ ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ଆରମ୍ଭ ହୋଇଥିଲା । ଯେତେବେଳେ ହିଟଲର ପୋଲାଣ୍ଡ ଉପରେ ଆକ୍ରମଣ କରିଥିଲା । ୧୯୩୯ ମସିହାରେ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା ଯେତେବେଳେ ହିଟଲର ପୋଲାଣ୍ଡ ଉପରେ ଆକ୍ରମଣ କରିଥିଲା । ଗୋଟିଏ ପରେ ଗୋଟିଏ, ଅନ୍ୟ ଦେଶମାନେ ଏହି ଯୁଦ୍ଧରେ ପ୍ରବେଶ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଦୁଇଟି ପ୍ରମୁଖ ମିଳିତ ସହଯୋଗୀଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଗୋଟିଏ ପାର୍ଶ୍ୱରେ ନାଜି ଜର୍ମାନୀ, ଇଟାଲୀ ଏବଂ ଜାପାନ ସହିତ ଆକ୍ସିସ୍ ପାୱାର୍ ଭାବରେ ଜଣାଶୁଣା ଏବଂ ଅନ୍ୟ ପଟେ ଗ୍ରେଟ୍ ବ୍ରିଟିନ୍, ସୋଭିଏତ୍ ୟୁନିଅନ୍ ଏବଂ ଆମେରିକା ସହିତ, ସହଯୋଗୀ ଶକ୍ତି ବା ସହଯୋଗୀ ଭାବରେ ଜଣାଶୁଣା । ଫ୍ରାନ୍ସ ଏବଂ ଚୀନ୍ ଭଳି ଦେଶ ମଧ୍ୟ ସହଯୋଗୀ ଦଳର ଅଂଶ ଥିଲେ । କିନ୍ତୁ ପ୍ରାରମ୍ଭରେ, ଯୁଦ୍ଧରୁ ଦୂରେଇ ରହିବାକୁ ଆମେରିକା ଯଥାସମ୍ଭବ ଚେଷ୍ଟା କରୁଥିଲା । ପ୍ରଥମ ବିଶ୍ୱ ଯୁଦ୍ଧ ର ଭୟଙ୍କର ଫଳାଫଳ ପରେ ଆମେରିକା ସ୍ଥିର କଲା ଯେ ଏହା ୟୁରୋପ ଏବଂ ଏସିଆର ଦ୍ୱନ୍ଦ୍ୱରେ ହସ୍ତକ୍ଷେପ କରିବ ନାହିଁ । କିନ୍ତୁ ୧୯୪୧ ମସିହାରେ ଜାପାନ ପର୍ଲ ହାରବର୍ ଉପରେ ଆକ୍ରମଣ କରି ଆମେରିକାକୁ ଏହି ଯୁଦ୍ଧରେ ଯୋଗଦେବାକୁ ବାଧ୍ୟ କରିଥିଲା । ଜାପାନର ପ୍ରସଙ୍ଗରୁ ଜିନିଷ ବୁଝିବା ଜରୁରୀ, କାରଣ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଷୟରେ ଆଲୋଚନା ହୁଏ ଆମେ ପ୍ରାୟତଃ ଜର୍ମାନୀ ଏବଂ ହିଟଲର ଉପରେ ଧ୍ୟାନ ଦେଇଥାଉ । ଆମେ ଜାପାନ ବିଷୟରେ କଥାବାର୍ତ୍ତା କରୁନାହୁଁ । କଥାଟି ହେଉଛି, ୧୯୦୦ ଦଶକ ପୂର୍ବରୁ ଜାପାନରେ ସାମ୍ରାଜ୍ୟବାଦ ଦେଖାଯାଇଥିଲା । ବ୍ରିଟେନ୍, ଫ୍ରାନ୍ସ ଏବଂ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ଯେପରି ଅନ୍ୟ ଦେଶମାନଙ୍କୁ ନିଜର ଅଧିକାରକୁ ଉପନିବେଶ ମାଧ୍ୟମରେ ଆଣିବାକୁ ଚେଷ୍ଟା କରୁଥିଲା,ଠିକ ସେହିପରି ଜାପାନ ମଧ

ଲୋକ ସମସ୍ୟା
ପ୍ରଜାତନ୍ତ୍ର

୧୪.୮.୨୦୨୪

ଭୂତକୋଠି ପାଲଟିଲାଣି ବହୁ ପୁରାତନ ଉଚ୍ଚ ବିଦ୍ୟାଳୟ

ଘୁ ଉଦୟଗିରି: ଦିନଥିଲା କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ସହରର ମିଲମାନ ହାଇସ୍କୁଲ୍ ସାରା ଜିଲ୍ଲାରେ ସୁନାମ ଅର୍ଜନ କରିଥିଲା। ଏହି ସ୍କୁଲରେ ପାଠ ପଢି ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। କିଏ ତ ଶିକ୍ଷକ କିଏ ତ ସରକାରୀ ଚାକିରି କରିଛନ୍ତି। ଅନେକ ଇତିହାସ ମଧ୍ୟରେ ଏହି ବିଦ୍ୟାଳୟ ଗଠିତ। ଏହି ବିଦ୍ୟାଳୟ ସଂଖ୍ୟା ଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହେଉଥିବା ବେଳେ, ଶିକ୍ଷା ଅନେକ ଛାତ୍ରଛାତ୍ରୀ ପାଇଛନ୍ତି ସେହିପରି ଭାବରେ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟ ଶିକ୍ଷାଦାନ କରି ସେମାନେ ଅବସର ନେଇଛନ୍ତି। କିନ୍ତୁ ଦୁଃଖ ଓ ବିଡ଼ମ୍ବନାର ବିଷୟ ବର୍ତ୍ତମାନ ଏହି ବିଦ୍ୟାଳୟ ଏବେ ଭୂତକୋଠି ପାଲଟିଛି। ମଦୁଆ, ଗଞ୍ଜେଇ, ଜୁଆର ଆଡ୍ଡାସ୍ଥଳୀ ପାଲଟିଯାଇଛି। ସଞ୍ଜ ନଇଁଲେ ଯୁବ ପିଢ଼ି ମଦ ବୋତଲ, ତା ସହିତ ଚାଖଣା ନେଇ ପହଞ୍ଚି ଯାଉଛନ୍ତି। ସେଠାରେ ପିଇବା ପରେ ମଦ ବୋତଲ ଭାଙ୍ଗିବା ଫିଙ୍ଗିବା ଆଦି କାର୍ଯ୍ୟ କରୁଛନ୍ତି। ଅନ୍ୟପଟେ ଗାଈ ଗୁଡ଼ିକ ପହଞ୍ଚି ଗୁହାଳ ଘର ବନେଇଛନ୍ତି। ଅମାନୁଷିକ ଲୋକମାନେ ବିଦ୍ୟାପୀଠକୁ ଅସାମାଜିକ ଆଡ୍ଡା ସ୍ଥଳୀ ପାଲଟି ଯାଇଛି। ଏହି ବିଦ୍ୟାଳୟରେ ଜଣେ ମାତ୍ର ପିଇଟି ଶିକ୍ଷକ ରହିଛନ୍ତି। ତାଙ୍କର ମଧ୍ୟ ୧୮ ମାସ ଚାକିରି ରହିଛି। ସେ ସେଠାରେ ସୁରକ୍ଷା କର୍ମୀ ସଦୃଶ ରହିଁଛନ୍ତି। ଦିନ ରାତି ସେଠାରେ ରହୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସନ୍ଧ୍ୟା ସମୟରେ ପାଣି ବାଲଟି ହାତରେ ଧରି ଚଟାଣ ଉପରେ ପକାଇ ଓଦା କରି ଘରକୁ ଯାଉଛନ୍ତି। କାରଣ ସେ ଗଲା ପରେ ମଦ୍ୟପମାନେ ଆସି ବସି ମଦ ଯେପରି ପିଇବେ ନାହି ସେଥିପାଇଁ ଚଟାଣ ଉଦା କରି ଯାଉଛନ୍ତି। ଘର ଚାରିପଟେ କାନ୍ଥ ବାଡ଼ ନଷ୍ଟ ହେଲାଣି। ସିଉଳି ଲାଗି ଛାତ ପଡ଼ିବା ପଡ଼ିବା ଲାଗୁଛି। ବହୁ ପୁରାତନ ଘର ମଧ୍ୟ ହୋଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟକୁ ତେଣୁ ଅସାମାଜିକ ଲୋକଙ୍କ ଆଡ୍ଡା ନ କରି ବିଦ୍ୟାଳୟ ଭାବରେ ବ୍ୟବହାର କଲେ ବିଦ୍ୟାକୁ ସମାଜ ମଧ୍ୟରେ ଉତ୍ତମ ସମାଜ ଗଠନ ହୋଇପାରିବ। ବନ୍ଦ ହେବା କୁ ଯାଉଛି ୪୯ ବର୍ଷ ର ମିଲମାନ ମେମୋରିଆଲ ଉଚ୍ଚବିଦ୍ୟାଳୟ ପ୍ରଶାସନର ଅବହେଳା ଯୋଗୁଁ ଲୋପ ପାଇବାକୁ ଯାଉଛି ବହୁ ପୁରାତନ ମାଇନରିଟୀ ଶିକ୍ଷା ଅନୁଷ୍ଠାନ। କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସୁପ୍ରସିଦ୍ଧ ଓ ସୁପରିଚିତ ବିଦ୍ୟାଳୟ ମିଲମାନ ମେମୋରିଆଲ ଉଚ୍ଚବିଦ୍ୟାଳୟ। ଯାହା ଇଂଲଣ୍ଡ ର ଓ.ଜେ.ମିଲମାନ ନାମକ ଜଣେ ମିଶନାରୀ ଶିକ୍ଷାବିତ୍ ତଥା ସ୍ୱେଚ୍ଛାସେବୀ ଯିଏ କି ଘୁ. ଉଦୟଗିରି ଠାରେ ସ୍କୁଲ ନିର୍ମାଣ କରି ଏଠିକାର ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଲଘୁ ସମ୍ପ୍ରଦାୟର କଟକ ଡାଇସିସ ମିନିଷ୍ଟ୍ରୀ (ସି ଏନ ଆଇ) ନାମକ ସଂସ୍ଥା ଦ୍ୱାରା ଏକ କମିଟି ମାଧ୍ୟମରେ ସ୍କୁଲ ଟିର ପରିଚାଳନା ନିମନ୍ତେ ମନସ୍ଥ କରିଥିଲେ। ୨୫/୦୭/୧୯୭୫ ମସିହାରେ ସ୍କୁଲ ଟି ଆରମ୍ଭ ହେଲା ସ୍ୱର୍ଗତ ବେଞ୍ଜାମିନ ନାୟକ ସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ, ବିଷୟ ବସ୍ତୁ ଅନୁସାରେ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ୍ୟ ଶିକ୍ଷା ଦାନ ନିମନ୍ତେ ସ୍କୁଲରେ ନିଯୁକ୍ତି ପାଇଥିଲେ ଓ ଆଖପାଖ ଅଞ୍ଚଳର ବହୁ ଛାତ୍ରଙ୍କ ସେଠାରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ ପାଇଥିଲା। ବହୁସଂଖ୍ୟାରେ ପ୍ରାୟ ୧୫୦ ରୁ ଉର୍ଦ୍ଧ ପିଲା ସ୍କୁଲରେ ପାଠ ପଢିବାକୁ ଆସିଲେ। ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ଦେଖୀ କିଛି ବର୍ଷ ପରେ ୧୯୮୩/୮୪ ମସିହା ବେଳକୁ ସ୍କୁଲ ଟି ଗ୍ରାଣ୍ଟିନେଣ୍ଟ ପାଇଥିଲା। ତାର କିଛି ବର୍ଷ ପରେ ୧୯୯୭ ମସିହାରେ ପୁଣି ଥରେ ସ୍କୁଲ ର ପରିଚାଳନା ନିମନ୍ତେ କମିଟି ପରିବର୍ତ୍ତନ ହୋଇ ସି ଏନ ଆଇ ର ଫୁଲବାଣୀ ଡାଇସିସ କମିଟି କୁ ହସ୍ତାନ୍ତର କରାଗଲା। ୨୦୧୧ ମସିହାରେ କୋ-ଏଯୁକେଶନ ମାନ୍ୟତା ପାଇଲା ପରେ ଛାତ୍ରୀ ମାନଙ୍କ ପାଇଁ ମଧ୍ୟ ପାଠ ପଢ଼ିବାର ବ୍ୟବସ୍ଥା ହେଲା। ସ୍ଥାନୀୟ ଅଂଚଳର ବହୁ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରୁ ପାଠ ପଢ଼ିବାର ସୁଯୋଗ ପାଇଲେ। ଇତିମଧ୍ୟରେ ୫ ଜଣ ପ୍ରଧାନ ଶିକ୍ଷକ ଅବସର ନେଇସାରିଥିବା ବେଳେ ବର୍ତମାନ ସ୍କୁଲ ଟି ବନ୍ଦ ହେବା ପରିସ୍ଥିତି ରେ ପହଞ୍ଚିଛି। ସ୍କୁଲ ରେ ଶିକ୍ଷକ ନଥିବା କାରଣରୁ ସ୍ଥାନୀୟ ଅଭିଭାବକ ନିଜ ପିଲା ମାନଙ୍କୁ ସ୍କୁଲରେ ନାମ ଲେଖାଉ ନାହାନ୍ତି।ମାତ୍ର ଜଣେ ଖେଳ ଶିକ୍ଷକ ଏହି ବିଦ୍ୟାଳୟ ରେ କାର୍ଯ୍ୟରତ।ହେଲେ ବିଦ୍ୟାଳୟରେ ପିଲା ନାହାନ୍ତି।କାରଣ ଶିକ୍ଷକ ମାନେ ଅବସର ନେବା ପରେ ଆଉ ଶିକ୍ଷକ ନିଯୁକ୍ତି ନହେବା ଯୋଗୁଁ ବିଦ୍ୟାଳୟ ଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି କେବଳ ଜଣେ ଖେଳ ଶିକ୍ଷକ ବିଦ୍ୟାଳୟ କାଗଜପତ୍ର ଏବଂ କୋଠାକୁ ଜଗି ବସିଛନ୍ତି। ଦୁଃଖ ଓ ପରିତାପର ବିଷୟ ପ୍ରଶାସନକୁ ଏ ବିଷୟରେ ବହୁବାର ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ କୁହନ୍ତି ଗ୍ରାମବାସୀ ଓ କମିଟି ସଦସ୍ୟ। ଦୀର୍ଘ ବର୍ଷ ଧରି ଚାଲିଥିବା ସ୍କୁଲ ବନ୍ଦ ହୋଇଗଲା ଏଥିପାଇଁ ଦାୟୀ କିଏ ହେବ ବୋଲି ସ୍ଥାନୀୟ ଶିକ୍ଷାବିତ ମାନେ ପ୍ରଶ୍ନ କରିଛନ୍ତି। ସ୍କୁଲ କମିଟି କର୍ତୃପକ୍ଷଙ୍କ କହିବା ଅନୁଯାୟୀ ସ୍କୁଲ ପରିଚାଳନା କମିଟି ଧାରା ୨୮ ପାଳନ କରୁନଥିବା କାରଣରୁ କମିଟି ସରକାରୀ ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ ହୋଇପାରୁନାହିଁ। ଯାହା ଫଳରେ ପ୍ରଶାସନ ତରଫରୁ କୌଣସି ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ। ଫଳରେ ସରକାରଙ୍କ ନୀତିନିୟମ ଓ ମାଇନୋରିଟୀ କମିଟିର ନୀତି ଉଭୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବହୁ ପୁରାତନ ମିଲମାନ ମେମୋରିଆଲ ଉଚ୍ଚବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନଟି ବନ୍ଦ ହୋଇଗଲା। ସ୍ଥାନୀୟ ବୁଦ୍ଧିଜୀବୀ ଦୁଃଖ ପ୍ରକାଶ କରିବା ସହ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଶାସନ ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରଙ୍କୁ ଅବଗତ କରାଇବା ପାଇଁ ନିବେଦନ କରିଛନ୍ତି।

ଶୀତଦିନେ ଶୁଖିଯାଉଛି କୁଲଡ଼ିହାର ୩ ଡ୍ୟାମ୍

ନୀଳଗିରି: ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା ଋଷିଆ, ସାତଘାଟି ଓ ଖୁମକୁଟ୍ ଡ୍ୟାମର ବିସ୍ତୀର୍ଣ୍ଣ ଜଳରାଶି ଓ ଏହାର ବାତାବରଣରେ ଆକୃଷ୍ଟ ହୋଇ ପ୍ରତିବର୍ଷ ଶୀତଋତୁରେ ଭଳିକି ଭଳି ବିଦେଶୀ ପକ୍ଷୀ ଏଠାକୁ ଆସୁଥିଲେ। ପକ୍ଷୀମାନଙ୍କ କଳରବ ସହିତ ସେ ?ନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଛୁଟି ଆସନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଜଳବାୟୁ ପରିବର୍ତ୍ତନ ପାଇଁ ଗତ ୨ ବର୍ଷ ହେଲା ଡିସେମ୍ବର ମାସ ଆରମ୍ଭରୁ ଏହି ଡ୍ୟାମୁଡ଼ିକ ଶୁଖି ଯାଉଛି। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା କମିବା ସହିତ ଚାଷୀ, ମତ୍ସ୍ୟଜୀବୀ ଓ ଜୀବଜନ୍ତୁ ହଇରାଣର ସମ୍ମୁଖୀନ ହେଉଛନ୍ତି। କୁଲ୍ଲିହା ଅଭୟାରଣ୍ୟ ମଧ୍ୟରେ ଥିବା ଋଷିଆ ଜଳଭଣ୍ଡାର ଲମ୍ବ ୪ ହଜାର ୩୫୦ ଫୁଟ୍। ଜଳଧାରଣ କ୍ଷମତା ୨୧ ବର୍ଗ ମାଇଲ୍। ନୀଳ-ଗିରି ଅଞ୍ଚଳର କେସିପୁର, ଛତ୍ରପୁର, ତେଲିପାଳ ଆଦି ପଞ୍ଚାୟତର ୧୦ ହଜାରରୁ ଅଧିକ ଚାଷୀ ଜମିକୁ ଜଳ ପାଇଁ ଏହି ଡ୍ୟାମ୍ ଉପରେ ନିର୍ଭର କରନ୍ତି। ଖରିଫ ଋତୁରେ ୪ ହଜାର ୫୦୦ ଏକର, ରବି ଫସଲ ସମୟରେ ୧ ହଜାର ୮୦୦ ଏକର ଜମିକୁ ଜଳ ଏହି ଡ୍ୟାମ୍ ଯୋଗାଇଥାଏ। ଏବେ ଜଳବାୟୁର ପରିବର୍ତ୍ତନ ପାଇଁ ଡ୍ୟାମ୍ରେ ପାଣି ଶୁଖି ଯାଉଛି। ଫଳରେ ଏହା ଚାଷ କାର୍ଯ୍ୟରେ ବିଶେଷ ସହାୟକ ହୋଇ ପାରୁନି। ଜୀବଜନ୍ତୁମାନଙ୍କ ତୃଷ୍ଣା ମେଣ୍ଟୁନି କି ଆଗଭଳି ଏଠାରେ ଆଉ ବିଦେଶୀ ପକ୍ଷୀଙ୍କ କଳରବ ଶୁଭୁନି। ଯେଉଁଠି ଶୀତଦିନେ ବଣଭୋଜି ପାଇଁ ଗହଳି ଲାଗୁଥିଲା, ଏବେ ସେଠି ଖାଁ ଖାଁ ପରିବେଶ। ଶ୍ୟା-ମସୁନ୍ଦର ପଞ୍ଚାୟତ ଅଧୀନ ଖୁମକୁଟ୍ ଡ୍ୟାମ୍ର ମଧ୍ୟ ସମାନ ଅବସ୍ଥା। ଏହି ଡ୍ୟାମ୍ ଉପରେ ଆଖପାଖ ୧୫ଟି ଗାଁର ଚାଷୀମାନେ ନିର୍ଭର କରନ୍ତି। କିନ୍ତୁ ଶୁଖିଲା ଡ୍ୟାମ୍ ଏବେ ଚାଷୀଙ୍କୁ ନିରାଶ କରୁଛି। ବିଶେଷକରି, ଉକ୍ତ ଅଞ୍ଚଳରରେ ଚଳପ୍ରଚଳ କରୁଥିବା ହାତୀପଲ ଡ୍ୟାମ୍ ପାଣିରେ ଶୋଷ ମେଣ୍ଟାଉଥିଲେ। ଡ୍ୟାମ୍ ଶୁଖିଲା ପଡ଼ିବାରୁ ହାତୀପଲ ପାଣି ନ ପାଇ ଗାଁମୁହାଁ ହେଉଛନ୍ତି। ସେହିପରି, ସଜନାଗଡ଼ ପଞ୍ଚାୟତ ତେଣ୍ଡା ଗାଁ ନିକଟରେ ଥିବା ସାତଘାଟି ଡ୍ୟାମ୍ ଶୀତଦିନେ ଶୁଖି ଯାଉଛି। ଡ୍ୟାମ୍ ଶୁଖିଯିବାରୁ ପଶୁପକ୍ଷୀଙ୍କ-ଠାରୁ ଆରମ୍ଭକରି ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପାଣି ସମସ୍ୟା ଦେଖାଦେଇଛି। ଡ୍ୟାମୁଡ଼ିକର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି ନୀଳଗିରି ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ। ଅବାଧରେ ବୃକ୍ଷ ଛେଦନ ଜଳବାୟୁକୁ ବିଗାଡ଼ି ଦେଉଛି। ଜଳାଶୟଗୁଡିକ ଶୁଷ୍କ ହୋଇଯାଉଛି। ଏଥିପ୍ରତି ସାଧାରଣ ଜନତା ବି ସଚେତନ ହେବା ଉଚିତ ବୋଲି ସେ କହିଛନ୍ତି। ସେହିପରି ପକ୍ଷୀ ଗବେଷକ ମନୋରଞ୍ଜନ ଦାସଙ୍କ କହିବା ଅନୁସାରେ, ଅନିୟମିତ ବର୍ଷା ପାଇଁ ଶୁଖିଲା ପଡୁଛି ଡ୍ୟାମ୍। ପଙ୍କ ଉଦ୍ଧାର ସହିତ ବର୍ଷା ଜଳକୁ ଡ୍ୟାମରେ ସଂରକ୍ଷିତ କରିବା ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଶ୍ରୀ ଦାସ।

ସିଙ୍ଗିଡ଼ା ନଦୀକୁ ଦୂଷିତ କରୁଛି କୋଇଲା ଖଣି

କଣିହାଁ: ଅନୁଗୁଳ ଜିଲ୍ଲା ତାଳଚେର ବ୍ଲକ୍ ଦେଇ ପ୍ରବାହିତ ସିଙ୍ଗିଡ଼ା ନଦୀଜଳ କୋଇଲା ଖଣିର ପାଣି ପାଇଁ ବିପଦରେ। ହିଙ୍ଗୁଳା କୋଇଲା ଖଣିର ଦୂଷିତ ଜଳକୁ ସିଧାସଳଖ ଏହି ନଦୀକୁ ଛାଡ଼ି ଦିଆଯାଉଥିବାରୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ନଦୀକୂଳରେ ବାସ କରୁଥିବା ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ସିଙ୍ଗିଡ଼ା ନଦୀ ଉପରେ ତାଳଚେର ବ୍ଲକ୍ କୁମୁଣ୍ଡା ପଞ୍ଚାୟତଠାରୁ ଆରମ୍ଭ କରି କଣିହାଁ ବ୍ଲକର ସାନତ୍ରିବିଡ଼ା, ବଡ଼ତ୍ରିବିଡ଼ା, କମରେଇ ଓ ହରିହରପୁର ପଞ୍ଚାୟତର ଅନେକ ଗାଁ ନିର୍ଭର କରୁଛନ୍ତି। ସିଙ୍ଗିଡ଼ା ନଦୀର ପାଣିକୁ ଅଞ୍ଚଳବାସୀ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ନଦୀ କୂଳରେ ରହିଛି ଅନେକ ଉଠା ଜଳସେଚନ ପଏଣ୍ଟ। ଏହା ଦ୍ୱାରା ଲୋକମାନେ ଜମିକୁ ଜଳସେଚିତ କରି ବିଭିନ୍ନ ଫସଲ ଉତ୍ପାଦନ କରୁଛନ୍ତି। କିନ୍ତୁ ଦେଢ଼ମାସରୁ ଅଧିକ ଦିନ ହେଲା ତାଳଚେର ବ୍ଲକ୍ କୁମୁଣ୍ଡା ଗାଁ ନିକଟରେ ସିଙ୍ଗିଡ଼ା ନଦୀରେ ହିଙ୍ଗୁଳା କୋଇଲା ଖଣିର ବର୍ଜ୍ୟଜଳକୁ ଛଡ଼ାଯାଉଛି। ଖଣିର ବର୍ଜ୍ୟ ଓ କୋଇଲା ଗୁଣ୍ଡ ମିଶା କଳା ପାଣି ନଦୀରେ ମିଶୁଥିବାରୁ ନଦୀର ଜଳ ସଂପୂର୍ଣ୍ଣ ଦୂଷିତ ହୋଇଯାଇଛି। ନଦୀ ପାଣିରେ ଏକ କଳାରଙ୍ଗର ଆସ୍ତରଣ ଦେଖିବାକୁ ମିଳୁଛି। ନଦୀରେ କୋଇଲା ଖଣିର ଦୂଷିତ ଜଳ ନଛାଡ଼ିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଘରେ ଘରେ ଉଡ଼ିଲା ତ୍ରିରଙ୍ଗା

ଟିଟିଲାଗଡ଼ ,(ପିପିଏସ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘର ଘର ତ୍ରିରଙ୍ଗା ଆହ୍ୱାନ କ୍ରମେ ଟିଟିଲାଗଡ଼ ଠାରେ ବିଶାଳ ତ୍ରିରଙ୍ଗା ପତକା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏନେଇ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଉପଜିଲାପାଳ ରେହାନ ଖତ୍ରୀ, ପୌରାଧକ୍ଷା ମମତା ଜୈନ, ବଲାଙ୍ଗୀର ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଶୁଭ୍ରାଂସୁ ଦାଶ ଯୋଗ ଦେଇ ଭାରତ ମାତାଙ୍କ ପୂଜାବନ୍ଦନା ପରେ ୩୦୦ ମିଟର ଦୀର୍ଘ ତ୍ରିରଙ୍ଗା ପତକା ସହ ଶହଶହ ସଂଖ୍ୟାରେ ଦେଶପ୍ରେମୀଙ୍କ ସହ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ କ୍ଷ ବିଜେପି ନେତା ସଞ୍ଜୟ ତ୍ରିପାଠୀ, ଅଶ୍ୱିନୀ ସାହୁ, ବିରଞ୍ଚି ସାହୁ, ପ୍ରଦୀପ ସାହୁ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ,.ମନୋଜ ଜୈନ, ଟିନୁ ଅଗ୍ରୱାଲ, ଭୁବନେଶ୍ୱର ପଟ୍ଟନାୟକ, ସୁନିତା ଦାଶ, ସରୋଜା ଥାନାପତି, ସୁମିତ୍ରା ନାଗ, ହରି ନାଗ, ଅଶୋକ ଭୋଇ, ଲିଙ୍ଗରାଜ ନାୟକ, ସୁଧୀର ଘଡେଇ, ନୀତେଶ ଜୈନ, ସରପଞ୍ଚ ପୃଥ୍ୱୀରାଜ ଚିନାଗୁନ, କେଶବ ଆଡ଼ୟୁଆଡ଼, ଖ୍ୱାଜ ମହମ୍ମଦ, ନରେଶ ରାଜପାଳିଆ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ସେହିପରି ଟିଟିଲାଗଡ଼ ବିକାଶ ସେନା ସଭାପତି ଅମ୍ଳାନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ତ୍ରିରଙ୍ଗା ପତକା ସହ ସହରରେ ଶୋଭାଯାତ୍ରାରେ ବାହାରିଥିଲେ ଶାନ୍ତିର ସହ ଶୋଭାଯାତ୍ରା ଅନୁଷ୍ଠିତ ହେବାପାଇଁ ଟିଟିଲାଗଡ଼ ଏସ୍ ଡିପିଓ ଅଙ୍କିତା କୁମ୍ଭାର ତତ୍ତ୍ୱାବଧାନ ସହ ସାମିଲ ହୋଇଥିଲେ ।

ଅତିରିକ୍ତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଭବାନୀପାଟଣା, (ହି.ସ.): କେସିଙ୍ଗା ପଂଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ୍ ଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସି ଡି ଓ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ଭବାନୀପାଟଣା ଜୟଦେବ ଦାସଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୭୩ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା ।

କିଏ ହେବେ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

କେନ୍ଦୁଝର,(ପିପିଏସ୍): ବିଧାନସଭା ନିର୍ବାଚନ ସରିବା ସହ ନୂତନ ବିଧାନସଭାର ପ୍ରଥମ ଅଧିବେଶନ ମଧ୍ୟ ଇତିମଧ୍ୟରେ ଶେଷ ହୋଇଛି । ବିଧାନସଭା ସମୟରେ ସରକାରଙ୍କ ତରଫରୁ ଖୁବ୍‌ଶୀଘ୍ର ବିଭିନ୍ନ ଜିଲ୍ଲାମାନଙ୍କରେ ଥିବା ଜିଲ୍ଲା ଯୋଜନା ବୋର୍ଡ ଗୁଡିକୁ ପୁର୍ନଗଠନ କରାଯିବ ବୋଲି ଆଲୋଚନା ହେଉଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ଗଠନକୁ ନେଇ ରାଜନୈତିକ ଅଙ୍କକଷା ଆରମ୍ଭ ହୋଇଛି । ବିଭିନ୍ନ ଜିଲ୍ଲାମାନଙ୍କରେ ଅବସ୍ଥାପିତ ହେଉଥିବା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ବା ଅଧ୍ୟକ୍ଷାମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ହୋଇଥିବାବେଳେ ଏହି ଅଧ୍ୟକ୍ଷ ବିଭିନ୍ନ ସୁବିଧା ସୁଯୋଗ ପାଇଥାନ୍ତି । ତେବେ ସୁବିଧା ସୁଯୋଗ ବଡକଥା ନୁହେଁ ଏହି ଅଧ୍ୟକ୍ଷଙ୍କର ଗୁରୁଦାୟିତ୍ୱ ମଧ୍ୟ ରହିଛି । ବର୍ଷର ବିଭିନ୍ନ ସମୟରେ ବସୁଥିବା ଏହି ବୈଠକ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱବହନ କରିଥାଏ । ୨୦୧୪ ମସିହା ପୂର୍ବରୁ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ କେବଳ ଏହି ପଦ ମିଳୁଥିଲା । ନିଜ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଦିନଟିଏ କାଢି ମନ୍ତ୍ରୀ ସଂପୃକ୍ତ ଜିଲ୍ଲା ଗସ୍ତରେ ଯାଇ ଏହି ବୈଠକରେ ଯୋଗଦେଇ ତରତରରେ ରାଜଧାନୀକୁ ଫେରୁଥିଲେ । ଫଳରେ ଏହି ଜିଲ୍ଲା ଯୋଜନା ବୋର୍ଡ ବୈଠକ ବର୍ଷରେ ମାତ୍ର ଥରେ ବା ଅତି ବେଶୀରେ ଦୁଇଥର ବସୁଥିଲା ।

ମାତ୍ର ୨୦୧୪ ପରେ ବିଜେଡି ସରକାରରେ ଜିଲ୍ଲାର ବରିଷ୍ଠ ବିଧାୟକଙ୍କୁ ଏହି ଦାୟିତ୍ୱ ଦିଆଯିବା ପରେ ଚଳଚଞ୍ଚଳ ହୋଇ ଉଠିଥିଲା ଏହି କମିଟି ବା ବୋର୍ଡ । କେନ୍ଦୁଝର ଜିଲ୍ଲା ପରିଷଦ କୋଠାରେ ଅଧ୍ୟକ୍ଷଙ୍କ ପାଇଁ ପ୍ରକୋଷ୍ଠ ସହ ବ୍ୟକ୍ତିଗତ ସହାୟକ, କର୍ମଚାରୀ,ଗାଡି ଓ ସରକାରୀ ଘର ମଧ୍ୟ ଯୋଗାଇ ଦିଆଯାଇଥିଲା । ୨୦୧୪ରେ ତତ୍କାଳୀନ ପାଟଣା ବିଧାୟକ ହୃଷିକେଶ ନାଏକ ଏହି କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦବୀ ପାଇଥିଲେ । ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଏହି ବରିଷ୍ଠ ରାଜନେତା ହୃଷିକେଶ ନାଏକ ୨୦୧୯ ନିର୍ବାଚନରେ ଦଳୀୟ ଟିକେଟ ପାଇବାରୁ ବଞ୍ଚିତ ହୋଇ ବିଧାନସଭାକୁ ପ୍ରବେଶ କରିପାରି ନ ଥିଲେ ଓ ୨୦୧୯ର ପାଟଣାର ବିଜେଡି ବିଧାୟକ ଜଗନ୍ନାଥ ନାୟକ କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ହୋଇଥିଲେ । ଏବେ ବିଜେପିର ମୋଟ ତିନିଜଣ ବିଧାୟକଙ୍କ ମଧ୍ୟରୁ ସଦର ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବା ପରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଓ ତେଲକୋଇ ବିଧାୟକ ଡାକ୍ତର ଫକୀର ଚରଣ ନାୟକଙ୍କ ନାମକୁ ନେଇ ଆଲୋଚନା ଆରମ୍ଭ ହୋଇଥିବାବେଳେ ରାଜ୍ୟ ଯୋଜନା ବୋର୍ଡରେ ରାଜନେତା ବା ଅଣବିଧାୟକଙ୍କୁ ଏହି ମର୍ଯ୍ୟାଦାଜନକ ପଦ ଦିଆଯିବ କି ନାହିଁ ତାହା ପ୍ରଶ୍ନବାଚୀ ମଧ୍ୟରେ ରହିଛି । ବିଧାୟକମାନଙ୍କ କଥା ଆଲୋଚନାକୁ ଆସିଲେ ଉଭୟ ବିଧାୟକ ପ୍ରଥମ କରି ନିର୍ବାଚିତ ହୋଇଛନ୍ତି । ତେବେ ପାଟଣା ବିଧାୟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ପାଇଁ ବିଶେଷ ଆଗ୍ରହୀ ନୁହନ୍ତି ବୋଲି ଶୁଣିବାକୁ ମିଳୁଛି । ଏହାପରେ ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ ଙ୍କ କଥା ଆଲୋଚନାକୁ ଆସୁଛି । ରାଜନେତାମାନେ ଯଦି ଏହି ପଦବୀରେ ଆସୀନ ହୋଇପାରିବେ ତେବେ ଜିଲ୍ଲା ବିଜେପିର ଅନେକ ଅନୁଭବୀ ନେତା ଅଛନ୍ତି । ଆଗାମୀ କିଛି ଦିନ ମଧ୍ୟରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ କିଏ ପାଇବ ତାହା ସ୍ପଷ୍ଟ ହୋଇଯିବ ବୋଲି ଆଲୋଚନା ହେଉଛି ।

କୋସଳି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର, (ହି.ସ.)- ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନ ତରଫରୁ କୋଶଳୀ ଲେଖକ, ଗବେଷକ ଓ ସଂଗ୍ରାହକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ବିୟୋଗରେ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କୋଶଲୀ ସାହିତ୍ୟ, ସଂସ୍କୃତି ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ ଓ କୋଶଲୀ ଭାଷାର ପ୍ରଚାର ପାଇଁ ଏବଂ ନିଜେ ପ୍ରତିଷ୍ଠା କରିଥିବା ସଂଗ୍ରହାଳୟ ପାଇଁ ସେ କୋଶଲାଂଚଳରେ ଅମର ହୋଇ ରହିବେ ତଥା ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସଂଗ୍ରହାଳୟର ସ୍ଥାୟୀ ବ୍ୟବସ୍ଥା ଓ ତାଙ୍କର ଲିଖିତ ଅପ୍ରକାଶିତ କୋଶଲୀ ପାଣ୍ଡୁଲିପିକୁ ପ୍ରକାଶନ କରିପାରିଲେ ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ପ୍ରେମଚାନ୍ଦ ମହାନ୍ତି, ଡ. ଭବାନୀ ଶଙ୍କର ପଟେଲ, ଶିଶୁ ସାହିତ୍ୟିକ ହୃଷିକେଶ ପୁରୋହିତ, ଶିକ୍ଷାବିତ କପିଳ ପତି, ଡା. ଅଶୋକ କୁମାର ସେଠୀ, ଲେଖିକା ତପସ୍ୱିନୀ ପସାୟତ, ଶୁଭେନ୍ଦ୍ର ନେପାକ, ସଂଗଠକ ମଧୁ ସାହୁ, ଧର୍ମବ୍ରତ ରଥ, ସଂପାଦକ ସୁନାଧର ବନଛୋର, ପ୍ରଦୀପ ପଶାୟତ, ମାଳତି ଉଦ୍‌ଗାତା, ସିତାଂଶୁ ଶେଖର ନାୟକ, ଚୁଡେନ୍ଦ୍ର କୁମାର ବେହେରା, ଦୁର୍ଗା ଚରଣ ସାହୁ ଓ ମଦନ ମୋହନ ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମ

ସମ୍ବଲପୁର,(ହି.ସ.) – ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ଜରାବଗା ଏବଂ ଲରିଆପାଲି ପଂଚାୟତ କାର୍ଯ୍ୟାଳୟରେ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ପ୍ରତି ଦେଢ଼ମାସରେ ଥରେ ପ୍ରତି ବ୍ଲକରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବେ ବୋଲି କହିଛନ୍ତି । ଏହାଛଡ଼ା ଜନସାଧାରଣଙ୍କ ଯେଉଁ ବିଭିନ୍ନ ସମସ୍ୟା ରହିଛି ଏହାର ସମାଧାନ ହେଲେ ଅଂଚଳର ବିକାଶ ହୋଇପାରିବ ବୋଲି କହିଛନ୍ତି । ବର୍ତମାନର ଲୋକ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତେ ଗୁରୁତ୍ୱ ଦେଉଛନ୍ତି । ତେଣୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତେ ଭାଗିଦାରୀ ହେବାସହ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ଖଦ୍ୟୋତ ଅନୁଷ୍ଠାନର ମାସିକିଆ ବୈଠକ

ବଲାଙ୍ଗିର, (ହି.ସ.)- ବଲାଙ୍ଗିରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଖଦ୍ୟୋତ ର ମାସିକିଆ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଆକୁଳ ବେହେରା ବିବରଣି ପାଠ କରିଥିଲେ । ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଅପରିହାର୍ଯ୍ୟ, ସହରର ବିଭିନ୍ନ ଖାଲି ସ୍ଥାନରେ ବୃକ୍ଷରୋପଣ କରିବା ଓ ତାହାକୁ ବଂଚାଇବାର ଦାୟିତ୍ୱ ନିଜେ ନିଜେ ନେବା ପାଇଁ ସଭ୍ୟମାନେ ମତ ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଗ୍ଲୋବାଲ ୱାର୍ମିଙ୍ଗ କୁ ଆଖି ଆଗରେ ରଖି ବିଦ୍ୟୁତ ସଙ୍କଟରୁ ରକ୍ଷା କରିବା ପାଇଁ ସୌର ଚାଳିତ ବ୍ୟାଟେରିର ବ୍ୟବହାରକୁ ଲୋକଙ୍କ ପାଖରେ ପହଂଚାଇବାର ସଚେତନତା କରେଇବା ପାଇଁ ମଧ୍ୟ ସଭ୍ୟମାନେ ଆଗ୍ରହ ପ୍ରକାଶ କରିଥିଲେ । ଏହି ସଭାରେ ଉପ-ସଭାପତି ରେଡକ୍ରସ ସାଧନା କର୍ମୀ ରବି ଚନ୍ଦ୍ର ପଶାୟତ, କୋଷାଧକ୍ଷ ମୀନକେତନ ମାଝି, ଜୟରାମ ପଣ୍ଡା, ହିମାଦ୍ରୀ ମିଶ୍ର, ଆଶିଷ ପଣ୍ଡା, ସତ୍ୟନାରାୟଣ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସହ-ସଂପାଦକ ରାଜେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ରୋଗୀଙ୍କୁ ଫଳ ବଣ୍ଟନ

ଘଟଗାଁ, (ହି.ସ.)- ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ଆନୁକୂଲ୍ୟରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଆଜି ଫଳ ବଣ୍ଟନ କରାଯାଇଛି । ଏଥିରେ ଘଟଗାଁ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ ମୁଖ୍ୟ ଅତିଥି ଓ ଘଟଗାଁ ବ୍ଲକର ନଅ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର କୁମାର ଯେନା, ସମାଜ ପ୍ରତିନିଧି ପ୍ରଫୁଲ୍ଲ ରାଉତ, ପ୍ରମେୟ ପ୍ରତିନିଧି ଭୀମସେନ ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୋଗୀମାନଙ୍କୁ ସେଓ, ଡାଳିମ୍ବ, ଅଙ୍ଗୁର ଏବଂ କମଳା କଦଳୀ ଇତ୍ୟାଦି ଫଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମର ବାବା ଚରମାନନ୍ଦ ଦାସ (ପ୍ରତାପ), ପରିଚାଳକ ଅର୍ଜୁନ ଚରଣ ମହାନ୍ତ ସଂଯୋଜନା କରିଥିଲେ ଓ ଶରତ ବେଜ, ସଞ୍ଜୟ କୁମାର ପଲେଇ ଏବଂ ଭଗବାନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ମୌଳିକ ସୁବିଧାରୁ ବଞ୍ଚିତ ବୃଦ୍ଧ ଦମ୍ପତି

ଜୟପୁର, (ହି.ସ.) - କୋରାପୁଟ ଜିଲ୍ଲା ଜୟପୁର ଠାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୁଃଖଦ ଘଟଣା । ଜୟପୁର ସ୍ଥିତ ସ୍ଥାନୀୟ ପୌରପାଳିକା ଅଧିନସ୍ଥ ୨୨ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି ମୌଳିକ ସୁବିଧାରୁ ବଂଚିତ ରହିଥିବା ଦମ୍ପତି । ୨୨ ନମ୍ବର ୱାର୍ଡ ଗଡିଆ ଧବା ସାହିର କୁମୁଟି ମୁଦୁଲି ବୟସ ପ୍ରାୟ ୬୨ ବର୍ଷ ଏବଂ ତାଙ୍କ ସ୍ତ୍ରୀ ଶୁକ୍ରି ମୁଦୁଲି, ବସବାସ କରନ୍ତି । ତାଙ୍କର ନିଜର ବୋଲି କେହି ନାହାଁନ୍ତି । ବୟସର ଅପରାହ୍ନରେ କୁମୁଟି ବାଡି ଖଣ୍ଡିଏ ଧରି ଛୋଟେଇ ଛୋଟେଇ ଚାଲିଲା ବେଳେ ତାଙ୍କ ସ୍ତ୍ରୀ ସୁକ୍ରି ଆଖିକୁ ମୋଟେ ଦେଖାଯାଉ ନ ଥିବାବେଳେ ହାମୁଡି ହାମୁଡି ଚାଲିଆସନ୍ତି । ବୟସ ଅପରାହ୍ନରେ ଦୁହେଁ ମଧୁବାବୁ ପେନସନ୍, ଘର ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରୁ ବଂଚିତ ରହି ଅତି ଦୟନିୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି ବୃଦ୍ଧ ଦମ୍ପତି । ଚାଉଳ କାର୍ଡ ଥିବା ସତ୍ତ୍ୱେ ସୁକ୍ରିର ଫିଙ୍ଗର ପ୍ରିଂଟ ନେଉ ନ ଥିବାରୁ ୧୦ କେଜି ଚାଉଳରୁ ମଧ୍ୟ ବଂଚିତ ଅଛନ୍ତି । ଚାଉଳ ମିଳୁ ନ ଥିବାରୁ ସାହି ବାସିନ୍ଦା ଏବଂ ୨୨ ନମ୍ବର ୱାର୍ଡର କାଉନସିଲର କିଛି ଚାଉଳ ଏବଂ ସଉଦାପତ୍ର ଦେଲେ ତାହା ଖାଇ ଜୀବନ ଅତିବାହିତ କରୁଛନ୍ତି । କୁଡିଆ ଖଣ୍ଡିଏ ଅଛି ତାହା ଦେଖିଲା ବେଳକୁ ଝାଟି ମାଟିରେ ଗଢା, ପଛ ପଟର କାନ୍ଥ ଭୀଷଣ ବର୍ଷାରେ ଭାଙ୍ଗି ସାରିଲାଣି, ଘର ଉପରେ ପଲିଥିନ ଜରି ଖଣ୍ଡିଏ ଅଛି ତାହା ମଧ୍ୟ ରାତିରେ ଜହ୍ନ ଏବଂ ଦିନରେ ସୂର୍ଯ୍ୟ ଦେଖାଯାଏ । ଏତେ ବର୍ଷାରେ ଜରି ଖଣ୍ଡିଏ ପାଇବା ପାଇଁ ତହସିଲହାର କାର୍ଯ୍ୟାଳୟକୁ ଖବର ଦେଲେ ମଧ୍ୟ ଜରି ଖଣ୍ଡେ ପାଇ ପାରୁନାହାନ୍ତି । ସେମାନଙ୍କୁ ସରକାର ସୁବିଧା ଯୋଗାଇ ଦେବାପାଇଁ ସ୍ଥାନୀୟ ବାସିନ୍ଦା ଏବଂ ନମ୍ବର ୱାଡର କାଉନସିଲର ଶ୍ରୀ ବିଷ୍ଣୁ ବର୍ଦ୍ଦନ ରେଡ୍ଡି ଦାବି କରିଛନ୍ତି । ଭାରତ ସାଧୀନ ହୋଇ ଦୀର୍ଘ ୭୭ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର ?ୟନ୍ତ ସରକାରଙ୍କ ସୁବିଧାରୁ ବଂଚିତ ରହିଛନ୍ତି କୁମୁଟି ମୁଦୁଲି ଏବଂ ତାଙ୍କ ସ୍ତ୍ରୀ ଶୁକ୍ରୀ ମୁଦୁଲି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଯାହା ବି ଯୋଜନା ଘୋଷଣା କଲେ ପାଇବା ଆଶାରେ ଚାହିଁ ବସି ଥାନ୍ତି ଗରିବ ଓ ଅସହାୟ ପରିବାର । କିନ୍ତୁ ସରକାର ଯୋଜନା ପାଇବା ତ ଦୂର କଥା କିନ୍ତୁ ସରକାର ଯୋଜନାରେ ସେମାନଙ୍କୁ ସାମିଲ ମଧ୍ୟ କରାଯାଉ ନ ଥିବା ମଧ୍ୟ ଅନେକ ସ୍ଥାନରେ ଦେଖିବାକୁ ମିଳିଛି । ତେବେ ସରକାର କାହା ପାଇଁ ଏହି ଯୋଜନା ସବୁ ଘୋଷଣା କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନା ସରକାର ଯୋଜନା ବାଟମାରଣା ହେଉଛି ତାହା ମଧ୍ୟ ଏବେ ସନ୍ଦେହ ଘେରରେ । କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା । ଏହି ଅଂଚଳରେ ଅଧିକାଂଶ ଆଦିବାସୀ ଲୋକ ବସବାସ କରନ୍ତି । ସରକାର ବିଭିନ୍ନ ଯୋଜନା ଗରିବଙ୍କ ହିତ ପାଇଁ ଘୋଷଣା କରିଥାନ୍ତି । କିନ୍ତୁ ଅସହାୟ ଓ ଗରିବ ଏଥିରୁ ବାଦ୍ ପଡିଥିବା ଅନେକ ସ୍ଥାନରେ ଦେଖିବାକୁ ମିଳିଛି । ତେବେ ଜୟପୁର ପୌରାଂଚଳରେ ତଥା ଜୟପୁର ଭଳି ଏକ ସହରରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଯାହା କି ଏବେ ବୁଦ୍ଧିଜୀବୀ ମହଲରେ ଏବଂ ସାଧାରଣ ମହଲରେ ଏକ ଚର୍ଚ୍ଚା ବିଷୟ ପାଲଟିଛି । ତେବେ ପୌର ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ଏହି ଦମ୍ପତିଙ୍କ ଉପରେ ତାହା ଏବେ ଦେଖିବାକୁ ବାକି ରହିଲା ।

ଶହୀଦ୍‌ଙ୍କ ସ୍ମୃତିରେ ବୃକ୍ଷରୋପଣ

ଘଟଗାଁ (ହିସ) : ଆନନ୍ଦପୁର ର ବୀର ସନ୍ତାନ ଶହୀଦ ସୁଶାନ୍ତ ଖୁଂଟିଆଙ୍କ ପ୍ରଥମ ବାର୍ଷିକ ସ୍ମୃତିରେ ସହପାଠୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଦେଶ ପାଇଁ ଶହୀଦ ହୋଇଥିବା ସୁଶାନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହପାଠୀମାନେ ଆନନ୍ଦପୁର ଉପ-କାରାଗାର ସମ୍ମୁଖରୁ ଶହୀଦ ସୁଶାନ୍ତ ଖୁଂଟିଆ ଙ୍କ ପାର୍କ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ । ଏଥି ସହିତ ଘସିପୁରାସ୍ଥିତ ଏକ ଅନାଥ ଆଶ୍ରମରେ ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରାଯାଇଥିଲା । ପରେ ବୈତରଣୀ ବ୍ୟାରେଜ ନିକଟସ୍ଥ ପାର୍କ ନିକଟରେ ପଥଚାରମାନଙ୍କ ନିମନ୍ତେ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶୁତୋଷ ରଣା, ଗୋବିନ୍ଦ ରଣା, ଗୁଗୁନି ବେହେରା, ବିଂଟୁ ବେହେରା, ସିପ୍ଲୁ ସାହୁ, ଶଙ୍କର ଧଡ଼ା, ଆଶିଷ ପାତ୍ର, ତାପସ ପାତ୍ର, ମାନସ ରାମ, ଅନିମେଶ ସିହ୍ନା, ସିପୁନ୍ ରାମ, ଲିପ୍ଲୁ ଖୁଂଟିଆ ଙ୍କ ସହ ବହୁ ସହପାଠୀ ସହଯୋଗ କରିଥିଲେ ।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନପାଇଲେ ବିସ୍ମୟ ବାଳକ ଜି.ପୋଖରାଜ

କନ୍ଧମାଳ : କନ୍ଧମାଳ ଜିଲା ବାଲିଗୁଡା ନୂଆସାହିରେ ରହୁଥିବା ୩ ବର୍ଷ ବୟସର ବିସ୍ମୟ ବାଳକ ଜି.ପୋଖରାଜ ପ୍ରସାଦ ପାଢୀ ଏବେ ତିନିବର୍ଷ ବ

ପୂର୍ବଶତ୍ରୁତାରୁ ବ୍ଲେଡ୍ ମାଡ଼; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର (ପିପିଏସ୍): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବ୍ଲେଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କପିଳପ୍ରସାଦର ଇଲ ଓରଫ୍ ପ୍ରଭାତ କୁମାର ବେହେରା (୪୮)। ପୁଲିସ ସୂଚନା ଅନୁସାରେ, ବିଜୟ ଭୋଇ ଏବଂ ପ୍ରଭାତ ମଧ୍ୟରେ କୌଣସି ଏକ କାରଣକୁ ନେଇ ପୂର୍ବରୁ ବିବାଦ ଲାଗିରହିଥିଲା। ରବିବାର ଦିନ ପ୍ରାୟ ସା ?େ ୧୧ ଟା ବେଳକୁ ବିଜୟ ବେହେରା ସାହି ଛକରେ ଛିଡ଼ା ହୋଇଥିବା ବେଳେ ପ୍ରଭାତ ସେଠାକୁ ଯାଇ ତାଙ୍କ ସହିତ ଝଗଡ଼ା କରିଥିଲା। ପ୍ରଭାତ ହଠାତ ହାତରେ ଧରିଥିବା ଏକ ତୀକ୍ଷ୍ଣ ବ୍ଲେଡ୍ ସାହାଯ୍ୟରେ ବିଜୟଙ୍କୁ ଆକ୍ରମଣ କରିଥିଲା। ଏହି ମରଣାନ୍ତକ ଆକ୍ରମଣ ଫଳରେ ବିଜୟଙ୍କ ଗାଲ, ପେଟ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରେ ପ୍ରଭାତ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ବିଜୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସୋମବାର ପ୍ରଭାତକୁ ତା' ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

ଝିଅକୁ ଆକ୍ରମଣ କରି ବାପା ଗିରଫ

ଭୁବନେଶ୍ୱର (ପିପିଏସ୍): ଝିଅକୁ ଆକ୍ରମଣ କରିଥିବା ଅଭିଯୋଗରେ ବାପାକୁ ଗିରଫ କରି କୋର୍ଟଚାଲାଣ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନାଗେଶ୍ ?ର ଟାଙ୍ଗୀର କାଳନ୍ଦୀ ସାମଲ (୪୩)। ପୁଲିସ ସୂଚନା ଅନୁସାରେ, କାଳନ୍ଦୀ ତାର ଦୁଇ ଝିଅ ଓ ମାଆ ସହିତ ନାଗେଶ୍ ?ର ଟାଙ୍ଗୀ ଅଞ୍ଚଳରେ ରହୁଛି। ରବିବାର ସନ୍ଧ୍ୟାରେ ବଡ଼ ଝିଅ ଅନୁସୟା ସାମଲ ଘରେ ବାସନ ମାଜୁଥିବା ବେଳେ କାଳନ୍ଦୀ ହଠାତ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମା ? ମାରିଥିଲା। ନିକଟରେ ଉପସ୍ଥିତ ଥିବା ତାଙ୍କ ସାନ ଭଉଣୀ ବିରୋଧ କରିବାରୁ କାଳନ୍ଦୀ ପାଖରେ ଥିବା ଏକ ଶାବଳ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହା ଦେଖି ଜେଜେମା ଦୁଇ ଭଉଣୀଙ୍କୁ ବଞ୍ଚାଇବା ଲାଗି ସେଠାକୁ ଆସିଥିବା ବେଳେ କାଳନ୍ଦୀ ତାଙ୍କୁ ମଧ୍ୟ ଶାବଳ ଓ ପଥର ସାହାଯ୍ୟରେ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଯୋଗୁଁ କାଳନ୍ଦୀର ସାନ ଝିଅ ଓ ମାଆ ଗୁରୁତର ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ପିସିଆର୍ ପହଞ୍ଚିବା ସହିତ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଅନୁସୟା ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଳନ୍ଦୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ନିସ୍‌ରେ ନବାଗତ +୩ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଭୁବନେଶ୍ୱର (ପିପିଏସ୍): ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫରମେସନ୍ ସାଇନ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ନବାଗତ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ଶିକ୍ଷା ଗ୍ରହଣ କରିବା ସହ ସମାନ୍ତରାଳ ଭାବେ ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତି କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ କହିଥିଲେ। ସହ ପ୍ରତିଷ୍ଠାତା ପ୍ରଫେସର୍ ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡଃ ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡଃ ଅଜିତ୍ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ୍ ଦାସ, ଜଏଣ୍ଟ ରେଜିଷ୍ଟ୍ରାର ଡଃ ଭବାନୀ ଶଙ୍କର ରଥ, ଉପାଧ୍ୟକ୍ଷ ଡଃ ଶିବବ୍ରତ ସାହୁ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶ ବିଷୟରେ ଅବଗତ କରିବା ସହ ପାଠ ପଢ଼ିବାକୁ ଶ୍ରେଷ୍ଠ ବ୍ରତ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।

ସମସ୍ତ ଯୋଜନାରେ ଲାଭାନ୍ୱିତ ହେବାକୁ ଇଏସ୍‌ଆଇ ଲାଭାର୍ଥୀଙ୍କୁ ପରାମର୍ଶ

ଭୁବନେଶ୍ୱର (ପିପିଏସ୍): କେନ୍ଦ୍ରସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ ପକ୍ଷରୁ କନଭର୍ଜେନ୍ସ କର୍ମଶାଳା ସୋମବାର ଇଏସ୍‌ଆଇ ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ହିତାଧିକାରୀଙ୍କୁ ଇଏସ୍‌ଆଇ ପକ୍ଷରୁ ଦିଆଯାଉଥିବା ସମସ୍ତ ଯୋଜନାର ଲାଭ କିପରି ଉଠାଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଲଭାର୍ଥୀମାନେ ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ଆର୍ଥିକ ସହାୟତା ପର୍ଯ୍ୟନ୍ତ ସବୁ ପ୍ରକାରର ସୁବିଧା ପାଇବେ। ସେହିପରି ଇଏସ୍‌ଆଇସି ସହ ଆଧାର ନମ୍ବର ଯୋଡ଼ିବା ସମ୍ପ୍ରତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆଧାର ନମ୍ବର ଅପଡେଟ୍ ପରେ ହିତାଧିକାରୀମାନେ ପାଇବାକୁ ଥିବା ଅଧିକ ସୁବିଧା ସୁଯୋଗ ସମ୍ପର୍କରେ ଅତିଥିମାନେ ଅବଗତ କରିଥିଲେ। ଏଏଏ+ ଆପ୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟ କରିବା ସମ୍ପର୍କରେ ମଧ୍ୟ ସଚେତନ କରିଥିଲେ। କର୍ମଚାରୀ ରାଜ୍ୟ ବୀମା ବା ଇଏସ୍‌ଆଇ ବିଶ୍ୱର ସର୍ବୋତ୍ତମ ସ୍ୱାସ୍ଥ୍ୟ ବୀମା ଏବଂ ସମସ୍ତ ଉପଭୋକ୍ତା ଓ ସେମାନଙ୍କ ପରିବାରବର୍ଗ ଏହାର ଫାଇଦା ନେବାକୁ ଇଏସ୍‌ଆଇ ଆଞ୍ଚଳିକ ନିର୍ଦ୍ଦେଶକ ସୁକାନ୍ତ ଚନ୍ଦ୍ର ଦାସ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

୧୨ ନମ୍ବର ୱାର୍ଡରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିପିଏସ୍): ଭୁବନେଶ୍ୱର ମହାନଗର ନିଗମର ୧୨ ନମ୍ବର ୱାର୍ଡରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ପ୍ରେସ୍ ଛକ କାଳୀ ମନ୍ଦିରଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ରାମ୍ ଧୁନ୍ ଓ ଦେଶାତ୍ମବୋଧ ନାରାରେ କଲୋନୀ ପରିକ୍ରମା କରି ୱାର୍ଡ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲା। ସେଠାରେ ସମରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ, ବିଶିଷ୍ଟ ଅତିଥି ଭାବେ ଉତ୍ତର ଜୋନ୍‌ର ଡେପୁଟି କମିସନର ଶଶୀଭୂଷଣ ମହାପାତ୍ର, ପ୍ରିୟଦର୍ଶନୀ ଜେନା, ସମ୍ମାନିତ ଅତିଥି ଭାବେ ୱାର୍ଡ ଅଧିକାରୀ ରବିନାରାୟଣ ମିଶ୍ର, ସିଇଓ ସିପ୍ରାରାଣୀ ସାମନ୍ତରାୟ, ସାନିଟାରୀ ଇନ୍ସପେକ୍ଟର ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେଶପ୍ରେମ ଉପରେ ଆଧାରିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ୱାର୍ଡର ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମାଜସେବୀ ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

ଆଇଇଇଏମ୍‌ଏ ପକ୍ଷରୁ ଓଡ଼ିଶା ପାୱାର କନ୍‌କ୍ଲେଭ୍

ଭୁବନେଶ୍ୱର (ପିପିଏସ୍): ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫାକ୍‌ଚରର୍ସ ଆସୋସିଏସନ୍ (ଆଇଇଇଏମ୍‌ଏ) ପକ୍ଷରୁ ଓଡ଼ିଶା ପାୱାର କନ୍‌କ୍ଲେଭ୍‌ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ୍ ହାଇଡ୍ରୋଜେନ୍ ଓ ଆମୋନିଆ ଉତ୍ପାଦନ ସହ ପମ୍ପେଡ୍ ଷ୍ଟୋରେଜ୍ ପ୍ଲାଟ୍ ମାଧ୍ୟମରେ ଶକ୍ତି ସଂରକ୍ଷଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସୌର ଓ ପବନ ଶକ୍ତିର ଉପଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ସହ ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ ହବ୍‌ରେ ପରିଣତ କରିବାକୁ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲା। ରାଜ୍ୟରେ ଅକ୍ଷୟ ଶକ୍ତିର କ୍ଷମତା ୨୦୩୦ ସୁଦ୍ଧା ୧୦ହଜାର ମେଗାୱାଟ୍ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଅକ୍ଷୟ ଶକ୍ତି କ୍ଷେତ୍ରର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏହାର ସର୍ବୋତ୍ତମ ଉଦାହରଣ। ରାଜ୍ୟରେ ଶକ୍ତି କ୍ଷେତ୍ରର ସମ୍ପ୍ରସାରଣ ଏବଂ ସମ୍ଭାବନା ସୁଯୋଗ ସୃଷ୍ଟି ହୋଇପାରିବ। ଶିଳ୍ପ ସଂସ୍ଥାଗୁଡ଼ିକ ରାଜ୍ୟରେ ଭିତ୍ତିଭୂମି ସ୍ଥାପନ କରି ଶକ୍ତି କ୍ଷେତ୍ରର ଆଗକୁ ବଢ଼ାଇପାରିବା ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ପୂର୍ବ ଓ ଉତ୍ତର ପୂର୍ବାଞ୍ଚଳର ପ୍ରବେଶ ଦ୍ୱାର ଓଡ଼ିଶାକୁ ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ ଉପକରଣ ଶିଳ୍ପ ପାଇଁ ବିପୁଳ ସୁଯୋଗ ପ୍ରଦାନ କରୁଥିବା କହିଛନ୍ତି।

ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଅନ୍ଧାରରେ ପଥଚାରୀ

ଭୁବନେଶ୍ୱର (ପିପିଏସ୍): ମାସକ ତଳେ ଧଉଳି ଟ୍ରାଫିକ୍ ଛକରୁ ଉତ୍ତରା ଟ୍ରାଫିକ ଛକ ପର୍ଯ୍ୟନ୍ତ ଆଲୋକୀକରଣ ନିମନ୍ତେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। କିନ୍ତୁ ରାସ୍ତାରେ ଆଲୁଅ ଜଳିଲା ନାହିଁ। ଫଳରେ ରାସ୍ତା ଯେଉଁ ଅନ୍ଧାରକୁ ସେଇ ଅନ୍ଧାରରେ ରହିଛି। ପ୍ରକାଶ ଥାଉକି ଗତ ୨ ବର୍ଷ ତଳେ ପୁରୀ-ଭୁବନେଶ୍ୱର ବାଇପାସ୍ ରାସ୍ତା ରସୁଲଗଡ଼ଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ଆଲୋକୀକରଣ କରାଯାଇଥିଲା। କିନ୍ତୁ ଧଉଳି ଛକ ଠାରୁ ଉତ୍ତରା ଛକ ପର୍ଯ୍ୟନ୍ତ ଅନ୍ଧାର ରହିଥିଲା। ଫଳରେ ଯାନବାହନ ଚଳାଚଳରେ ବହୁ ଅସୁବିଧା ହେଉଥିଲା। ଗାଈଗୋରୁ ରାସ୍ତା ଉପରେ ଶୋଇଥିବାବେଳେ ଅନ୍ଧାର ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ଲୁଟ୍, ଛିନ୍‌ତାଇ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟାଉଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ କମିସନରେଟ ପୁଲିସ ତତ୍ପରତା ପ୍ରକାଶ କରି ଜାତୀୟ ରାଜପଥ ପ୍ରାଧିକରଣ ସହ ଆଲୋଚନା କରି ଏହି ରାସ୍ତା ଆଲୋକୀକରଣ କରିବା ପାଇଁ କହିଥିଲେ। ପରେ ରାଜପଥ ସଂସ୍ଥା ଏହାକୁ କାର୍ଯ୍ୟକାରୀ କରାଇବାକୁ ଯାଇ ଗତ ଜୁନ ୨୦ରେ ଏହି ରାସ୍ତାରେ ୪୦ରୁ ୫୦ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। କିନ୍ତୁ ସେଥିମଧ୍ୟରୁ ବେଳେ ବେଳେ ମାତ୍ର ୧୦ରୁ ୧୫ଟି ଜଳୁଥିବା ବେଳେ ଅଧିକାଂଶ ଲାଇଟ ଆଦୌ ଜଳୁନାହିଁ। ଏପଟେ ସମ୍ପୃକ୍ତ ଠିକାଦାର ଷ୍ଟ୍ରିଟ ଲାଇଟ ଲଗାଇ ବିଲ୍ ନେଇ ବସିପଡ଼ିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଏହି ଲାଇଟଗୁଡ଼ିକ କାର୍ଯ୍ୟକ୍ଷମ କରାଇବକୁ ସାଧାରଣରେ ଦାବି ହୋଇଛି।

ନିଶାମୁକ୍ତ ପାଇଁ ବିଦ୍ୟାର୍ଥୀଙ୍କ ଶପଥ ପାଠ

ଭୁବନେଶ୍ୱର (ପିପିଏସ୍): ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭାରତ ସରକାର ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଉଦ୍ୟମରେ 'ନିଶା ମୁକ୍ତ' ଭାରତ ନିମନ୍ତେ କପିଳ ପ୍ରସାଦ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶପଥ ପାଠ କରାଯାଇଥିଲା। ଏହାକୁ ଜନ ମାନସରେ ପ୍ରତିଫଳନ କରିବା ପାଇଁ ବରିଷ୍ଠ ସାମ୍ବାଦିକ ବିଜୟ ମିଶ୍ର, ଓଡ଼ିଶା ନିଶା ନିବାରଣ (ମୋନା) ଓ ସେବା ପ୍ରତିନିଧିର ନିଶା ମୁକ୍ତ ଓଡ଼ିଶାର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଧରାପଡ଼ିଲା ନାବାଳିକାଦୁଷ୍କର୍ମକାରୀ

ଭୁବନେଶ୍ୱର (ପିପିଏସ୍): ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିବା ପରେ ପୁଲିସ ହାତରେ ଧରାପଡ଼ିଥିଲା। ଥାନାର ହାଜତ ପାଖରେ ବସିଥିବା ବେଳେ ପାଣି ମାଗିବା ବାହାନାରେ ଚମ୍ପଟ ମାରିଥିଲା। ଥାନାରୁ ଚମ୍ପଟ ମାରିବାର ବର୍ଷକ ପରେ ଅଭିଯୁକ୍ତକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁନ୍ଦରପଦାର କାର୍ତ୍ତିକ ବେହେରା (୨୩)। ପୁଲିସ ସୂଚନା ଅନୁସାରେ, ପୁରୁଣା ଭୁବନେଶ୍ୱରରେ ପରିବାର ସହିତ ରହୁଥିବା ଜଣେ ନାବାଳିକା ନିକଟସ୍ଥ ସ୍କୁଲରେ ପାଠ ପଢୁଥିବା ବେଳେ କାର୍ତ୍ତିକ ସହିତ ତାଙ୍କର ବନ୍ଧୁତା ହୋଇଥିଲା। ଗତବର୍ଷ ଅଗଷ୍ଟ ୧୦ ତାରିଖ ଦିନ ନାବଳିକା ସ୍କୁଲ ଯାଇଥିବା ବେଳେ କାର୍ତ୍ତିକ ତାଙ୍କୁ ସ୍କୁଲ ନିକଟରୁ ଅପହରଣ କରି ନେଇ ସୁନ୍ଦରପଦାସ୍ଥିତ ନିଜ ଘରେ ରଖିଥିଲା। ସେଠାରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୋଧରେ ତାଙ୍କ ସହିତ ଏକାଧିକ ବାର ଶାରୀରିକ ସମ୍ପର୍କ ରଖିଥିଲା। ଏନେଇ ନାବାଳିକାଙ୍କ ପିଉସୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସେହି ମାସ ୧୭ ତାରିଖ ଦିନ ସୁନ୍ଦରପଦାସ୍ଥିତ ଘରେ ଚଢ଼ଉ କରି କାର୍ତ୍ତିକକୁ କାବୁ କରିବା ସହିତ ତା' ହେପାଜତରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା ପୁଲିସ। ତା' ପରଦିନ ଅର୍ଥାତ ଗତ ୧୮ ତାରିଖ ଦିନ କାର୍ତ୍ତିକ ଥାନା ହାଜତ ବାହାରେ ବସିଥିଲା। ଏହି ସମୟରେ ସେ ଥାନାର ଜଣେ କନେଷ୍ଟବଳଙ୍କୁ ପାଣି ପିଇବା ପାଇଁ ମାଗିଥିଲା। କନେଷ୍ଟବଳ ଜଣକ ପାଣି ଆଣିବା ଲାଗି ଯାଇଥିବା ବେଳେ କାର୍ତ୍ତିକ ସୁଯୋଗ ଉଣ୍ଡି ଥାନାରୁ ଖସି ପଳାଇ ଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଏସ୍‌ଆଇ ସଦାନନ୍ଦ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ କେସ ନମ୍ବର - ୨୪୩ ରେ ଦଫା ୨୨୪ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। କାର୍ତ୍ତିକକୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଫଳ ହୋଇଥିଲା ପୁଲିସ। ସେ ଫେରାର ହୋଇ ଓ ?ିଶା ବାହାରକୁ ଚାଲିଯାଇଥିଲା। ସେ ଘରକୁ ଆସିଥିବା ଖବରପାଇ ପୁଲିସ ଚଢ଼ଉ କରିବା ସହିତ କାର୍ତ୍ତିକକୁ ଗିରଫ କରିଥିଲା। କାର୍ତ୍ତିକ ଶ୍ରମିକ ଶ୍ରେଣୀର ହୋଇଥିବାରୁ ସେ ଥାନାରୁ ଖସିଯିବା ପରେ ତାମିଲନାଡୁ ଯାଇ ସେଠାରେ କାମ କରୁଥିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା।

ପାର୍କରେ ଲାଗିଲା ୪୫ କୃତ୍ରିମ ପକ୍ଷୀବସା

ଭୁବନେଶ୍ୱର (ପିପିଏସ୍): ଫନ ଆଣ୍ଡ ଫିଟନେସ୍ ୱାର୍କସ୍ କ୍ଲବ୍ ଓ ଅଙ୍କର ଫାଉଣ୍ଡେସନ୍ ମିଳିତ ଆନୁକୂଲ୍ୟରେ 'ପକ୍ଷୀ ପାଇଁ ବସା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯୁଧିଷ୍ଠିର ଦାସ ପାର୍କ ପରିସରରେ ପାଳନ ହୋଇଥିଲା। ପାର୍କ ଭିତରେ ଥିବା ସମସ୍ତ ବୃକ୍ଷରେ କୁତ୍ରିମବାବେ ନିର୍ମିତ ୪୫ଟି ପକ୍ଷୀ ବସା ସ୍ଥାପନ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏବଂ ସମସ୍ତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରେରଣା ପାଇଁ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ବନସଂରକ୍ଷକ ଶୈଳେନ୍ଦ୍ର କୁମାର ପଣ୍ଡା, ସୁଧୀର ମିଶ୍ର, ଅନିହିତା ଦାସ, ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ ଏବଂ ଅଙ୍କୁର ଫାଉଣ୍ଡେସନ ନିର୍ଦ୍ଦେଶିକା ଚିନ୍ମୟୀ ପଣ୍ଡା ପ୍ରକାଶ କରିଥିଲେ। ଏଫ୍‌ଏଫ୍‌ସିର କୋଷାଧ୍ୟକ୍ଷ ପ୍ରଦୀପ ରାଉତ, ସୁରେନ୍ଦ୍ର ନାଥ ସେଠୀ, ଉପଦେଷ୍ଟା ନିକୁଞ୍ଜ ଛୋଟରାୟ, ପୂର୍ବତନ ସଭାପତି କେଦାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ତଳକୁ ଖସିଲା ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର (ପିପିଏସ୍): ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ତଳକୁ ତଳକୁ ଖସୁଛି ରାଜ୍ୟର ପ୍ରଥମ ଓ ସର୍ବପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟ। ଦେଶର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ତାଲିକାରେ ଏହାର ନାଁ ନାହିଁ। ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବର୍ଗରେ ୨୦୨୨ ମସିହାରେ ୮୮ତମ ସ୍ଥାନରେ ରହିଥିଲା। ୨୦୨୩ ମସିହାରେ ଆଉ ୫ଟି ସ୍ଥାନ ତଳକୁ ଖସି ୯୩ରେ ପହଞ୍ଚିଥିଲା। ସୋମବାର ପ୍ରକାଶିତ ରାଙ୍କିଙ୍ଗ୍‌ରେ ଏହି ଐତିହପ

ପେଟା ଓ ଫୁଜିଆ
ପ୍ରଜାତନ୍ତ୍ର
କଟକ ୧୪-୮-୨୦୨୪ ପୃଷ୍ଠା:୧୦

ଗୁପ୍‌ଚୁପ୍ ବିକାଳିଙ୍କୁ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ

ନୂଆଦିଲ୍ଲୀ, (ଏଜେନ୍ସି):

୭୮ତମ ସାଧୀନତା ଦିବସ ପୂର୍ବରୁ ଜଣେ ୫୦ ବର୍ଷୀୟ ଗୁପଚୁପ ବିକ୍ରେତାଙ୍କୁ ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଆଟ୍ ହୋମ୍ ନିମନ୍ତ୍ରଣ ମିଳିଥିଲା । ସେ ହେଉଛନ୍ତି ମେଘବର୍ତ୍ତ ଚିରଞ୍ଜୀବୀ । ସୋମବାର ସେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି ।

କିଛି ସପ୍ତାହ ତଳେ ଯେତେବେଳେ ଚିରଞ୍ଜୀବୀଙ୍କୁ ଡକାଯାଇଥିଲା, ସେତେବେଳେ ସେ ଏହା ଏକ ମଜାଳିଆ କଲ୍ ବୋଲି ଭାବିଥିଲେ, ତେଣୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ସେ କହିଛନ୍ତି, ଅଗଷ୍ଟ ୧ ତାରିଖରେ ଡାକ ବିଭାଗର ଅଧିକାରୀମାନେ ବ୍ୟକ୍ତିଗତ ଭାବେ ତାଙ୍କୁ ନିମନ୍ତ୍ରଣ ଦେବା ପରେ ସେ ସବୁଠାରୁ ଅଧିକ ସମ୍ମାନିତ ଅନୁଭବ କରିଥିଲେ । ମୁଁ ପ୍ରଥମେ ନର୍ଭସ୍ ଥିଲି, କାରଣ ମୁଁ ପ୍ରୋଟୋକଲ୍ ବିଷୟରେ ଜାଣିନଥିଲି ଏବଂ ସେଠାରେ

ସାଧୀନତା ଦିବସ ଉତ୍ସବରେ ଯୋଗଦେବେ

ଭାଷା ଏବଂ ରୀତିନୀତି ବିଷୟରେ ବହୁତ କମ୍ ଜାଣିଥିଲି । କିନ୍ତୁ ମୋ ପତ୍ନୀ ଏବଂ ପରିବାର ଲୋକେ ମୋତେ ଶାନ୍ତ କରିଥିଲେ ବୋଲି ସେ ନମ୍ରତାର ସହ କୁହନ୍ତି । ଗତ ୧୫ ବର୍ଷ ଧରି ଚିରଞ୍ଜୀବୀ ତେନାଲିରେ ଗୁପଚୁପ ଦୋକାନ ଚଳାଉଛନ୍ତି ଏବଂ ଏହି ବ୍ୟବସାୟ ଆରମ୍ଭ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ସନିଧି ଯୋଜନାରେ ୧୦ ହଜାର, ୨୦ହଜାର ଏବଂ ୫୦ ହଜାର ଟଙ୍କା ଋଣ ନେଇଥିଲେ । ତେବେ ସେ ତୁରନ୍ତ ତାଙ୍କର ସମସ୍ତ ଋଣ ପରିଶୋଧ କରିବା ସହ ଡିଜିଟାଲ ପେମେଣ୍ଟକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ମୁଖ୍ୟତଃ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କୁ ଏଭଳି ନିମନ୍ତ୍ରଣ ପତ୍ର ପଠାଯାଉଛି, କିନ୍ତୁ ଡାକ୍ତର, କୃଷିବିତ୍, ଶିକ୍ଷକ, ଶକ୍ତି ସଂରକ୍ଷକ, ଆୟୁଷ ଚିକିତ୍ସକ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସନିଧି, ବିଶ୍ୱକର୍ମା ଓ ଉଜ୍ଜ୍ୱଳା ଯୋଜନା ଭଳି ସରକାରୀ ଯୋଜନାର ହିତାଧିକାରୀଙ୍କ ସମେତ ସାଧାରଣ ନାଗରିକଙ୍କ ପାଇଁ ଏହା ପ୍ରଥମ । ଚିରଞ୍ଜୀବୀ ଆହୁରି କହିଛନ୍ତି, "ମୁଁ ବିଶ୍ୱାସ କରିପାରୁନାହିଁ ଯେ ମୁଁ ବ୍ୟକ୍ତିଗତ ଭାବେ ସାଧୀନତା ଦିବସ ଉତ୍ସବରେ ଯୋଗ ଦେବି, ଯାହା ମୁଁ କେବଳ ରେଡିଓ କମେଣ୍ଟ୍ରି ଏବଂ ଟିଭି ମାଧ୍ୟମରେ ଅନୁଭବ କରିଛି । ଜୀବନରେ ଥରେ ଏହି ସୁଯୋଗ ମିଳିଥିବାରୁ ସେ ରାଷ୍ଟ୍ରପତି ଓ ରାଷ୍ଟ୍ରପତି ଭବନକୁ ଅତ୍ୟନ୍ତ ଧନ୍ୟବାଦ ଜଣାଉଛି ।

ବିଭ୍ରାନ୍ତକାରୀ ବିଜ୍ଞାପନ ମାମଲା
କ୍ଷମା ପ୍ରାର୍ଥନା ଗ୍ରହଣ କରି ମାନହାନୀ ମାମଲାକୁ ବନ୍ଦକଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଗତ କିଛି ଦିନ ହେବ ପତଞ୍ଜଳି କମ୍ପାନିର ବିଭ୍ରାନ୍ତକାର ବିଜ୍ଞାପନକୁ ନେଇ ବିବାଦ ଲାଗି ରହିଥିଲା । ଏବେ ଏହି ମାମଲାରେ ଯୋଗ ଗୁରୁ ବାବା ରାମଦେବ ଏବଂ ପରିଚାଳନା ନିର୍ଦ୍ଦେଶକ ତଥା ଯୋଗ ଗୁରୁ ରାମଦେବଙ୍କ ସହଯୋଗୀ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ସୁପ୍ରିମକୋର୍ଟଙ୍କ-ଠାରୁ ଆଶ୍ୱସ୍ତି ମିଳିଛି । ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ବିରୋଧରେ ଆବେଦନ କରାଯାଇଥିବା ମାନହାନୀ ମାମଲାକୁ ଆଜି ସୁପ୍ରିମକୋର୍ଟ ବନ୍ଦ କରିଛନ୍ତି । ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ସୁପ୍ରିମକୋର୍ଟ ଉଭୟଙ୍କ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରି ମାମଲା ବନ୍ଦ କରିଥିବା ଜଣାପଡ଼ିଛି । ଲୋକଙ୍କୁ ଭୁଆଁ ବୁଲେଇବା ପରି ବିଜ୍ଞାପନକୁ ନେଇ ସୁପ୍ରିମକୋର୍ଟ ନୋଟିସ ପଠାଇବା ପରେ ଉଭୟ ବାବା ରାମଦେବ ଓ ଆଚାର୍ଯ୍ୟ ବାଲକ୍ରିଷ୍ଣା କ୍ଷମା ପ୍ରାର୍ଥନା କରିଥିଲେ । ଏହା ଉପରେ ଶୁଣାଣି କରି କୋର୍ଟ ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ଦୁହିଁଙ୍କ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରି ମାମଲା ବନ୍ଦ କରିଥିବା ନେଇ ରାୟ ଶୁଣାଇଛନ୍ତି । ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମଏ), ପତଞ୍ଜଳି ଉପରେ କୋଭିଡ-୧୯ ଟୀକାକରଣକୁ ନେଇ ଏକ ଅଭିଯାନ ଚଳାଇଥିବାର ଆରୋପ ଲଗାଇଥିଲା । ଭାରତୀୟ ମେଡିକାଲ୍ ଆସୋସିଏସନ୍ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ କୁହାଯାଇଥିଲା ଯେ ପତଞ୍ଜଳିର ବିଭ୍ରାନ୍ତିକର ବିଜ୍ଞାପନ ହେତୁ ଏଲୋପାଥ୍ ଔଷଧ ଅବହେଳିତ ହେଉଛି । ଏହା ଉପରେ କୋର୍ଟ ଚେତାବନୀ ଦେଇଥିଲେ ଯେ ପତଞ୍ଜଳି ଆୟୁର୍ବେଦ ମିଥ୍ୟା ଏବଂ ବିଭ୍ରାନ୍ତିକର ବିଜ୍ଞାପନ ତୁରନ୍ତ ବନ୍ଦ କରୁ ।

ଆଶାରାମଙ୍କୁ ମିଳିଲା ୭ ଦିନର ପାରୋଲ

ଯୋଧପୁର: ଯୌନ ନିର୍ଯାତନା ଅଭିଯୋଗରେ ଯୋଧପୁର ସେଣ୍ଟ୍ରାଲ ଜେଲରେ ଦଣ୍ଡ ଭୋଗୁଥିବା ବିବାଦୀୟ ଧର୍ମଗୁରୁ ଆଶାରାମଙ୍କୁ କୋର୍ଟ ୭ ଦିନିଆ ପାରୋଲ ପ୍ରଦାନ କରିଛନ୍ତି । ରାଜସ୍ଥାନ ହାଇକୋର୍ଟ ଆଶାରାମଙ୍କୁ ଚିକିତ୍ସା ପାଇଁ ପାରୋଲ ପ୍ରଦାନ କରିଛନ୍ତି । ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ ପାରୋଲ ମିଳିଛି । ପୁଲିସ ହେପାଜତରେ ଚିକିତ୍ସା ପାଇଁ ଆଶାରାମ ମହାରାଷ୍ଟ୍ର ଯିବେ । ଆଶାରାମଙ୍କ ମହାରାଷ୍ଟ୍ରରେ ଚିକିତ୍ସା କରାଯିବ । ହାଇକୋର୍ଟର ବିଚାରପତି ଡକ୍ଟର ପୁଷ୍ପେନ୍ଦ୍ର ସିଂ ଭାଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନ୍ତରୀଣ ପାରୋଲକୁ ଅନୁମୋଦନ କରିଛନ୍ତି । ଯୋଧପୁର ସେଣ୍ଟ୍ରାଲ ଜେଲରେ ପୁଣି ଥରେ ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଆଶାରାମଙ୍କୁ ଯୋଧପୁର ଏମ୍ସରେ ଭର୍ତ୍ତି କରାଯାଇଥିଲା । ସେଠାରେ ଆଶାରାମଙ୍କ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଖବର ମିଳିବା ମାତ୍ରେ ତାଙ୍କ ସମର୍ଥକମାନେ ହସ୍ପିଟାଲ ଚାରିପାଖରେ ଏକତ୍ରିତ ହେବା ପରେ ସେଠାରେ ବହୁ ସଂଖ୍ୟାରେ ପୁଲିସ ମୁତୟନ କରାଯାଇଥିଲା । ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଆଶାରାମଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଏହାପରେ ତାଙ୍କୁ ସଙ୍ଗେ ସଙ୍ଗେ ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଆବଶ୍ୟକ ଡାକ୍ତରୀ ପରୀକ୍ଷା କରାଯିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏପ୍ରିଲ ମାସରେ ପୁଣେର ମାଧବବାଗ ହସ୍ପିଟାଲର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଯୋଧପୁରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଆୟୁର୍ବେଦିକ ପଦ୍ଧତିରେ ହୃଦରୋଗ ଚିକିତ୍ସା କରାଯାଇଥିଲା ।

ରାଜସ୍ଥାନରେ ପ୍ରବଳ ବର୍ଷା

ଜୟପୁର, (ଏଜେନ୍ସି):

ରାଜସ୍ଥାନରେ ଶନିବାରଠାରୁ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାଜନିତ ଘଟଣାରେ ୨୦ ଜଣଙ୍କର ପ୍ରାଣହାନି ଘଟିଛି । ବର୍ଷା ଯୋଗୁଁ ଜୟପୁର, କରାଉଲି, ସଓନ୍ୱାଇ ମାଧୋପୁର ଏବଂ ଦୌସା ଭଳି ଜିଲାର ଅଧିକାଂଶ ସ୍ଥାନ ଜଳମଗ୍ନ ହୋଇପଡିଛି । ଏହି ପରିପ୍ରେକ୍ଷୀରେ ଏହି ଜିଲାଗୁଡିକରେ ସୋମବାର ସବୁ ସ୍କୁଲକୁ ବନ୍ଦ ଘୋଷଣା କରାଯାଇଛି । ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ କାର୍ଯ୍ୟାଳୟ (ଆଇଏମଡି) ପକ୍ଷରୁ ସତର୍କତା ଜାରି କରାଯାଇଛି । ବର୍ଷା ଯୋଗୁଁ ଜୟପୁର ନିକଟସ୍ଥ କାନୋଟା ଡ୍ୟାମରେ ବୁଡି ଯାଇ ୫ ଜଣ ଯୁବକ ପ୍ରାଣ ହରାଇଛନ୍ତି । ଭରତପୁର ଜିଲାର ଶ୍ରୀନଗର ଗ୍ରାମରେ ବାଣଗଙ୍ଗା ନଦୀରେ ବୁଡି ୭ ଜଣ ବାଳକଙ୍କର ମୃତ୍ୟୁ ଘଟିଛି । ଜୟପୁର ଗ୍ରାମାଞ୍ଚଳରେ ମାଶି ନଦୀରେ ଏକ ବାଇକ୍ ଭାସିଯିବାରୁ ୨ ଜଣ ଆରୋହୀ ପ୍ରାଣ ହରାଇଛନ୍ତି । ଡୁଡୁ ସହରରେ ଦୁଇ ଜଣ ବ୍ୟକ୍ତି ନାଳରେ ପଡିଯାଇ ପ୍ରାଣ ହରାଇଥିବାବେଳେ ବିଓ୍ୱାର ଗ୍ରାମରେ

୨୦ ମୃତ, ସ୍କୁଲ ଛୁଟି

ପୋଖରୀରେ ଗାଧୋଉଥିବାବେଳେ ୨ ଜଣ ବୁଡିଯାଇଛନ୍ତି । କେକ୍ରିଠାରେ ଜଣେ ବ୍ୟକ୍ତି ବନ୍ୟାଜଳରେ ଭାସିଯାଇଥିବାବେଳେ କରାଉଲିରେ ଘର ଭୁଶୁଡି ବାପପୁଅ ପ୍ରାଣ ହରାଇଛନ୍ତି । ବାରାପୁରା ଗ୍ରାମରେ ଜଣେ ୧୨ ବର୍ଷର ବାଳିକା ଏବଂ ଜଣେ ନର୍ସିଂ ଛାତ୍ର ବୁଡିଯାଇ ପ୍ରାଣ ହରାଇଛନ୍ତି । ରବିବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି । ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ୩ ଜଣ ପ୍ରାଣ ହରାଇଥିବାବେଳେ ଜଣେ ନିଖୋଜ ଥିବା ଜଣାପଡିଛି । ଉନା ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଏହି ଜିଲାର ବାଥୁ ବାଥ୍ରି ଗ୍ରାମରେ ଆକସ୍ମିକ ବନ୍ୟା ଯୋଗୁଁ ଭୂସ୍ଖଳନ ଘଟିଥିବା କୁହାଯାଇଛି । ବେଲା-ବାଥ୍ରି ବାଥୁ ଶିଳ୍ପାଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାରୁ କେତେକ କାରଖାନାରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଗଡଶଙ୍କର ରୋଡରେ ଥିବା ଏକ ପେଟ୍ରୋଲ ପମ୍ପ ଭାସିଯାଇଥିବା ଜଣାପଡିଛି । ଉନା ବ୍ୟତୀତ ସିରମୌର, କିନ୍ନୋ ?ର ଜିଲାର ବିଭିନ୍ନ ସ୍ଥାନରେ ମଧ୍ୟ ଭୂସ୍ଖଳନ ଘଟିଥିବା ସୂଚନା ମିଳିଛି । ରବିବାର ରାତିରୁ ବର୍ଷା ଲାଗି ରହିଥିବାରୁ ରାଜଧାନୀ ଦିଲ୍ଲୀ ଏବଂ ଗୁରୁଗ୍ରାମ ଭଳି ସହରରେ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡିଛି । ରାସ୍ତାଘାଟରେ ପାଣି ଜମିଥିବାରୁ ଯାତାୟାତରେ ବ୍ୟାପକ ଅସୁବିଧା ପରିଲକ୍ଷିତ ହୋଇଛି । ଆଇଏମଡି ପକ୍ଷରୁ ଦିଲ୍ଲୀ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି । ଟ୍ରେନ ଓ ବିମାନସେବା ମଧ୍ୟ ପ୍ରଭାବିତ ହୋଇଛି ।

ଚୀନ୍-ପାକିସ୍ତାନର ନିଦ ହଜାଇଲା ଭାରତ

ନୂଆଦିଲ୍ଲୀ/ମସ୍କୋ :

ଭାରତ ପୁଣି ଥରେ ଏପରି କିଛି କରିଛି ଯାହା ପଡୋଶୀ ଦେଶ ଚାଇନା ଏବଂ ପାକିସ୍ତାନର ନିଦ ହଜାଇଦେଇଛି । ଗତ ବର୍ଷ ଆଣବିକ ଶକ୍ତି ସମ୍ବନ୍ଧରେ ଭାରତ ଏବଂ ରୁଷିଆ ମଧ୍ୟରେ ଏକ ଚୁକ୍ତି ସାକ୍ଷରିତ ହୋଇଥିଲା । ସମାନ ଚୁକ୍ତି ଅନୁଯାୟୀ, ଭାରତର କୁଡାନକୁଲମ ପାୱାର ପ୍ଲାଣ୍ଟରେ ପରମାଣୁ ଶକ୍ତି ଇତ୍ୟାଦି ଯୋଗାଇବା ପାଇଁ ଖୁବ ଶୀଘ୍ର ଇନ୍ଧନର ଅନ୍ୟ ଏକ ସାମଗ୍ରୀ ଆସିବାକୁ ଯାଉଛି । ରିପୋର୍ଟ ଅନୁଯାୟୀ, ଯେତେବେଳେ ଏହି ପ୍ଲାଣ୍ଟର ସମସ୍ତ ୬ଟି ୟୁନିଟ ସମାପ୍ତ ହେବ, ଏହାର କ୍ଷମତା ୬,୦୦୦ ମେଗାୱାଟ ହେବ । ଏହିପରି ଏହା ଦେଶର ବୃହତ୍ତମ ଆଣବିକ ଶକ୍ତି କେନ୍ଦ୍ର ହେବ । ବର୍ତ୍ତମାନ ୨ ଜିଡବ୍ଲ୍ୟୁ କ୍ଷମତା ବିଶିଷ୍ଟ କେବଳ ଦୁଇଟି ୟୁନିଟ ଏଠାରେ ଚାଲୁଛି । ଭାରତରେ ବର୍ତ୍ତମାନ ୭ ଜିଡବ୍ଲ୍ୟୁର ପରମାଣୁ ଶକ୍ତି କ୍ଷମତା ଅଛି, କିନ୍ତୁ ସରକାର ୨୦୨୯ ସୁଦ୍ଧା ଏହାକୁ ୧୩ ଜିଡବ୍ଲ୍ୟୁକୁ ଦୁଇଗୁଣ କରିବାକୁ ଚାହୁଁଛନ୍ତି । ଗତ ବର୍ଷ ଏହି କାରଖାନାର ନୂତନ ୟୁନିଟ ଗୁଡିକୁ ଆଣବିକ ଇନ୍ଧନ ଯୋଗାଣ ପାଇଁ ଭାରତ ଏବଂ ରୁଷିଆ ୧୦,୫୦୦ କୋଟି ଟଙ୍କା ମୂଲ୍ୟର ଚୁକ୍ତି ସାକ୍ଷର କରିଥିଲେ । ଏହି ଚୁକ୍ତି ପରେ ରୁଷିଆ ଉଭୟ ୟୁନିଟ ନିର୍ମାଣରେ ସାହାଯ୍ୟ କରୁଛି । ରୁଷିଆର ଆଣବିକ ଇନ୍ଧନ କମ୍ପାନୀ ଝଠରଖ ଝଝଉ ଏହି କାରଖାନାର ପରମାଣୁ ଶକ୍ତି ବିଭାଗକୁ ଇନ୍ଧନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବ । ଏହି ପ୍ରକଳ୍ପ ବ୍ୟତୀତ ଭାରତ ସରକାର ରୁଷିଆର ଏକ କମ୍ପାନୀ ସହ ମିଳିତ ଉଦ୍ୟୋଗ ଗଠନ ଉପରେ ମଧ୍ୟ ଧ୍ୟାନ ଦେଇଛନ୍ତି । ଏଥିପାଇଁ ଆଲୋଚନା ଚାଲିଛି । ବିଶେଷଜ୍ଞମାନେ କହିଛନ୍ତି, ଯଦି ଏହି ମିଳିତ ଉଦ୍ୟମ ଫଳପ୍ରଦ ହୁଏ ତେବେ ଏହା ଭାରତର ଆଣବିକ କ୍ଷମତାକୁ ବହୁଗୁଣିତ କରିବ ଏବଂ ଏହା ଚାଇନାକୁ ବହୁତ ବିବ୍ରତ କରିବ ।

କର୍କଟ ରୋଗରେ ବିଶ୍ୱର ୮୭% ପୁରୁଷଙ୍କର ହେବ ମୃତ୍ୟୁ: ରିପୋର୍ଟ

ନୂଆଦିଲ୍ଲୀ, (ଏଜେନ୍ସି):

ମହାମାରୀ ଭଳି କାୟା ମଲାଇଲାଣି କର୍କଟ ରୋଗ । ଦେଖିବାକୁଗଲେ ସମଗ୍ର ବିଶ୍ୱରେ ମୃତ୍ୟୁର ଏକ ପ୍ରମୁଖ କାରଣ ହେଉଛି କର୍କଟ ରୋଗ, ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଉଛନ୍ତି । ଏହା ଏପରି ଏକ ରୋଗ ଯାହାର କୌଣସି ସୀମା ନାହିଁ, ଏହା ଯେ କୌଣସି ବୟସରେ ଯେ କୌଣସି ବ୍ୟକ୍ତିଙ୍କୁ ହୋଇପାରେ । ଏହା ଏତେ ବିପଜ୍ଜନକ ରୋଗ ଯେ ଏହା ସମଗ୍ର ପରିବାରର ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିକୁ ପ୍ରଭାବିତ କରିପାରେ । ତେବେ ନିକଟରେ ହୋଇଥିବା ଏକ ଗବେଷଣାରେ ଏହାକୁ ନେଇ ଅନେକ ଚିନ୍ତା ପ୍ରକଟ ହୋଇଥିବା ବେଳେ ୨୦୫୦ ବେଳକୁ ପୁରୁଷଙ୍କ ଠାରେ କର୍କଟ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାକୁ ଯାଉଛି । ସମଗ୍ର ବିଶ୍ୱରେ ଆୟୁଷ ଯେତିକି ବୃଦ୍ଧି ପାଉଛି, ସେତିକି କ୍ୟାନସର ହେବାର ଆଶଙ୍କା ମଧ୍ୟ ବଢିବାରେ ଲାଗିଛି । ବୟସ୍କ ପୁରୁଷମାନେ ପ୍ରୋଷ୍ଟେଟ୍ ଏବଂ ଫୁସଫୁସ୍ କର୍କଟ ଭଳି କେତେକ ପ୍ରକାରକର୍କଟ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାନ୍ତି, ଯାହା କି ପୁରୁଷମାନଙ୍କର କର୍କଟ ରୋଗର ଅନ୍ୟତମ ସାଧାରଣ ରୂପ ଅଟେ । ଗବେଷକମାନେ ୧୮୫ଟି ଦେଶ ଏବଂ ଅଞ୍ଚଳର ୩୦ ପ୍ରକାର କର୍କଟ ପ୍ରକାର ଏବଂ ଜନସଂଖ୍ୟାର ତଥ୍ୟକୁ ଅନୁଧ୍ୟାନ କରି ପୁରୁଷଙ୍କ ଠାରେ କର୍କଟ ରୋଗ ଏବଂ ମୃତ୍ୟୁ ହାର ଆକଳନ କରିଥିଲେ । ଏହି ଗବେଷଣାରେ ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ମହିଳାଙ୍କ ତୁଳନାରେ ପୁରୁଷମାନେ ଧୂମପାନ ଏବଂ ମଦ୍ୟପାନ କରିବାର ସମ୍ଭାବନା ଅଧିକ ଥାଏ । ଯାହା କର୍କଟ ଏବଂ କର୍କଟ ଜନିତ ମୃତ୍ୟୁର ଆଶଙ୍କାକୁ ବଢ଼ାଇଥାଏ । ଏହାବ୍ୟତୀତ ପୁରୁଷମାନେ କାମ କରିବା ସମୟରେ କାର୍ସିନୋଜେନ୍ ସଂସ୍ପର୍ଶରେ ଆସିବାର ସମ୍ଭାବନା ଅଧିକ ଥାଏ ଏବଂ ସେମାନଙ୍କର କର୍କଟ ସ୍ଥିତି ଯାଞ୍ଚ ହେବାର ସମ୍ଭାବନା କମ୍ ଥାଏ । ୨୦୨୨ରୁ ୨୦୫୦ ମଧ୍ୟରେ ୮୭% ରୁ ଅଧିକ ବୃଦ୍ଧି ସହିତ ଫୁସଫୁସ୍ କର୍କଟ ୨୦୫୦ ରେ ସମଗ୍ର ବିଶ୍ୱରେ କର୍କଟ ମାମଲା ଏବଂ ମୃତ୍ୟୁର ପ୍ରାଥମିକ କାରଣ ହେବ ବୋଲି ଆଶା କରାଯାଉଛି । ପରବର୍ତ୍ତୀ ସମୟରେ କୋଲୋରେକ୍ଟାଲ ଏବଂ ପ୍ରୋଷ୍ଟେଟ୍ କର୍କଟ ଆସିଥାଏ । ୨୦୫୦ ବେଳକୁ ପ୍ରୋଷ୍ଟେଟ୍ କର୍କଟ ଅଧିକ ମାରାତ୍ମକ ହେବାକୁ ଯାଉଛି । ସେହିପରି ଚର୍ମ କର୍କଟ ରୋଗରେ ଅଧିକ ଲୋକଙ୍କ ମୃତ୍ୟୁ ହୋଇପାରେ ।

ହିନ୍ଦୁମାନେ ଆମର ଭାଇ: ମହମ୍ମଦ ୟୁନୁସ

ଢାକା: ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରୀ ମୁଖ୍ୟ ମହମ୍ମଦ ୟୁନୁସ ମଙ୍ଗଳବାର ଦିନ ଢାକାସ୍ଥିତ ଢାକେଶ୍ୱରୀ ମନ୍ଦିର ପରିଦରିର୍ଶନ କରିଛନ୍ତି । ଏହା ସହିତ ଢାକାରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ନେତାଙ୍କ ସହ ୟୁନୁସ୍ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ କ୍ଷମତାଚ୍ୟୁତ କରାଯିବା ପରେ ସେ ଦେଶରୁ ପଳାୟନ କରିଥିଲେ । ହାସିନା ବର୍ତ୍ତମାନ ଏକ ଅଜ୍ଞାତ ସ୍ଥାନରେ ଭାରତରେ ଥିବାବେଳେ ନୋବେଲ ବିଜେତା ମହମ୍ମଦ ୟୁନୁସଙ୍କୁ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି । ଆଇଏଏନଏସ୍ ଅନୁଯାୟୀ ସରକାର ହିନ୍ଦୁମାନଙ୍କ ଉପରେ ହିଂସା ଘଟଣାର ରିପୋର୍ଟ ପାଇଁ ହଟଲାଇନ ଆରମ୍ଭ କରିବାକୁ ଏବଂ ପୀଡିତମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଯୋଜନା କରିଛନ୍ତି । ମହମ୍ମଦ ଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନିନ୍ଦା କରିବା ସହ କହିଛନ୍ତି ଯେ ସେମାନେ ଆମର ଭାଇ । ଆମେ ସଭିଏଁ ଗୋଟିଏ ଦେଶର ନାଗରିକ । ଏପରିସ୍ଥଳେ ଧର୍ମକୁ ନେଇ କେ ?ଣସି ଭେଦଭାବକୁ ସହ୍ୟ କରାଯିବ ନାହିଁ । ଧାର୍ମିକ ବ୍ୟାପାର ପାଇଁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ପରାମର୍ଶଦାତା ଅବୁଲ ଫାଏଜ ମହମ୍ମଦ ଖାଲିଦ ହୋସେନ ପ୍ରଶାସନର ସାମ୍ପ୍ରଦାୟିକ ସେ ?ହାର୍ଦ୍ଦ୍ୟ ପ୍ରତିଥିବା ପ୍ରତିବନ୍ଧତା ଉପରେ ଗୁରୁତ୍ୱାରୋପ କରିବା ସହ ହିନ୍ଦୁ ତଥା ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି । ଏଭଳି କାଣ୍ଡ ଭିଆଇଥିବା ଲୋକଙ୍କୁ ସେ ଅପରାଧୀ ବୋଲି ବର୍ଣ୍ଣନା କରିଛନ୍ତି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମଧ୍ୟବର୍ତ୍ତୀକାଳୀନ ସରକାର ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରୁଥିବା ଲୋକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୋଜନା କରିଛନ୍ତି ।

ଦୁଷ୍କର୍ମ ମାମଲାରେ ଦୁଃଖିତ ହେଲେ ହାଇକୋର୍ଟ

ନୂଆଦିଲ୍ଲୀ: କୋଲକାତାର ଆରଜି ମେଡିକାଲ କଲେଜର ଟ୍ରେନି ଡା

ସରପଞ୍ଚଙ୍କ ବିରୁଦ୍ଧରେ ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

ନୟାଗଡ଼(ପିପିଏସ୍): ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲେଙ୍କୁଡ଼ିପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଧବଳେଇ ଗ୍ରାମବାସୀ ଆଜି ବିଡିଓଙ୍କୁ ଫେରାଦ ହୋଇଛନ୍ତି। ସରପଞ୍ଚ ଧବଳେଇ ଗାଁ ଉନ୍ନତି ଓ ବିକାଶରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି। ଗାଁକୁ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଗ୍ରାମବାସୀଙ୍କ ଜଣାଯାଉ ନାହିଁ। ଏହାକୁ ମନଇଚ୍ଛା କରାଯାଉଥିବା ଅଭିଯୋଗ କରିଛନ୍ତି। ଗାଁରେ ରହିଥିବା ବିଦ୍ୟାଳୟ ରଙ୍ଗ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଥିବା ବେଳେ ବିଦ୍ୟାଳୟ କମିଟିକୁ ଅନ୍ଧାରରେ ରଖି କାର୍ଯ୍ୟ କରାଯାଉଛି। ଲେଙ୍କୁଡ଼ିପଡ଼ା ପଞ୍ଚାୟତ ଅଧିନସ୍ଥ କଲ୍ୟାଣ ମଣ୍ଡପଟି ଧବଳେଇ ମୌଜାରେ ନିର୍ମାଣ କରାଯାଇଥିବା ବେଳେ କଲ୍ୟାଣମଣ୍ଡପ ଆୟ ଅର୍ଥରୁ ୪୦ ପ୍ରତିଶତ ଗାଁ ବିକାଶ ପାଇଁ ଖର୍ଚ୍ଚ କରାଯିବାକୁ ନିୟମ ରହିଛି। ମାତ୍ର ଦୁଇ ବର୍ଷ ମଧ୍ୟରେ କଲ୍ୟାଣମଣ୍ଡପରୁ ୨୩ ଲକ୍ଷ ଟଙ୍କା ଆୟ ହୋଇଥିବା ବେଳେ ଧବଳେଇ ଗାଁ ପାଇଁ ପଞ୍ଚାୟତରୁ କେ ?ଣସି ଅନୁଦାନ ପ୍ରଦାନ କରାଯାଇ ନାହିଁ। ସରପଞ୍ଚ କିଛି ମୁଷ୍ଟିମେୟ ଲୋକଙ୍କୁ ନେଇ କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଧବଳେଇ ଗାଁ ସଭାପତି ଅଭିମନ୍ୟୁ ପରିଡ଼ା, ସମ୍ପାଦକ ବ୍ରହ୍ମାଦୀ ଲେଙ୍କାଙ୍କ ସମେତ ଶତାଧିକ ଲୋକ ଆଜି ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଫେରାଦ ହୋଇଛନ୍ତି। ସେମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜୋରଦାର ବିରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଛତିଶା ପାଟରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ଥାନା ବାଣୀପଦା ପଞ୍ଚାୟତ ଅନ୍ତର୍ଗତ ଛତିଶା ପାଟରେ ବୁଡ଼ି ଜଣେ ଯୁବ ମତ୍ସ୍ୟଜୀବୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବାଣୀପଦା ମଳିକ ସାହିର ବାବୁ ମଲ୍ଲିକ (୨୬) । ପ୍ରତ୍ୟକ୍ଷଦର୍ଶୀଙ୍କ ସୁତ୍ରରୁ ପ୍ରକାଶଯେ ବାବୁ ସବୁଦିନପରି ମଙ୍ଗଳବାର ସକାଳେ ନିଜ ଡଙ୍ଗାନେଇ ଗାଁ ପାଖ ଛତିଶା ପାଟକୁ ମାଛ ମାରିବାକୁ ଯାଇଥିଲେ ।

ପାଟ ମଝିରେ ମାଛ ଧରୁଥିବାବେଳେ ସେ ହଠାତ୍ ଡଙ୍ଗାରୁ ତଳକୁ ଖସି ପଡ଼ିଥିଲେ । କିଛି ସମୟ ବିତିବା ପରେ ସେ ପାଣି ଉପରକୁ ନ ଉଠିବାରୁ ତାଙ୍କ ଆଖପାଖରେ ଅନ୍ୟ ଡଙ୍ଗାରେ ଥିବା ମାଛ ଧରାଳୀମାନେ ପାଣି ଭିତରେ ପଶି ତାଙ୍କୁ ଖୋଜାଖୋଜି କରିଥିଲେ । ଦୀର୍ଘ ସମୟ ଖୋଜାଖୋଜି ପରେ ପାଟର ଗଭୀର ଜଳ ଭିତରୁ ବାବୁଙ୍କ ମୃତଦେହକୁ ଉଦ୍ଧାର କରି ତାଙ୍କ ଘରକୁ ନେଇଥିଲେ । ଖବର ପାଇ ଚୌଦ୍ୱାର ପୋଲିସ ବାବୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ ।

ମାଛ ଧରୁଥିବା ସମୟରେ କୌଣସି କାରଣରୁ ବାବୁର ମୁଣ୍ଡ ଘୁରେଇ ଦେବାରୁ ସେ ଡଙ୍ଗାରୁ ଗଳି ପଡ଼ିଥିବା ଅନ୍ୟ ମାଛଧରାଳୀ ମାନେ ଆଶଂକା କରୁଛନ୍ତି । ମୃତ ବାବୁ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଏବଂ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି ।

କଟୁରୀରେ ଆକ୍ରମଣ ଘଟଣା: ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

ଗୋପ (ପିପିଏସ) ବିଲ ହିତ ହଣାକୁ କେନ୍ଦ୍ର କରି ହୋଇଥିବା କଟୁରୀରେ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏପର୍ଯ୍ୟନ୍ତ ବିଫଳ ହୋଇଛି । ଅଭିଯୋଗ ମୁତାବକ ଗୋପ ଥାନା ଅଧିନ ମୁରୁଡା ଗ୍ରାମର ଶମ୍ଭେଶ୍ୱର ରାଉତ ଗତ ସୋମବାର ପୂର୍ବାହ୍ନରେ ତାଙ୍କ୍ୱିଲକୁ ଯାଇଥିବା ସମୟରେ ସେହି ଗ୍ରାମର ଅଜୟ ରାଉତ କୋଦାଳରେ ତାଙ୍କ୍ୱିଲ ହିତ ହାଣୁଥିବାର ଦେଖି ତାକୁ ପଚାରିବାରେ ଅଜୟ ଶମ୍ଭେଶ୍ୱରଙ୍କୁ ଅଶ୍ଳୀଳ ଭାଷାର ଗାଳି ଗୁଲଜ କରିଥିଲେ। ଏହାକୁ ଶମ୍ଭେଶ୍ୱର ପ୍ରତିବାଦ କରିବାରୁ ଅଜୟ ଏକ କଟୁରୀରେ ଶମ୍ଭଶ୍ୱର ମୁଣ୍ଡକୁ ଏକ ଚୋଟ ପକାଇଥିଲେ। ସେ ବିକଳରେ ଚିତ୍କାର କରିବାରୁ ଚିତ୍କାର ଶୁଣି ସେହି ବାଟ ଦେଇ ଯାଉଥିବା କେତକ ଲୋକ ଆସିବାର ଦେଖି ଅଜୟ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ପରିବାର ଲୋକେ ଖବର ପାଇ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏନେଇ ଶମ୍ଭେଶ୍ୱର ଗୋପ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୨୩୩/୨୪ ରେ ଏକ ମାମଲା ରୁଜୁ କରିଥିବା ବେଳେ ଅନ୍ୟପଟେ ଅଜୟ ରାଉତ ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୨୩୪/୨୪ ରେ ଏକ ମାମଲା ରୁଜୁ କରିଛି । ମାତ୍ର ଘଟଣାକୁ ଦୁଇ ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏନେଇ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ ଙ୍କୁ ପଚାରିବାରେ ସେ କହିଛନ୍ତି ତଦନ୍ତ ଚାଲିଛି, ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

ଯବାନଙ୍କ ପାଇଁ ରାକ୍ଷୀ ପଠାଇଲେ ଛାତ୍ରୀ

ଅସ୍ତରଙ୍ଗ(ପିପିଏସ୍):-ଆସୁଛି ସ୍ନେହ ଓ ବନ୍ଧନର ପର୍ବ ରକ୍ଷାବନ୍ଧନ। ଭଉଣୀ ନିଜ ସୁରକ୍ଷା ପାଇଁ ଭାଇ ହାତରେ ବାନ୍ଧେ ରାକ୍ଷୀ। କିନ୍ତୁ ଯେଉଁ ମାନେ ଦେଶ ମାତୃକାର ଦିନରାତି ରକ୍ଷା କରୁଛନ୍ତି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ପାଇଁ ଆଗେଇ ଆସିଛନ୍ତି କୁନି କୁନି ଛାତ୍ରୀ ମାନେ।

ସେଇ ବୀର ଯବାନ ମାନଙ୍କୁ ବଡ଼ ଭାଇର ସମ୍ମାନ ଜଣାଇ ଏଭଳି କିଛି ନିଆରା ପ୍ରୟାସ କରିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ର ଛାତ୍ରୀ ଓ ଗୁରୁମା।ରାକ୍ଷୀ ଦୋକାନ ରୁ ନିଜ ମନପସନ୍ଦର ରାକ୍ଷୀ କିଣି ସୀମାରେ ରହୁଥିବା ଯବାନଙ୍କ ପାଖକୁ ଡାକ ଯୋଗେ ପଠାଇ ସୃଷ୍ଟି କରିଛନ୍ତି ନୂଆଉଦାହରଣ।

ଆଗକୁ ରକ୍ଷା ବନ୍ଧନ ଆସୁଥିବାରୁ ଗାଁ ଠୁ ସହର ଚଳଚଞ୍ଚଳ। ଏହି ଦିନକୁ ଅପେକ୍ଷା କରି ରହିଥାନ୍ତି ପ୍ରତ୍ୟେକ ଭାଇ ଓ ଭଉଣୀ। ଭଉଣୀ ନିଜର ସୁରକ୍ଷା ପାଇଁ ଭାଇର ହାତରେ ରାକ୍ଷୀ ବାନ୍ଧେ। କିନ୍ତୁ ଯେଉଁ ମାନେ ଦେଶର ସୁରକ୍ଷା ପାଇଁ ଦିନରାତି କାମ କରି ଏହି ରାକ୍ଷୀ ବାନ୍ଧିବା ସୁଯୋଗରୁ ବଂଚିତ ହୋଇଥାନ୍ତି, ସେହି ଅବଦାନ କୁ ମନେ ପକାଇବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ରେ ଛାତ୍ରୀ ମାନେ ଏକ ଭିନ୍ନ ପ୍ରୟାସ କରିଛନ୍ତି। ଭାରତ ସୀମାରେ ଶତ୍ରୁଙ୍କ ସହ ଲଢେଇ କରି ଆମ ମାନଙ୍କୁ ସୁରକ୍ଷା ଦେଉଥିବା ଯବାନଙ୍କ ପାଇଁ ରାକ୍ଷୀ ପଠାଇଛନ୍ତି ଏହି ଛାତ୍ରୀ ମାନେ। ସେମାନଙ୍କୁ ପ୍ରକୃତ ଭାଇ ସ୍ୱୀକାର କରି ଏଭଳି ଏକ ଉଦ୍ୟମ କରିଛନ୍ତି ଛାତ୍ରୀ। ଏଥିପାଇଁ ବିଦ୍ୟାଳୟର ଛାତ୍ରୀ ମାନେ ରକ୍ଷା ବନ୍ଧନର ଗୀତଗାଇ ସୀମା ସରହଦରେ ରହୁଥିବା ସେହି ଯବାନ ଙ୍କ ପାଇଁ ରାକ୍ଷୀ ପଠାଇଛନ୍ତି ଯେଉଁ ମାନେ ଦେଶର ସୁରକ୍ଷା ଦେଉଛନ୍ତି ।ସେମାନେ ବିଭିନ୍ନ ପର୍ବପର୍ବାଣି ରେ ସାମିଲ ହୋଇପାରନ୍ତି ନାହିଁ ସେହି ବୀର ଯବାନ ଙ୍କ ପ୍ରତି ସମ୍ମାନ ଓ ଭଲ ପାଇବାର ନିଦର୍ଶନ ଦେଖାଇଛନ୍ତି ନୋଡାଲ ବିଦ୍ୟାପୀଠର ୧୬୦ରୁ ଉର୍ଦ୍ଧ ଛାତ୍ରୀ । ସମସ୍ତେ ନିଜ ନିଜ ମନପସନ୍ଦର ରାକ୍ଷୀ କିଣି ଡାକ ଯୋଗେ ଭାରତୀୟ ସେନା କାର୍ଯ୍ୟାଳୟକୁ ପଠାଇଛନ୍ତି। ଏହି ରାକ୍ଷୀ ପଠାଇ ଯବାନ ଙ୍କ ମନୋବଳ ବୃଦ୍ଧି କରିବାକୁ ଉଦ୍ୟମ କରିଛନ୍ତି। ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀ ମାନଙ୍କ ଏଭଳି ଉଦ୍ୟମ ଯବାନ ମାନଙ୍କୁ ନିଶ୍ଚୟ ପ୍ରେରଣା ଦେବ। ଛାତ୍ରୀଙ୍କୁ ଉତ୍ସାହ ସହ ରାକ୍ଷୀ ପଠାଇବାକୁ ବିଦ୍ୟାଳୟ ଗୁରୁଜୀ ଗୁରୁମା ସହଯୋଗ କରିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ରବୀନ୍ଦ୍ର ବିଶ୍ୱାଳ, ଯଚିନ୍ଦ୍ର ବିଶ୍ୱାଳ, ରଙ୍ଗଲତା ସ୍ୱାଇଁ, ସୁପ୍ରଭା ପ୍ରଧାନ, କାଦମ୍ବରୀ ଦେଈ, ସ୍ମୃତିରେଖା ଦେଈ, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର

କଟକ: ଉତ୍କଳମଣି ଗୋପବନ୍ଧୁ ଙ୍କ ସ୍ମୃତିରେ ନାମିତ କଟକ ଜିଲ୍ଲା ଚଂପତି ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜୟାକଳ୍ପ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ର ସଭାପତି ରାଜକିଶୋର ସ୍ୱାଇଁ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ସ୍ୱାଇଁ ଉଦ୍ଘାଟନ କରିଥିଲେ। ଡକ୍ଟର ତପନ ଦତ୍ତ , ଦେବଯାନୀ ସ୍ୱାଇଁ ଅତିଥି ଭାବରେ ଯୋଗଦେଇ ଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସିତା ଦାସ ସ୍କୋରର ଥିଲେ। ସ୍ନେହମୟୀ ମହାରଣା, ବର୍ଷା ପ୍ରିୟଦର୍ଶିନୀ ପାଣି,ସୁଦେସ୍ନା ଦାଶ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମସ୍ତ କୃତି ପ୍ରତିଯୋଗୀ ଙ୍କୁ ଅଭିନେତା କୃପାସିନ୍ଧୁ ମହାନ୍ତି ଙ୍କ ସ୍ମୃତିରେ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ୍ ଦେଇଥିଲେ। ଜ୍ୟୋତିର୍ମୟୀ ରାଉତରାୟ,ସୁନିତା ସ୍ୱାଇଁ, ସବିତା ଷଡ଼ଙ୍ଗୀ, ହରପ୍ରିୟା ଦାଶ, ବୀଣାପାଣି ଦେବତା ପ୍ରମୁଖ ସହଯୋଗ କରିଥିଲେ। ଏଇ ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ସମ୍ମାନିତ କରାଯାଇଥିଲା।

ବାରଣାସୀ ସର୍ବସେବା ସଂଘ ଜମି ଫେରି ପାଇବା ପାଇଁ ସତ୍ୟାଗ୍ରହ

ଜଗତସିଂହପୁର (ପିପିଏସ୍): ଗତକାଲି ଅପରାହ୍ନରେ ଉତ୍କଳ ସର୍ବୋଦୟ ମଣ୍ଡଳ,ଜଗତ ସିଂହପୁର ପକ୍ଷରୁ ସ୍ଥାନୀୟ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରତୀକ ସତ୍ୟାଗ୍ରହ କରା ଯାଇଛି,ଏହି ସତ୍ୟାଗ୍ରହରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବାରିକ,ସମ୍ପାଦକ ରବି ମହାନ୍ତି ବରିଷ୍ଠ ସର୍ବୋଦୟ ଚିନ୍ତକ ଗୌରାଙ୍ଗ ଚରଣ ହୋତା ତଥା ବହୁ ମାନ୍ୟ ଗନ୍ୟ ବ୍ୟକ୍ତି ଯୋଗଦେଇ ଥିଲେ ।ସୂଚନା ଅନୁଯାୟୀ ବାରଣାସୀ ସ୍ଥିତ ସନ୍ଥ ବିନୋବା ଭାବେ ଏବଂ ତତ୍କାଳୀନ ଭାରତର ମହାମନିଷୀ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବ ସେବା ସଂଘ ର ପ୍ରାୟ ତେର ଏକର ଜମିରେ ଥିବା ପ୍ରଶିକ୍ଷଣ କେନ୍ଦ୍ର ,ପୁସ୍ତକାଳୟ ଆଦିକୁ ରେଳ ବିଭାଗ ଭାଙ୍ଗି ଜବର ଦଖଲ କରି ଗାନ୍ଧୀ ବିଚାର ଧାରା ଉପରେ କୁଠାରାଘାତ କରିଛନ୍ତି।ସେଥି ପାଇଁ

ସର୍ବ ଭାରତୀୟ ସ୍ତରରେ ସର୍ବୋଦୟ ମଣ୍ଡଳ ଜମି ଫେରସ୍ତ ପାଇଁ ସରକାରଙ୍କ ଧ୍ୟାନ ଆକର୍ଷଣ ନିମନ୍ତେ ସତ୍ୟାଗ୍ରହ ପ୍ରଦର୍ଶିତ ହୋଇଛି।

ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ରଘୁନାଥପୁର (ପିପିଏସ):କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାରଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବ୍ଲକ, ଆଇସିଡିଏସ,ବିଇଓ ଅଫିସ,ଥାନା, ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ର, ଏସଏଚଜି ମହିଳା, ସିଆରପି, ବ୍ୟାଙ୍କମିତ୍ର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ସାମିଲ ହୋଇଥିଲେ ।ତ୍ରିରଙ୍ଗା ଯାତ୍ରା ବ୍ଲକ ସମ୍ମୁଖରୁ ବାହାରି କନ୍ଦରାପଟି ପର୍ଯ୍ୟନ୍ତ ଯାଇଥିଲା ।ବିଡିଓ ନମିତା ବାରିକ ଶୋଭାଯାତ୍ରାକୁ ଉଦଘାଟନ କରି ପୂର୍ବସୁରିଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହାଛଡା ସମସ୍ତେ ଭାଇଚାରାକୁ ବଜାଇରଖି ଜାତୀୟତାବାଦର ପରିଚୟ ଦେଇ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସମ୍ମାନ ଦେବାପାଇଁ ସେ ଆହ୍ୱାନ ଦେଇଥିଲେ । ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ଭାରତମାତାଙ୍କୁ ସମ୍ମାନ ଜଣାଇବା ସହ ଦେଶର ଗର୍ବ ଓ ଗୌରବକୁ ଅତୁଟ ରଖିବା ସମ୍ପର୍କରେ ଏବିଡିଓ ଜ୍ଞାନଦା ନାୟକ ପ୍ରକାଶ କରିଥିଲେ ।ଏଥିରେ ଏସଆଇ ଯୋଗେଶ୍ୱର ବେହେରା, ବିଳାଶୁଣି ବେହେରା, ଜିପିଓ ସ୍ମାରକ ମହାନ୍ତି,ଭବେଶ କୁମାର ବେହେରାଙ୍କ ସହ ବହୁ ବ୍ୟକ୍ତି ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

କଟକ ଜିଲ୍ଲାପାଳଙ୍କ କଣ୍ଟାପଡା ବ୍ଲକ ଗସ୍ତ

କଣ୍ଟାପଡା(ପିପିଏସ): କଟକର ନୂତନ ଜିଲ୍ଲାପାଳ ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ଦତ୍ତାତ୍ରେୟ ଭାଉ ସହୋବ ସିନ୍ଦେ ଆଜି ପ୍ରଥମ କରି କଣ୍ଟାପଡା ବ୍ଲକ ଗସ୍ତ କରିଥିଲେ। ନୂତନ ଜିଲ୍ଲାପାଳଙ୍କୁ ବ୍ଲକ ପ୍ରଶାସନ ତରଫରୁ ବିଡିଓ ସ୍ୱପ୍ନିତା ନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଜିଲ୍ଲାପାଳ ବିଡିଓଙ୍କ ପ୍ରକୋଷ୍ଠରେ ଆୟୋଜିତ ଏକ ବୈଠକ ଜିଲ୍ଲାପାଳ ସାମିଲ ହୋଇଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଅଡଶପୁର ପଞ୍ଚାୟତ ମଉଜପୁର ଗ୍ରାମରେ ହୋଇଥିବା ଏକ ପ୍ରକଳ୍ପର ପ୍ରାପ୍ୟ ପାଇନଥିବା ରାଜନ ବାରୀକ ଓ ତାଙ୍କ ସହ ଗ୍ରାମର କିଛି ବ୍ୟକ୍ତି ଜିଲ୍ଲାପାଳଙ୍କୁ ତାଙ୍କ ଅସୁବିଧା ସମ୍ପର୍କରେ ଅବଗତ କରିଥିଲେ। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ପତ୍ନୀଙ୍କ ବିୟୋଗ

ଅସ୍ତରଙ୍ଗ (ପିପିଏସ୍) : ପୂର୍ବତନ ମନ୍ତ୍ରୀ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ୭ଥର ବିଧାୟକ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକ ଙ୍କ ପତ୍ନୀ ଚାରୁବାଳା ଦେବୀ ୮୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକ ଙ୍କ ଗତ ମାସ ଜୁଲାଇ ୫ତାରିଖ ରେ ଦେହାନ୍ତ ପରେ ପତ୍ନୀ ଚାରୁବାଳା ଅସୁସ୍ଥ ଥିଲେ। ସୋମବାର ରାତ୍ର ୯ଘଟିକାରେ ହଠାତ ଛାତିରେ ଯନ୍ତ୍ରଣା ହୋଇ ଷ୍ଟୋକ ହୋଇଥିଲା। ପରିବାର ଲୋକେ ଭୁବନେଶ୍ୱର ସ୍ଥିତ ଆପୋଲ ହସ୍ପିଟାଲ ରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ସକାଳୁ ୪ଘ ୨୫ମିନିଟ ସମୟରେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ଖବର ପାଇଁ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ପହଂଚିଥିବା ବେଳେ ଶେଷସମୟରେ ବଡ଼ ପୁଅ ସ୍ୱାଧୀନ କୁମାର ନାୟକ, ବୋହୂ ପୂଜା, ସାନପୁଅ ସନ୍ତୋଷ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଭୁବନେଶ୍ୱର ସ୍ଥିତ ଭବନ ରେ ପ୍ରିୟଜନଶେଷ ଦର୍ଶନ ପାଇଁ ଭିଡ଼ ଜମିଥିଲା ।ଚାରୁବାଳା ଦେବୀ ସ୍ୱର୍ଗତଃ ସୁରେନ୍ଦ୍ର ନାଥ

ନାୟକ ଙ୍କ ରାଜନୀତିକ ସମୟରେ ସବୁବେଳେ ତାଙ୍କ ସାଥିରେ ରହୁଥିବା ବେଳେ ସେ ଜଣେ ଧର୍ମପାରାୟଣ ମହିଳା ଥିଲେ। ଭୁବନେଶ୍ୱର ରୁ କାକଟପୁର, ଅସ୍ତରଙ୍ଗ ବଜାର ଦେଇ ସ୍ୱଶାନ ରେ ପହଞ୍ଚିଥିଲା ଚାରୁବାଳା ଦେବୀ ଙ୍କ ମର ଶରୀର। ଅଶ୍ରୁଳ ଆଖିରେ ଅନ୍ତିମ ବିଦାୟ ଦେଲେ ବନ୍ଧୁ ପ୍ରିୟଜନ।

ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

କଣ୍ଟାପଡା(ପିପିଏସ): କଣ୍ଟାପଡା ବ୍ଲକ ପ୍ରଶାସନ ତରଫରୁ ହର୍‌ଘର୍ ତ୍ରୀରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଥିବା ଜାତୀର ଜନକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ସହ,ନିର୍ବାଚିତ ଜନ ପ୍ରତିନିଧି,ଛାତ୍ରଛାତ୍ରୀ ଓ ସ୍ୱୟଂ ସହାୟୀକା ଗୋଷ୍ଠୀର ସଦସ୍ୟା ମାନେ ସାମିଲ ହୋଇଥିଲେ। କଣ୍ଟାପଡା ବ୍ଲକ ପ୍ରଶାସନ ତରଫରୁ ହର୍‌ଘର୍ ତ୍ରୀରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇ, ଉପାଧ୍ୟକ୍ଷ ଜଚିନ୍ଦ୍ର ତାଥ ବରାଳ,ବିଡିଓ ସ୍ୱପ୍ନୀତା ନାୟକ,ସରପଞ୍ଚ ନିର୍ମଳ କୁମାର ସାହୁ,ହେମନ୍ତ କୁମାର ମଲ୍ଲିକ,ସୁବ୍ରତ କୁମ

ସ୍ୱାଧୀନତା ଦିବସରେ ପଦକବିଜେତାଙ୍କୁ ଭେଟିବେ ମୋଦୀ

ନୂଆଦିଲ୍ଲୀ: ପ୍ୟାରିସ ଅଲିମ୍ପିକ୍ସରେ ପଦକ ବିଜୟୀ ହେବା ପରେ ଭାରତକୁ ଫେରିଛନ୍ତି କ୍ରୀଡ଼ାବିତ୍ । ଏବେ ଭାରତରେ ପଦକବୀରମାନଙ୍କୁ ଭାରତରେ ଭବ୍ୟ ସ୍ୱାଗତ କରାଯାଉଛି । ତେବେ ଏହାଭିତରେ ଅଲିମ୍ପିକ୍ସ ପଦକ ବିଜେତାମାନଙ୍କୁ ନେଇ ଏକ ବଡ଼ ଅପଡେଟ ସାମନାକୁ ଆସିଛି । ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ପଦକବିଜେତାଙ୍କୁ ଭେଟିବେ । ଭାରତ ଚଳିତବର୍ଷ ଅଲିମ୍ପିକ୍ସରେ ଗୋଟିଏ ରୌପ୍ୟ ପଦକ ସହିତ ମୋଟ ୫ଟି କାଂସ୍ୟ ପଦକ ବିଜୟୀ ହୋଇଛି ପ୍ୟାରିସ ଅଲିମ୍ପିକ୍ସ-୨୦୨୪ରେ ଅଂଶଗ୍ରହଣ କରିଥିବା ଭାରତୀୟ ଟିମକୁ ଭେଟିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅଗଷ୍ଟ ୧୫ ତାରିଖ ସତନ୍ତ୍ରତା ଦିବସ ଅବସରରେ ମୋଦୀ ଏହି ଭାରତ ପାଇଁ ଗୌରବ ଆଣିଥିବା ଆଥଲେଟ୍ ମାନଙ୍କ ସହ ଭେଟ କରିବେ । ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ଏହି କାର୍ଯ୍ୟକ୍ରମ ରଖାଯାଇଛି । ଜୁଲାଇ ୨୬ ତାରିଖରୁ ଆରମ୍ଭ ହୋଇଥିବା ପ୍ୟାରିସ ଅଲିମ୍ପିକ୍ସ ଅଗଷ୍ଟ ୧୧ ତାରିଖରେ ଶେଷ ହୋଇଛି । ଏହି ଇଭେଣ୍ଟ ପାଇଁ ଭାରତର ୧୧୭ ଜଣିଆ ଟିମ୍ ପ୍ୟାରିସ ଗସ୍ତ କରିଥିଲେ । ତେବେ ଏଥିରୁ ଅଧିକାଂଶ ଆଥଲେଟ୍ ନିଜ ପଦକ ହାସଲ କରିବା ଚେଷ୍ଟାରେ ବିଫଳ ହୋଇଥିଲେ । କିନ୍ତୁ ମନୁ ଭାକର, ନୀରଜ ଚୋପ୍ରାଙ୍କ ସହ ହକି ଟିମ୍ ଏବଂ ଅନ୍ୟ କିଛି କ୍ରୀଡ଼ାରେ ଭାରତ ମୋଟ ୬ଟି ପଦକ ଉପରେ ଅକ୍ତିଆର କରିଛି । ତେବେ ଭାରତ ତରଫରୁ ୨ ଥର ଅଲିମ୍ପିକ୍ସ ପଦକ ବିଜେତା ତଥା ହକି ଟିମର ଗୋଲକିପର ପି.ଆର ଶ୍ରୀଜେଶ ଏବଂ ଶୁଟର ମନୁ ଭାକର ଇଭେଣ୍ଟର ସମାପନ ସମାରୋହରେ ଭାରତର ଧ୍ୱଜାବାହକ ପାଲଟିଛନ୍ତି । ପୁରୁଷ ହକି ଦଳ ମଧ୍ୟ ପ୍ୟାରିସରେ ଥିଲା । ଏଭଳି ପରିସ୍ଥିତିରେ ମଙ୍ଗଳବାର (୧୩ ଅଗଷ୍ଟ) ସକାଳେ ଏହି ସମସ୍ତ ଆଥଲେଟ୍ ଏବଂ ଭାରତୀୟ ଦଳ ଦେଶକୁ ଫେରିବେ । ତେବେ ପ୍ୟାରିସରେ ଏକମାତ୍ର ରୌପ୍ୟ ପଦକ ଜିତିଥିବା ଷ୍ଟାର ଜାଭେଲିନ୍ ଥ୍ରୋ ନୀରଜ ଚୋପ୍ରା ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ ନାହିଁ । ପ୍ରାୟ ଏକ ମାସ ପରେ ନୀରଜ ଚୋପ୍ରା ତାଙ୍କ ଘରକୁ ଫେରିବେ । ନୀରଜ ଚୋପ୍ରା ଡାକ୍ତରୀ ପରାମର୍ଶ ପରେ ସିଧାସଳଖ ପ୍ୟାରିସରୁ ଜର୍ମାନୀ ଯାଇଛନ୍ତି । ହର୍ନିଆରେ ପୀଡିତ ନୀରଜଙ୍କୁ ଡାକ୍ତରୀ ଚେକଅପ୍ ପରେ ଆବଶ୍ୟକ ହେଲେ ସେଠାରେ ତାଙ୍କର ଅସ୍ତ୍ରୋପଚାର ମଧ୍ୟ ହେବ । ଏହାପରେ ନୀରଜ ପ୍ରାୟ ଏକ ମାସ ଜର୍ମାନୀରେ ରହିବା ପରେ ଘରକୁ ଫେରିବେ ।

ଝାଡ଼ଖଣ୍ଡ ଟିମ୍‌ର ଅଧିନାୟକ ହେବେ ଇଶାନ୍

ରାଞ୍ଚି: ଦୀର୍ଘ ଦିନ ହେବ ଇଶାନ୍ କିଶନ ଭାରତୀୟ ଟିମରୁ ଦୂରେଇ ରହିଛନ୍ତି । ଅନେକ ଥର ତାଙ୍କୁ ଘରୋଇ କ୍ରିକେଟ ଖେଳିବା ପାଇଁ ପରାମର୍ଶ ଦିଆଯାଇଥିଲା କିନ୍ତୁ ସେ କେବଳ ଆଇପିଏଲରେ ନଜର ଆସିଥିଲେ । ବର୍ତ୍ତମାନ ଇଶାନ୍ ନିଜ ମୁଡ୍ ବଦଳାଇଛନ୍ତି । ସେ ଝାଡ଼ଖଣ୍ଡ ପାଇଁ ଘରୋଇ କ୍ରିକେଟ୍ ଖେଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଅଗଷ୍ଟ ୧୫ରେ ଆରମ୍ଭ ହେବାକୁ ଥିବା ବୁଚି ବାବୁ ଟ୍ରଫି ରେ ସେ ଝାଡ଼ଖଣ୍ଡ ଦଳର ଅଧିନାୟକ ଦାୟିତ୍ୱ ତୁଳାଇବେ । କହିରଖୁଛୁ ଏହା ପୂର୍ବରୁ ଇଶାନ୍ ଅଣ୍ଡର-୧୯ ଭାରତୀୟ ଦଳ ପାଇଁ କ୍ୟାପଟେନ୍ ରହି ସାରିଛନ୍ତି । ଇଶାନ୍ କିଶନ୍ ଘରୋଇ କ୍ରିକେଟରେ ଫେରିବା ନେଇ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏସନକୁ ପୂର୍ବରୁ କହିଥିଲେ । ବର୍ତ୍ତମାନ ରଣଜୀ ଟ୍ରଫି ୨୦୨୪-୨୫ ସିଜନ୍ ଖେଳିବା ସମ୍ଭାବନା ବୃଦ୍ଧି ପାଇଛି । ରେଡ୍ ବଲ୍ କ୍ରିକେଟରେ ଇଶନଙ୍କ ପ୍ରତ୍ୟାବର୍ତ୍ତନ ଏପରି ସମୟରେ ହୋଇଛି ଯେବେ ଆସନ୍ତା ମାସରେ ବାଂଲାଦେଶ, ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ୩ଟି ଦଳ ବିପକ୍ଷରେ ଭାରତକୁ ମୋଟ୍ ୧୦ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ହେବ । ଯଦି ଇଶାନ୍ ଆଗାମୀ ଘରୋଇ ସିଜିନରେ ଭଲ ପ୍ରଦର୍ଶନ କରନ୍ତି ତେବେ ଭାରତୀୟ ଟିମକୁ ଫେରିପାରନ୍ତି । ଗତ ବର୍ଷ ଇଶାନ୍ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଭାରତୀୟ ଟିମ୍ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ ।

ପ୍ରମୋଦ ଭଗତ ପ୍ୟାରିସ୍ ପାରାଅଲିମ୍ପିକ୍ସରୁ ସସ୍‌ପେଣ୍ଡ

ନୂଆଦିଲ୍ଲୀ: ମାତ୍ର ୧୦୦ ଗ୍ରାମ ଓଜନ ବୃଦ୍ଧି କାରଣରୁ ନିକଟରେ ପ୍ୟାରିସ ଅଲିମ୍ପିକ୍ସରୁ ଭାରତୀୟ ଷ୍ଟାର କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହୋଇଥିଲେ । କୁସ୍ତିରେ ଫାଇନାଲରେ ପହଞ୍ଚି ରୌପ୍ୟ ପଦକ ନିଶ୍ଚିତ କରିଥିବା ଭାରତୀୟ ମହିଳା କୁସ୍ତିଯୋଦ୍ଧାଙ୍କୁ ନେଇ ୧୪୦ କୋଟି ଭାରତୀୟ ସ୍ତବ୍ଧ ହୋଇଯାଇଥିଲେ । ଆଜି ଉକ୍ତ ମାମଲାର ଶୁଣାଣି କୋର୍ଟ ଅଫ୍ ଆର୍ବିଟ୍ରେସ ଫର ସ୍ପୋର୍ଟ (ସିଏଏସ) ଦ୍ୱାରା କରାଯିବ । ତେବେ ଏହା ମଧ୍ୟରେ ଭାରତୀୟ କ୍ରୀଡ଼ା ଜଗତ ପାଇଁ ପୁଣି ଆସିଛି ଏକ ନୈରାଶ୍ୟଜନକ ଖବର । ଓଡ଼ିଆ ପୁଅ ତଥା ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ସସପେଣ୍ଡ କରାଯାଇଛି । ଆଣ୍ଟି ଡୋପିଂ ନିୟମ ଉଲ୍ଲଂଘନ କାରଣରୁ ପ୍ରମୋଦଙ୍କୁ ୧୮ ମାସ ପାଇଁ ସସପେଣ୍ଡ କରିଛି ବିଶ୍ୱ ବ୍ୟାଡମିଣ୍ଟନ ଫେଡେରେସନ (ବିଡବ୍ଲ୍ୟୁଏଫ) । ଏହି ନିଷ୍ପତ୍ତି ଫଳରେ ପ୍ରମୋଦ ପ୍ୟାରିସ ପାରାଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଛନ୍ତି । ୧୨ ମାସ ମଧ୍ୟରେ ପ୍ରମୋଦ ୩ଟି କ୍ଷେତ୍ରରେ ବିଫଳ ହୋଇ ଆଣ୍ଟି ଡୋପିଂ ନିୟମ ଉଲ୍ଲଂଘନ କରିଥିବା ନେଇ ଗତ ମାର୍ଚ୍ଚ ମାସ ପହିଲାରେ ସିଏଏସ୍ ଜାଣିପାରିଥିଲା ବୋଲି ବିଡବ୍ଲ୍ୟୁଏଫ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି । ପ୍ରମୋଦ ଗତ ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ପ୍ରମୋଦ ଜଣେ ଏସଏଲଏ ଆଥଲେଟ ହୋଇଥିବା ବେଳେ ସେ ବିଡଫ୍ଲ୍ୟୁଏଫର ନିଷ୍ପତ୍ତିକୁ ନେଇ ସିଏଏସରେ ଅପିଲ କରିଥିଲେ । ଗତ ମାସ ୨୯ ତାରିଖରେ ସିଏଏସ ଆପେଲ ଡିଭିଜନ ପ୍ରମୋଦଙ୍କ ଅପିଲଙ୍କୁ ଖାରଜ କରିଦେବା ସହ ଗତ ମାର୍ଚ୍ଚ ପହିଲାର ଆଣ୍ଟି ଡୋପିଂ ଡିଭିଜନ ନିଷ୍ପତ୍ତିକୁ ସ୍ୱଷ୍ଟ କରିଥିଲେ । ଗତ ଟୋକିଓ ପାରାଅଲିମ୍ପିକ୍ସ ଫାଇନାଲରେ ପ୍ରମୋଦ ଗ୍ରେଟ ବ୍ରିଟେନର ଡାନିଏଲ ବେଥେଲଙ୍କୁ ଏସଏଲଏ ପୁରୁଷ ସିଙ୍ଗଲ୍ସ ବର୍ଗରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ପ୍ରମୋଦ ପ୍ୟାରିସ ପାରାଅଲିମ୍ପିକ୍ସରୁ ବାଦ୍ ପଡ଼ିବା ଓଡ଼ିଶା ସମେତ ସମଗ୍ର ଭାରତୀୟ କ୍ରୀଡ଼ା କ୍ଷେତ୍ରକୁ ଏକ ଶକ୍ତ ଝଟକା ।

ରାଜ୍ୟଭାରୋତ୍ତୋଳନ ଚାମ୍ପିଅନସିପ୍: ଗଞ୍ଜାମ ଦଳଗତ ଚାମ୍ପିଅନ୍

ବ୍ରହ୍ମପୁର(ବ୍ୟୁରୋ): ଆସନ୍ତା ଜାନୁଆରୀ ମାସରେ ଖେଲୋ ଇଣ୍ଡିଆ ଜାତୀୟ ମହିଳା ଚାମ୍ପଅନ୍ସିପ୍ ବ୍ରହ୍ମପୁରରେ ଅନୁଷ୍ଠିତ ହେବ । ଭାରତୀୟ ଭାରୋତ୍ତୋଳନ ମହାସଂଘ ଓ ରାଜ୍ୟ ସଂଘ ମିଳିତ ଭାବେ ଏହାର ଆୟୋଜନ କରିବେ ବୋଲି ରାଜ୍ୟ ଭାରୋତ୍ତୋଳନ ସଂଘର ସମ୍ପାଦକ କେ ରବି କୁମାର ଘୋଷଣା କରିଛନ୍ତି । ମହାତ୍ମା ଗାନ୍ଧୀ ଷ୍ଟାଡିଅମ୍ ପରିସରସ୍ଥ ଭାରୋତ୍ତୋଳନ ହଲ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟ ଭାରାତ୍ତାଳନ ଚାମ୍ପିଅନ୍‌ସିପ୍ ରବିବାର ଉଦ୍‌ଯାପିତ ହୋଇଛି । ୧୫ ଜିଲ୍ଲାର ୧୫୦ ପ୍ରତିଯୋଗୀଙ୍କ ମଧ୍ୟରୁ ପୁରୁଷ ସିନିୟର୍ ବର୍ଗରେ ଗଞ୍ଜାମର ମୁନା ନାୟକ, ୟୁଥ୍‌ରେ ଗଞ୍ଜାମର ହର୍ଷବର୍ଦ୍ଧନ ସାହୁ ଓ ଜୁନିୟର୍ ବର୍ଗରେ ଖୋର୍ଦ୍ଧାର ସଦାନନ୍ଦ ବରିହା ଶ୍ରେଷ୍ଠ ଭରୋତ୍ତୋଳକ ଭାବେ ପୁରସ୍କୃତ ହୋଇଛନ୍ତି । ସେହିପରି ମହିଳା ସିନିୟର୍ ବର୍ଗରେ ମୟୁରଭଞ୍ଜର ସ୍ନେହା ସୋରେନ୍ ଏବଂ ୟୁଥ୍ ଓ ଜୁନିୟରରେ ନବରଙ୍ଗପୁରର ମୀନା ସାକ୍ଷା ଶ୍ରେଷ୍ଠ ଭରୋତ୍ତୋଳକ ଭାବେ ପୁରସ୍କୃତ ହୋଇଛନ୍ତି । ତିନି ଦିନର ପ୍ରତିଯୋଗୀତାରେ ଗଞ୍ଜାମ ଜିଲ୍ଲାର ଆଧିପତ୍ୟ ବିସ୍ତାର କରିଛି । ବହୁ ବର୍ଗରେ ଗୋଲ୍ଡ ମେଡାଲ୍ ଜିତି ଭାରୋତ୍ତୋଳନ କ୍ଷେତ୍ରରେ ଦବଦବା ଜାହିର କରିଛି । ଗଞ୍ଜାମ ଜିଲ୍ଲା ଦଳଗତ ଚମ୍ପିଆନ୍ ହୋଇଥିବା ବେଳେ ଖୋର୍ଦ୍ଧା ଓ ଢେଙ୍କାନାଳ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଉପବିଜେତା ହୋଇଛନ୍ତି । ତୃତୀୟ ଦିନ ଅନୁଷ୍ଠିତ ପୁରୁଷ ୮୧କିଲୋ ୟୁଥ୍ ବର୍ଗରେ ଆୟାନ୍ ମୁଦୁଲି, ଜୁନିୟରରେ ମହେଶ ଦାସ ଓ ସିନିୟରରେ କାହ୍ନୁଚରଣ ସାହୁ ସ୍ୱର୍ଣ୍ଣ ବିଜେତା ହୋଇଛନ୍ତି । ସେହିପରି ପୁରୁଷ ୮୯କିଲୋ ଜୁନିୟର ବର୍ଗରେ ରାଜେଶ ବଳବନ୍ତରାୟ ଓ ସିନିୟରରେ ନରସିମ୍ହା ନାୟକ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି । ମହିଳା ୮୧ କିଲୋରୁ ଅଧିକ ୟୁଥ୍ ବର୍ଗରେ ମୌସୁମୀ ଦାସ, ମହିଳା ୮୭କିଲୋ ଜୁନିୟରରେ ଅଭିସିକ୍ତା କାଡୁଲୁରି, ମହିଳା ୮୭ କିଲୋରୁ ଅଧିକ ଜୁନିୟର୍ ବର୍ଗରେ ତନିସା ସାଇଁ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି । ପୁରୁଷ ୯୬କିଲୋ ଜୁନିୟରରେ ବଳରାମ ସେନାପତି, ୟୁଥରେ ଏସ୍.ତ୍ରିପତି ପାତ୍ର ଓ ସିନିୟରରେ ସୁରେଶ କୁମାର ଯାଦବ, ପୁରୁଷ ୧୦୯ କିଲୋରୁ ଅଧିକ ଜୁନିୟରରେ ଅମରଜିତ ମହାରଣା, ୧୦୨ କିଲୋ ସିନିୟରରେ ପୁନିତ ଚନ୍ଦ୍ର ସାହୁ ଏବଂ ୧୦୨ କିଲୋରୁ ଅଧିକ ୟୁଥ୍ ବର୍ଗରେ ରାଜବୀର ଖୁଣ୍ଟିଆ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ରାଜ୍ୟ ସଂଘ ସମ୍ପାଦକ ରବି କୁମାରଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ରେଫରୀ ନାରାୟଣ ସାହୁ, ରମେଶ ପାର୍ଢ଼ି, ଚନ୍ଦ୍ରଶେଖର ସାହୁ, ଗାଗାରିନ୍ ନାୟକ, ରାନୁ ମହାନ୍ତି, ରାଜେଶ୍ୱରୀ ବେହେରା, ବିକ୍ରମ ସେନାପତି, କାମେଶ୍ୱର ନାୟକ, ପ୍ରଦୀପ କୁମାର ସାହୁ, ଲୁଲୁ ସାହୁ, ଜାନକୀ ମିଶ୍ର ସମେତ ମୋଟ ୩୨ ଜଣ ପରିଚାଳକ ଓ ବୈଷୟିକ ଅଧିକାରୀ ଖେଳ ପରିଚାଳନା ଏବଂ ବିଜେତାଙ୍କୁ ପୁରସ୍କୃତ କରିଥିଲେ ।

ଗୁଜବ ଥିଲା ମନୁ-ନୀରଜଙ୍କ ବାହାଘର କଥା

ନୂଆଦିଲ୍ଲୀ: ପ୍ୟାରିସ ଅଲିମ୍ପିକ୍ସରେ ଭାରତର ଦୁଇ ସୁପରଷ୍ଟାର ମନୁ ଭାକର ଓ ନୀରଜ ଚୋପ୍ରା କମାଲ କରିଛନ୍ତି । ମନୁ ୨ ଟି କାଂସ୍ୟ ଜିତି ଇତିହାସ ରଚିଥିବାବେଳେ ସୁନାପୁଅ ନୀରଜ ରୌପ୍ୟ ଜିତି ଫେରିଛନ୍ତି । ଟୋକିଓ ସ୍ୱର୍ଣ୍ଣପଦକ ବିଜେତା ନୀରଜ ଓ ମନୁଙ୍କ ପ୍ରଦର୍ଶନ ଯେତେ ଚର୍ଚ୍ଚା ସାଉଁଟି ନଥିଲା । ତାଙ୍କୁ ନେଇ ଏକ ଭିଡିଓ ତାହାଠୁ ଅଧିକ ଚର୍ଚ୍ଚା ସାଉଁଟୁଛି । ଭାଇରାଲ ହେଉଥିବା ଏହି ଭିଡିଓରେ ଫ୍ୟାନ୍ସ ମଧ୍ୟ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି । ଭାଇରାଲ ହୋଇଥିବା ଭିଡିଓଟି ପ୍ୟାରିସ ଅଲିମ୍ପିକ୍ସର ଗେମ ଭିଲେଜର ହୋଇଥିବା କୁହାଯାଉଛି । ଗୋଟିଏ ଭିଡିଓରେ ନୀରଜ ଓ ମନୁ ବାର୍ତ୍ତାଳାପ କରୁଛନ୍ତି ଓ ଅନ୍ୟଟିରେ ମନୁଙ୍କ ମା'ସୁମେଧା ଭାକର ନୀରଜଙ୍କୁ ମୁଣ୍ଡରେ ହାତ ରଖାଇ କିଛି କହୁଛନ୍ତି । ଏହାକୁ ନେଇ ଆରମ୍ଭ ହୋଇଥିଲା ନୀରଜ-ମନୁ ବାହା ହେବାକୁ ଯାଉଛନ୍ତି । ଏହାକୁ ନେଇ ଫ୍ୟାନ୍ସ ପାଗଳ ଭଳି ଖୁସି ହୋଇଥିଲେ । ମାତ୍ର ଏହା ଏକ ଗୁଜବ ମାତ୍ର ଥିଲା । ଅଗ୍ନି ପରି ବ୍ୟାପିଥିବା ଏହି ଗୁଜବ ଉପରୁ ଏବେ ପରଦା ହଟାଇଛନ୍ତି ମନୁଙ୍କ ବାପା । କହିରଖୁ, ମନୁ ଭାକରଙ୍କ ନାମ ଇତିହାସର ସର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ମନୁ ଗୋଟିଏ ଅଲିମ୍ପିକ୍ସରେ ଦୁଇଟି ପଦକ ହାସଲ କରିଥିବା ପ୍ରଥମ ଭାରତୀୟ ଆଥଲେଟ ଅଟନ୍ତି । ସେପଟେ ନୀରଜ ଖେଳର ଏହି ମହାକୁମ୍ଭରେ ଲଗାତାର ଭାବରେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତି ପ୍ରଥମ ଭାରତୀୟ ହୋଇଛନ୍ତି । ଭରତପତି ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ପାଳିତ

ଆମେରିକା ଆରମ୍ଭ କଲାଣି ୨୦୨୮ ଅଲିମ୍ପିକ୍ସର ପ୍ରସ୍ତୁତି

ନୂଆଦିଲ୍ଲୀ: ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି । ଅଲିମ୍ପିକ୍ସରେ ଭାରତ ମାତ୍ର ୬ ଟି ପଦକ ଜିତିଛି । ଯେଉଁଥିରେ ୫ ଟି କାଂସ୍ୟ ଓ ଗୋଟିଏ ରୌପ୍ୟ ରହିଛି । ଭାରତୀୟ ଆଥଲେଟଙ୍କ ଏହି ବିଜୟରେ ଦେଶରେ ଏବେ ବି ଉତ୍ସବର ମାହୋଲ ରହିଛି । କିନ୍ତୁ ଆମେରିକାର ଜଣେ ଆଥଲେଟ ୩ ଟି ଅଲିମ୍ପିକ୍ସରେ ଲଗାତାର ସ୍ୱର୍ଣ୍ଣ ଜିତି ହ୍ୟାଟ୍ରିକ ଅର୍ଜନ କରିବା ପରେ ବି ଆରମ୍ଭ କରି ଦେଲେଣି ୨୦୨୮ ମସିହାରେ ଆମେରିକାର ଲସଏଞ୍ଜେଲସରେ ହେବାକୁ ଥିବା ଅଲିମ୍ପିକ୍ସର ପ୍ରସ୍ତୁତି । ଯାହାଙ୍କ ନାମ ହେଉଛି ରିୟାନ କ୍ରାଉସର । କହିରଖୁ, ପ୍ୟାରିସ ଅଲିମ୍ପିକ୍ସରେ ଆମେରିକା ୧୨୬ ପଦକ ଜିତି ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଛି । ହ୍ୟାଟ୍ରିକ ସ୍ୱର୍ଣ୍ଣପଦକ ବିଜେତା ରିୟାନ କ୍ରାଉସର ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହା ବେଶ୍ ଭାଇରାଲ ହେଉଛି । ଏହି ଭିଡିଓରେ ସେ ଅଲିମ୍ପିକ୍ସରେ ଜିତିଥିବା ସ୍ୱର୍ଣ୍ଣ ପଦକୁ ନିଜ କୁକୁରର ମୁଣ୍ଡରେ ପିନ୍ଧାଇ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଛି । ଭିଡିଓଟି ସୋସିଆଲ ମିଡିଆରେ ଝଡ ସୃଷ୍ଟି କରିଛି । ସୋସିଆଲ ମିଡିଆ ବ୍ୟବହାରକାରୀ ଏହାକୁ ଅଧିକରୁ ଅଧିକମାତ୍ରାରେ ସେୟାର ମଧ୍ୟ କରୁଛନ୍ତି । ତାହାସହ ଅନେକ ପ୍ରତିକ୍ରିୟା ମଧ୍ୟ ଆସୁଛି ଭିଡିଓକୁ ନେଇ । ରିୟାନ କ୍ରାଉସର ସଟଫୁଟର ଏକ ଜଣାଶୁଣା ନାଁ । ସେ ପ୍ୟାରିସରେ ସଟଫୁଟ ବର୍ଗରେ ପ୍ରାୟ ୨୨.୯୦ ମିଟର ଫିଙ୍ଗି ସ୍ୱର୍ଣ୍ଣ ହାସଲ କରିଛନ୍ତି । ଏହାବାଦ ରିୟାନ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୨୩.୩୦ ମିଟର ଓ ୨୦୧୬ ରିଓ ଅଲିମ୍ପିକ୍ସରେ ପ୍ରାୟ ୨୨.୫୨ ମିଟର ଦୂରକୁ ସଟଫୁଟ ଫିଙ୍ଗି ସ୍ୱର୍ଣ୍ଣ ହାସଲ କରି ସାରିଛନ୍ତି । ଫଳରେ ତାଙ୍କ ନାମରେ ଏହି ବିଭାଗରେ ହ୍ୟାଟ୍ରିକ ସ୍ୱର୍ଣ୍ଣ ଅର୍ଜନର ରେକର୍ଡ ଲେଖା ହୋଇ ସାରିଛି ଅଲିମ୍ପିକ୍ସ ଇତିହାସରେ । ଆଗାମୀ ଅଲିମ୍ପିକ୍ସ ୨୦୨୮ ମସିହାରେ ଆମେରିକାର ଲସଏଞ୍ଜେଲସରେ ୧୪ ଜୁଲାଇ ୨୦୨୮ ରୁ ୩୦ ଜୁଲାଇ ୨୦୨୮ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି । ଯେଉଁଥିରେ ରିୟାନ କ୍ରାଉସର ଚତୁର୍ଥଥର ପାଇଁ ସ୍ୱର୍ଣ୍ଣ କବ୍ଜା କରିବାର ଲକ୍ଷ୍ୟରେ ଏବେଠୁ ପ୍ରସ୍ତୁତି ଆରମ୍ଭ କଲେଣି । ହେଲେ ମାତ୍ର ୬ ପଦକ ଜିତିଥିବା ଭାରତରେ ବର୍ତ୍ତମାନ ବି ଉତ୍ସବ ଲାଗି ରହିଛି । ଏଥିରୁ ପ୍ରମାଣିତ ହେଉଛି ଆମେରିକା କାହିଁକି ଆଗରେ ଓ ଭାରତ କାହିଁ ଏତେ ପଛରେ । ୧୪୦ କୋଟିରୁ ଅଧିକ ଜନସଂଖ୍ୟା ଥିବା ଦେଶରେ ୬ ପଦକ 'ସମୁଦ୍ରକୁ ଶଙ୍ଖେ' ବୋଲି ଖେଳପ୍ରେମୀ ମହଲରେ ଚର୍ଚ୍ଚା ହେଉଛି ।

ଜର୍ମାନୀ ଗଲେ ନୀରଜ

ନୂଆଦିଲ୍ଲୀ:ଭାରତର ଡବଲ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରାଙ୍କ ଘର ବାହୁଡ଼ା ବିଳମ୍ବ ହୋଇଛି । ପ୍ୟାରିସ ଅଲିମ୍ପିକ୍ସରେ ଦେଶ ପାଇଁ ଜାଭେଲିନରେ ରୌପ୍ୟ ଜିତିଥିବା ନୀରଜ ସେଠାରୁ ଭାରତ ଆସିବା ପରିବର୍ତ୍ତେ ଜର୍ମାନୀ ଚାଲି ଯାଇଛନ୍ତି । ଦୀର୍ଘଦିନ ଧରି ଜଙ୍ଘରେ ଆହତ ଜନିତ ସମସ୍ୟା ଦେଇ ଗତି କରୁଥିବା ନୀରଜ ଜର୍ମାନୀରେ ଡାକ୍ତରଙ୍କ ପରାମର୍ଶ ଯାଇଛନ୍ତି । ଜର୍ମାନୀରେ ନୀରଜ ପ୍ରାୟ ଏକମାସ ଧରି ରହିବେ । ନିଜର ଆହତ ସମସ୍ୟା କେତେ ଗୁରୁତର ତା'ର ଯାଞ୍ଚ କରିବେ । ଡାକ୍ତରଙ୍କ ପରାମର୍ଶ ପରେ ସେ ଡାଇମଣ୍ଡ ଲିଗ ସମେତ ବାକି ବଡ଼ ଇଭେଣ୍ଟରେ ଭାଗ ନେବେ କି ନାହିଁ, ସେକଥା ଘୋଷଣା କରିବେ । ନୀରଜ ଚୋପ୍ରାଙ୍କ ଦାଦା ଭୀମ ଚୋପ୍ରା କହିଛନ୍ତି, ନୀରଜ ପ୍ୟାରିସରୁ ଜର୍ମାନୀ ଯାଇଛନ୍ତି । ସେଠାରେ ସେ ସର୍ଜରୀ ହେବ କି ନାହିଁ ସେନେଇ ଡାକ୍ତରଙ୍କ ସହ ଆଲୋଚନା କରିବେ । ତାଙ୍କ ଆହତ ସମସ୍ୟାର ସର୍ଜରୀ ୧୨ ମାସ ହେଲା ବିଳମ୍ବିତ ହୋଇ ଚାଲିଛି । ଏଥର ସେ ଡାକ୍ତରଙ୍କ ସହ ବିସ୍ତୃତ ଭାବେ ସର୍ଜରୀ ସମ୍ପର୍କରେ ଆଲୋଚନା କରିବେ । ସେଠାରେ ସେ ଗୋଟିଏ ମାସରୁ ଅଧିକ ଦିନ ରହିବେ । ନୀରଜ ବେଶ କିଛି ଦିନ ହେରନିଆ ସହ ସଂଘର୍ଷ କରୁଛନ୍ତି । ଏଥିପାଇଁ ସେ ଜଙ୍ଘରେ ମଧ୍ୟ ସମସ୍ୟା ଅନୁଭବ କରୁଛନ୍ତି । ନୀରଜ ଚୋପ୍ରା ୮୯.୪୫ ମିଟର ଦୂରତାକୁ ପ୍ୟାରିସ ଅଲିମ୍ପିକ୍ସରେ ଜାଭେଲିନ ଫିଙ୍ଗି ରୌପ୍ୟ ଜିତି ଥିବା ବେଳେ ପାକିସ୍ତାନର ଅର୍ଶଦ ନଦମୀ ରେକର୍ଡ ୯୨.୯୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ଜିତିଥିଲେ । ଫାଇନାଲ ପରେ ନୀରଜ ନିଜର ଆହତ ସମସ୍ୟା ସମ୍ପର୍କରେ ସୂଚନା